



ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

**The Dhwani Pratidhwani**

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୨୧ ଜୁଲାଇ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 21 JULY 2021
Vol.No. 32 ■ No. 185 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଅଶ୍ଳୀଳ ଫିଲ୍ମ ନିର୍ମାଣ କରି ଫସିଲେ ଶିଳ୍ପା ସେଟ୍ଟୀଙ୍କ ସ୍ୱାମୀ ରାଜ୍ କୁନ୍ଦ୍ରା

ମୁମ୍ବଇ,୨୦/୦୭ (ନି.ପ୍ର): ଅଶ୍ଳୀଳ ଫିଲ୍ମ ନିର୍ମାଣ କରି ଫଶି ଯାଇଛନ୍ତି ବଲିଉଡ୍ ଅଭିନେତ୍ରୀ ଶିଳ୍ପାସେଟ୍ଟୀଙ୍କ ସ୍ୱାମୀ ରାଜ କୁନ୍ଦ୍ରା । ବିରୋଧରେ ଯଥେଷ୍ଟ ପ୍ରମାଣ ପାଇବା ପରେ ଗତ ରାତିରେ ତାଙ୍କୁ ଗିରଫ କରିଛି ମୁମ୍ବାଇ କ୍ରାଇମବ୍ରାଂଚ । ଗିରଫ ପରେ ମୁମ୍ବାଇ ପୋଲିସ କହିଛି ଅଶ୍ଳୀଳ ଫିଲ୍ମ ନିର୍ମାଣ କରି ସେଥିରୁ କୋଟି କୋଟି ଟଙ୍କା ରୋଜଗାର କରୁଥିଲେ ୪୫ବର୍ଷିୟ ଶିଳ୍ପପତି ରାଜ କୁନ୍ଦ୍ରା । ଏହି ମାମମଲାର ସେ ହେଉଛନ୍ତି ମୁଖ୍ୟ କାର୍ପଟଦାର । କୋର୍ଟରେ ହାଜର କରିବା ପରେ ଅଧିକ ତଦନ୍ତ ପାଇଁ କୁନ୍ଦ୍ରାଙ୍କୁ ତିନି ଦିନିଆ ରିମାଣ୍ଡରେ ନେଇଛି ପୋଲିସ । ଗିରଫ ହେଲେ ବଲିଉଡ୍ ଅଭିନେତ୍ରୀ ଶିଳ୍ପା ସେଟ୍ଟୀଙ୍କ ସ୍ୱାମୀ ତଥା କୋଟିପତି ବ୍ୟବସାୟୀ ରାଜ କୁନ୍ଦ୍ରା । ମୁମ୍ବାଇ କ୍ରାଇମବ୍ରାଂଚ ରାଜକୁନ୍ଦ୍ରାଙ୍କୁ ସୋମବାର ରାତିରେ ଗିରଫ କରିଛି । ତାଙ୍କ ନାଁରେ ଅଶ୍ଳୀଳ ଫିଲ୍ମ ପ୍ରସ୍ତୁତ କରୁଥିବା ଏବଂ ତାକୁ କିଛି ଆପ୍ ଜରିଆରେ ରିଲିଜ୍ କରିବାର ସଙ୍ଗୀନ ଅଭିଯୋଗ ଲାଗିଛି । ଘଟଣାରେ ରାଜ କୁନ୍ଦ୍ରାଙ୍କ



ବିରୋଧରେ କ୍ରାଇମବ୍ରାଂଚ ପାଖରେ ରହିଛି ପର୍ଯ୍ୟାପ୍ତ ପ୍ରମାଣ । କେବଳ ସେତିକି ନୁହେଁ ଅଶ୍ଳୀଳ ସିନେମା ପ୍ରସ୍ତୁତ କରିବା ପଛରେ ରାଜ କୁନ୍ଦ୍ରା ମୁଖ୍ୟ କାର୍ପଟଦାର ଥିବା ପୋଲିସ ଦାବି କରିଛି । ଏହି ମାମଲାରେ ରାଜ କୁନ୍ଦ୍ରାଙ୍କ ବ୍ୟତିତ ରେୟାନ ଜାନ ନାମକ ଜଣେ ବ୍ୟକ୍ତିଙ୍କୁ ମୁମ୍ବାଇ ପୋଲିସ ଗିରଫ କରିଛି । ପୋଲିସ ସୁଚନା ମୁତାବିକ ରାଜ କୁନ୍ଦ୍ରଙ୍କ 'ଭିଆନ୍' ନମକ କମ୍ପାନୀ ଆକାଉଂଟରେ ବିପୁଳ ପରିମାଣର ବିଦେଶୀ ମୁଦ୍ରା ରହିଛି । ତେଣୁ ଏହି ମାମଲାର ଅଧିକ ଯାଂଚ ହେବା ଆବଶ୍ୟକ ରହିଛି । ଏହି ମାମଲାରେ ସମ୍ପୃକ୍ତ ଥିବା ଲୋକଙ୍କୁ ହେପାଜତରେ ନେଇ ଅଧିକ ପଚରା ଉଚରା ହେବା ଜରୁରୀ ବୋଲି କହିଛି ପୋଲିସ । ତେଣୁ ରାଜ ଏବଂ ରିୟାନଙ୍କୁ ପୋଲିସ ହେପାଜତକୁ ନେବା ପାଇଁ ସମୟ ମାଗିଛି । ସୁଚନା ଅନୁସାରେ ରାଜ ଏକ ହ୍ୱାଟସ ଆପ୍ ଗ୍ରୁପ୍ କରିଥିଲେ । ଏହି ଗୃପରେ ଅଶ୍ଳିଳ ସିନେମା ବିଷୟରେ ଆଲୋଚନା କରାଯାଉଥିଲା । ତେବେ ରାଜକୁନ୍ଦ୍ରାଙ୍କୁ ମଙ୍ଗଳବାର କିଲ୍ଲା କୋର୍ଟରେ ହାଜର କରାଯାଇଛି । କୋର୍ଟ ଶୁଣାଣୀ କରି ରାଜ କୁନ୍ଦ୍ରାଙ୍କୁ ୩ ଦିନିଆ ପୋଲିସ ରିମାଣ୍ଡରେ ପଠାଇ ଦେଇଛନ୍ତି । ସେପଟେ ଏହି ମାମଲାରେ ରାଜ କୁନ୍ଦ୍ରାଙ୍କ ସମେତ ୧୦ ଜଣଙ୍କ ନା ସମ୍ପୃକ୍ତ ଥିବା ଜଣାପଡ଼ିଛି । ଅନ୍ୟପଟେ ରାଜକୁନ୍ଦ୍ରାଙ୍କ ମୋବାଇଲ ଫୋନକୁ ଫରେନ୍ସିକ ତଦନ୍ତ ପାଇଁ ପଠାଯାଇଛି ।

# ସିଦ୍ଧୁଙ୍କ ପିସିସି ସଭାପତି ନିଯୁକ୍ତି ପରେ ବଡ ଧରଣର ବିବାଦ ନେଇ ଆଶଙ୍କା !

ନୂଆଦିଲ୍ଲୀ,୨୦/୦୭: ପଂଜାବ କଂଗ୍ରେସରେ ଲାଗି ରହିଥିବା ସମସ୍ୟାର ସମାଧାନ ପାଇଁ କଂଗ୍ରେସ ହାଇକମାଣ୍ଡ ସୋନିଆ ଗାନ୍ଧି ନେଲେ ବଡ ନିଷ୍ପତ୍ତି । ଯେଉଁଥିରେ ନବଜୋତ ସିଂହ ସିଦ୍ଧୁ ରାଜ୍ୟ କଂଗ୍ରେସ ଅଧକ୍ଷ ଭାବେ ଦାୟିତ୍ୱ ନେଇଛନ୍ତି । ନୂଆ ଦାୟିତ୍ୱ ମିଳିବା ପରେ ଗାନ୍ଧୀ ପରିବାରକୁ ଧନ୍ୟବାଦ ଜଣାଇଛନ୍ତି ନବଜୋତ ସିଂହ ସିଦ୍ଧୁ । ପଂଜାବ କଂଗ୍ରେସର ଅଧକ୍ଷ ହେବା ପରେ କିଛି ଏପରି ଖୁସି ମନାଉଛନ୍ତି ନବଜୋତ ସିଂହ ସିଦ୍ଧୁ । ନିଜ ସମର୍ଥକଙ୍କ ଗହଣରେ ଖୁସିରେ ଜଶନ କରୁଛନ୍ତି ଏହି ବରିଷ୍ଠ କଂଗ୍ରେସ ନେତା । ଅନେକ ଦିନ କସରତ, ଦିଲ୍ଲୀରେ ହାଇ କମାଣ୍ଡଙ୍କ ପାଖରେ ଗୁହାରି ପରେ ଶେଷରେ ସିଦ୍ଧୁଙ୍କୁ ମିଳିଛି ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ । ଏହି ଦାୟିତ୍ୱ ମିଳିବା ପରେ କଂଗ୍ରେସର ଅନ୍ତରୀଣ ଅଧକ୍ଷା ସୋନିଆ ଗାନ୍ଧି, ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀ ବଡ୍ରାଙ୍କୁ ଧନ୍ୟବାଦ ଜଣାଇଛନ୍ତି

▶▶ପୃଷ୍ଠା ୭

## ରାଜ୍ୟରେ ଆସନ୍ତା ୪ ଦିନ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର,୨୦/୦୭(ନି.ପ୍ର): ଆସନ୍ତା ୨୧ ତାରିଖ ଦିନ ଉତ୍ତର-ପଶ୍ଚିମ ବଙ୍ଗୋପ ସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାକୁ ଯାଉଛି । ଏହା ପ୍ରଭାବରେ ୨୨ ତାରିଖ ରାତି କିମ୍ବା ୨୩ ତାରିଖ ସକାଳ ଆଡ଼କୁ ଏକ ଲଘୁଚାପ କ୍ଷେତ୍ର ବଙ୍ଗୋପସାଗରରେ ସୃଷ୍ଟି ହେବ। ଫଳରେ ରାଜ୍ୟରେ ଆଜିଠାରୁ ୨୩ ତାରିଖ ପର୍ଯ୍ୟନ୍ତ ଅଧିକାଂଶ ସ୍ଥାନରେ ବର୍ଷା ଲାଗି ରହିବ । କିଛି କିଛି ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇପାରେ । ଏଥିପାଇଁ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । କେନ୍ଦ୍ର କହିଛି ଯେ ୨୩ତାରିଖ ଆଡ଼କୁ ଏକ ଲଘୁଚାପ କ୍ଷେତ୍ର ବଙ୍ଗୋପ ସାଗରରେ

▶▶ପୃଷ୍ଠା ୭


DADLS-12



ପବିତ୍ର ଇଦ୍-ଉଜ୍-ଜୁହା-୨୦୨୧ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା ।

ପବିତ୍ର ଇଦ୍-ଉଜ୍-ଜୁହା ଅବସରରେ ମୁଁ ଆମ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ସେବା, ସମର୍ପଣ, ତ୍ୟାଗ ଓ ତିତିକ୍ଷାର ଏହି ପର୍ବରେ ସମସ୍ତେ ସାମିଲ ହେବା ସହ ମୁସଲମାନ ଭାଇଭଉଣୀମାନଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ ଉତ୍ସର୍ଗୀକୃତଭାବେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

'କରୋନା' ମହାମାରୀ ବିରୋଧରେ ଓଡ଼ିଶାର ଲଢ଼େଇରେ ସାମିଲ ହୋଇ ଧୈର୍ଯ୍ୟ ଓ ସାହସର ସହ ମୁକାବିଲା ନିମନ୍ତେ ସମସ୍ତଙ୍କର ସକ୍ରିୟ ସହଯୋଗ କାମନା କରୁଛି ।

(ଗଣେଶୀ ଲାଲ)

OIPR : 15001/13/0019/2122


## କଟକରେ କାର୍ଯ୍ୟକ୍ଷମ ହେବ ୯ଟି ଇକମୋ ମେସିନ

ଭୁବନେଶ୍ୱର,୨୦/୦୭ (ନି.ପ୍ର): କରୋନା ମୁକାବିଲା ପାଇଁ ରାଜ୍ୟ ସରକାର ପ୍ରସ୍ତୁତି ଚଲାଇଛନ୍ତି। ସରକାର ସର୍ବସାଧାରଣ ଲୋକଙ୍କର ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଉଛନ୍ତି। କରୋନା ସଂକ୍ରମିତ ଗୁରୁତର ଆକ୍ରାନ୍ତଙ୍କ ଚିକିତ୍ସା ଲାଗି ଇକ୍‌ମୋ ମେସିନ ପ୍ରତିଷ୍ଠା କରୁଛନ୍ତି । କେବଳ କଟକରେ ୯ଟି ଇକମୋ ମେସିନ କାର୍ଯ୍ୟକ୍ଷମ ହେବ ବୋଲି ଡିଏମଇଟି ସିବିକେ ମହାନ୍ତି ସୂଚନା ଦେଇଛନ୍ତି । ଡିଏମ୍‌ଇଟି କହିଛନ୍ତି ଯେ, ଗତକାଲି ଏସ୍‌ସିବିକୁ ଗୋଟିଏ ଇକମୋ ମେସିନ ଆସି ପହଂଚିଛି। ବାକି ସବୁ ଜୁଲାଇ ଶେଷ ସୁଦ୍ଧା ଆସି ପହଂଚିବ। ଅଗଷ୍ଟ ୧୫ରେ ଏଗୁଡ଼ିକ ପୁରା କାର୍ଯ୍ୟକ୍ଷମ ହୋଇଯିବ। ଏହି ମେସିନ ପରିଚାଳନା ପାଇଁ ଟ୍ରେନିଂ ଚାଲିଛି ଓ ବିଶେଷଜ୍ଞମାନଙ୍କୁ ନିଯୁକ୍ତି ଦିଆଯିବ।

# ପେଗାସସ୍ ଗୁଇନ୍ଦାଗିରି ପ୍ରସଙ୍ଗରେ ସଂସଦ ଗୃହ ଗରମ

## କେନ୍ଦ୍ରକୁ ଘେରିଲେ ବିରୋଧୀ, ଜବାବ୍ ଦେଲେ ସରକାର

ନୂଆଦିଲ୍ଲୀ,୨୦/୦୭: ମୌସୁମୀ ଅଧିବେଶନର ପ୍ରଥମ ଦିନରେ ଯେଉଁ ପ୍ରସଙ୍ଗକୁ ନେଇ ଗୃହ ତାତିଥିଲା, ତାହା ହେଉଛି ପେଗାସସ ଗୁଇନ୍ଦାଗିରି ପ୍ରସଙ୍ଗ । ଇସ୍ରାଏଲର ସ୍ପାଏ ୱୟାର ଜରିଆରେ ଭାରତରେ ନେତାଙ୍କ ଠାରୁ ବୈଜ୍ଞାନିକଙ୍କ ମୋବାଇଲ ଫୋନ୍ ହ୍ୟାକ୍ ଘଟଣାକୁ ନେଇ କେନ୍ଦ୍ର ସରକାରଙ୍କୁ ଘେରିଛନ୍ତି ବିରୋଧୀ । ଶେଷରେ ଏହାକୁ ନେଇ ସଦନରେ ଉତର ରଖିବାକୁ ବାଧ ହୋଇଥିଲେ କେନ୍ଦ୍ର ଆଇଟି ମନ୍ତ୍ରୀ । କହିଥିଲେ ପ୍ରକାଶିତ ରିପୋର୍ଟ ଭୁଲ, ସେପରି କୌଣସି କାମରେ ଲିପ୍ତ ନାହାନ୍ତି କେନ୍ଦ୍ର ସରକାର । କରୋନା ସଂକଟ, ଦରବୃଦ୍ଧି ଏବଂ ଅନ୍ୟ ସମସ୍ତ ବଡ ପ୍ରସଙ୍ଗ ଭିତରେ ମୌସୁମୀ ଅଧିବେଶନର ପ୍ରଥମ ଦିନରେ ଯେଉଁ ପ୍ରସଙ୍ଗ ପ୍ରମୁଖ



ପାଲଟିଥିଲା , ତା ହେଉଛି ପେଗାସସ ସ୍ପାଏ ଇସ୍ୟୁ । ଏହା ହେଉଛି ଏକ ପ୍ରକାର ଫୋନ୍ ହ୍ୟାକିଂର ମାମଲା । କିଛି ଦିନ ଆଗରୁ ଅନ୍ତର୍ଜାତୀୟ ଗଣମାଧ୍ୟମରେ ଜାରି ଏକ ରିପୋର୍ଟରେ ଦାବି କରାଯାଇଛି , କି ପେଗାସସ ସ୍ପାଏ ୱୟାର ଜରିଆରେ ଭାରତରେ ଅନେକ ସାଂବାଦିକ, ନେତା ଏବଂ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ଫୋନ୍ ହ୍ୟାକ୍ କରାଯାଇଛି । ବିରୋଧୀ ଦାବି କରିଛନ୍ତି ଏ ସବୁ ସରକାରଙ୍କ ଦ୍ୱାରା କରାଯାଇଛି । ଏହାକୁ ନେଇ ମୌସୁମୀ ଅଧିବେଶନର ପ୍ରଥମ ଦିନରେ

▶▶ପୃଷ୍ଠା ୭


DADLS-12



ପବିତ୍ର ଇଦ୍-ଉଜ୍-ଜୁହା-୨୦୨୧ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା।

ପବିତ୍ର ଇଦ୍-ଉଜ୍-ଜୁହା ପର୍ବ ଉପଲକ୍ଷେ ମୁଁ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ଏବଂ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି ।

କୋଭିଡର ବିପଦ ଏ ପର୍ଯ୍ୟନ୍ତ ଦୂର ହୋଇନାହିଁ । ତେଣୁ ମୋର ନିବେଦନ, ଆସନ୍ତୁ ସମସ୍ତେ କୋଭିଡ ନିୟମ ପାଳନ କରିବା । ମାସ୍କ ପିନ୍ଧିବା, ହାତ ଧୋଇବା ଓ ସାମାଜିକ ଦୂରତା ରକ୍ଷା କରି ନିଜେ ସୁସ୍ଥ ରହିବା ଓ ନିଜ ପରିବାରକୁ ମଧ ନିରାପଦ ରଖିବା ।

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR : 15001/13/0019/2122


# ବର୍ଷାରେ ବୁଡିଲା ରାଜଧାନୀ

ଭୁବନେଶ୍ୱର,୨୦/୦୭ (ନି.ପ୍ର): ଭୁବନେଶ୍ୱରରେ ଅସରାଏ ବର୍ଷାରେ ବେହାଲ ହେଲେ ରାଜଧାନୀବାସୀ। ମଙ୍ଗଳବାର ଅପରାହ୍ନରେ ହୋଇଥିବା ବର୍ଷାରେ ରାଜଧାନୀର ଅଧିକାଂଶ ଅଂଚଳର ଜଳମଗ୍ନ ହୋଇଯାଇଥିଲା। ତଳିଆ ଅଂଚଳରେ ପାଣି ପଶିଯାଇଥିବା ବେଳେ ରାସ୍ତା ପରେ ମୁଣ୍ଡେ ଉଚ୍ଚାରେ ପାଣି ଚାଲୁଥିଲା। ଚିରାଚରିତ ଢଙ୍ଗରେ ନୟାପଲ୍ଲୀ ସ୍ଥିତ ଇସ୍କନ ମନ୍ଦିର ସମ୍ମୁଖରେ କୃତ୍ରିମ ବନ୍ୟା ସୃଷ୍ଟି ହୋଇଥିଲା। ମଙ୍ଗଳବାର



ଅପରାହ୍ନରେ ଭୁବନେଶ୍ୱରରେ ବିପ୍ରାତ ରଚିଛି ଅଦିନିଆ ବର୍ଷା । ଚତୁପାର୍ଶ୍ୱ ଜଳମଗ୍ନ ହେବା ସହ ରାସ୍ତାରେ ବହୁ ଉଚ୍ଚାରେ ପାଣିଚାଲିବା ହେତୁ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଅନେକ ସ୍ଥାନରେ ଗାଡ଼ି ମୋଟର ପାଣି ଭିତରେ ଫସି ରହିଥିବା ମଧ ଦେଖିବାକୁ ମିଳିଥିଲା। ପାଖାପାଖି ଦୁଇ ଘଂଟା ଧରି ରାଜଧାନୀବାସୀ ହଇରାଣ ହୋଇଥିଲେ। ବିଭିନ୍ନ ବସ୍ତି ଅଂଚଳ ସମେତ ତଳିଆ ଅଂଚଳରେ ଲୋକଙ୍କ ଘରେ ପାଣି ପଶିଯାଇଥିଲା। ଇସ୍କନ ସମ୍ମୁଖରେ ପାଣି ଜମିବା ହେତୁ ଗାଡି ଭାସିବାର ଦେଖିବାକୁ ମିଳିଥିଲା।

# ପୀୟୁଷ ଗୋୟଲଙ୍କୁ ଭେଟିଲେ ବିଜେଡି ସାଂସଦ

ନୂଆଦିଲ୍ଲୀ/ଭୁବନେଶ୍ୱର,୨୦/୦୭ (ନି.ପ୍ର): ରାଜ୍ୟକୁ ବକେୟା ଖାଦ୍ୟ ସବସିଡି ପ୍ରଦାନ କରିବା, ବଳକା ଚାଉଳ କ୍ରୟ କରିବା ଏବଂ ଅଖା ଅଭାବ ଦୂର କରିବାକୁ ବିଜେଡି ଦାବି କରିଛି। ବିଜେଡି ସାଂସଦମାନେ ମଙ୍ଗଳବାର କେନ୍ଦ୍ର ଖାଦ୍ୟ ଓ ଉପଭୋକ୍ତା ବ୍ୟାପାର ମନ୍ତ୍ରୀ ପୀୟୁଷ ଗୋୟଲଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। କେନ୍ଦ୍ର ମନ୍ତ୍ରୀ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ନେଇ ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି। ଉକ୍ତ ପ୍ରତିନିଧି ଦଳରେ ବିଜେଡି ସାଂସଦ ପ୍ରସନ୍ନ ଆଚାର୍ଯ୍ୟ, ଅମର ପଟ୍ଟନାୟକ, ଅନୁଭବ ମହାନ୍ତି, ସସ୍ମିତ ପାତ୍ର, ଚନ୍ଦ୍ରାଣୀ ମୁର୍ମୁ, ସୁବାସ ସିଂ, ମୁନ୍ନା ଖାଁ ପ୍ରମୁଖ ଉପସ୍ଥିତ ଥିଲେ।

## ସରିଲା ମହାପ୍ରଭୁଙ୍କ ନବଦିନ ଯାତ୍ରା, ସମସ୍ତଙ୍କୁ ଧନ୍ୟବାଦ ଦେଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୨୦/୦୭(ନି.ପ୍ର): କୋଭିଡ କଟକଣା ମଧ୍ୟରେ ସମସ୍ତଙ୍କ ସହଯୋଗରେ ମହାପ୍ରଭୁଙ୍କ ନବଦିନ ଯାତ୍ରା ସୁରୁଖୁରୁରେ ଶେଷ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଆନନ୍ଦ ପ୍ରକାଶ କରିଛନ୍ତି । ଏହି କଠିନ ପରିସ୍ଥିତିରେ ମହାପ୍ରଭୂଙ୍କ କରୁଣା ଯୋଗୁ ଏହା ସମ୍ଭବ ହୋଇପାରିଲା ବୋଲି ବର୍ଣ୍ଣନାକରି ମୁଖ୍ୟମନ୍ତ୍ରୀ ମହାପ୍ରଭୁଙ୍କ ନିକଟରେ ତାଙ୍କର ଭକ୍ତି ନିବେଦନ କରିଛନ୍ତି । ସେବାୟତମାନେ ଯେଉଁଭଳି ଭକ୍ତି ଓ ସମର୍ପଣର ଭାବ ନେଇ ମହାପ୍ରଭୁଙ୍କ ନୀତିକାନ୍ତି ଠିକ୍ ସମୟରେ ସମ୍ପନ୍ନ କଲେ ମୁଖ୍ୟମନ୍ତ୍ରୀ ତାର

▶▶ପୃଷ୍ଠା ୭


DADLS-12



ଇଦ୍-ଉଜ୍-ଜୁହା ଉପଲକ୍ଷେ ବାର୍ତ୍ତା

ତ୍ୟାଗ, ସମର୍ପଣ ଓ ଉତ୍ସର୍ଗର ପବିତ୍ର ଇଦ୍-ଉଜ୍-ଜୁହା ଅବସରରେ ମୁଁ ରାଜ୍ୟବାସୀ ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ।

କରୋନା ମହାମାରୀର କଠିନ ସମୟରେ ଆପଣମାନେ କୋଭିଡ ନିୟମାବଳୀ ଅନୁପାଳନ ପୂର୍ବକ ଏହି ପର୍ବ ପାଳନ କରିବାକୁ ମୁଁ ସମସ୍ତଙ୍କୁ ନିବେଦନଦ କରୁଛି ।

(ରଘୁନନ୍ଦନ ଦାସ)
ସୂଚନା ଓ ଲୋକସମ୍ପର୍କ, ଜଳସମ୍ପଦ ମନ୍ତ୍ରୀ, ଓଡ଼ିଶା

OIPR : 15001/13/0019/2122

# ଚରମ୍ପା ବରିଷ୍ଠ ନାଗରିକ ସଂଘର କରୋନା ସଚେତନତା ଓ ଶ୍ରଦ୍ଧାଞ୍ଜଳି ସଭା




ଭଦ୍ରକ,୨୦/୭ (ନି.ପ୍ର): ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପ୍ରାଙ୍ଗଣରେ କୋଭିଡ଼ - ୧୯ ନିୟମ ପାଳନ କରି ଗଗନ ବିହାରୀ ରାଉତଙ୍କ ସଭାପତିତ୍ୱରେ ସଂଘର ବୈଠକ କରାଯାଇଛି। ପ୍ରଥମେ ସଂଘର ସଦସ୍ୟ ପ୍ରାଧ୍ୟାପକ ସ୍ୱର୍ଗତ ପ୍ରଭାତ କୁମାର ବଳ ଓ କବି ସ୍ୱର୍ଗତ ସଦାନନ୍ଦ ସାହୁଙ୍କ ଦେହାନ୍ତ ଜନିତ ଶୋକସଭା ଓ ଶ୍ରଦ୍ଧା ସୁମନ ଅର୍ପଣ, ନିରବ ପ୍ରାର୍ଥନା କରାଯାଇଥିଲା। ପଦ୍ମଲୋଚନ ମହାଳିକ, ବାବୁଲାଲ ଦାସ, କ୍ଷିତିଶ ଚନ୍ଦ୍ର ରାଉତ, ଜଗବନ୍ଧୁ ମହାନ୍ତି, ନିର୍ମଳ ଚନ୍ଦ୍ର ମହାନ୍ତି, ରତ୍ନାକର ହାତୀ, ଶତରୂପା ବଳ, ସ୍ମିତପ୍ରଜ୍ଞା ବଳ, ନରେନ୍ଦ୍ର ପଟ୍ଟନାୟକ ପ୍ରମୁଖ ସ୍ମୃତି ଚାରଣ କରିଥିଲେ। ସଂଘର ସାଧାରଣ ସମ୍ପାଦକ କୈଳାସ ମହାପାତ୍ର ସମସ୍ତ ବରିଷ୍ଠ ନାଗରିକମାନଙ୍କୁ ଅନୁରୋଧ କରି ପ୍ରକାଶ କଲେ କି, କରୋନା ମହାମାରୀ ସମୟରେ ଜିଲ୍ଲା ପ୍ରଶାସନ ସମସ୍ତ ବରିଷ୍ଠ ନାଗରିକମାନଙ୍କୁ ଟିକା ପ୍ରଦାନ କରାଇଥିବାରୁ ବୈଠକରେ ସାଧୁବାଦ ଅର୍ପଣ କରାଯାଇଥିଲା। ଓଡ଼ିଶା ସାମାଜିକ ସୁରକ୍ଷା ବିଭାଗର ସଚିବ ଗତ ମାର୍ଚ୍ଚ ୩ ତାରିଖରେ ମସସ୍ତ ଜିଲ୍ଲାପାଳଙ୍କୁ ପତ୍ର ମାଧ୍ୟମରେ ଅବଗତ କରି ବରିଷ୍ଠ ନାଗରିକମାନଙ୍କ ପାଇଁ ଉତ୍ତମ ସ୍ୱାସ୍ଥ୍ୟ ସେବା, ଅବସର ବିନୋଦନ, ଯୋଗ, ଫିଜିଓଥେରାପି କରିବା ପାଇଁ ଆନୁସଂଗିକ ସବୁିଧା ଯୋଗାଇବା ପାଇଁ, କିନ୍ତୁ ଚରମ୍ପା ବରିଷ୍ଠ ନାଗରିକ ସଂଘ ଭଦ୍ରକ ତହସିଲଦାରଙ୍କୁ ସଂଘ ପାଇଁ ଏହି ସବୁ କାର୍ଯ୍ୟ ସମ୍ପନ୍ନ ନିମନ୍ତେ ୪ ଡିସିମିଲ ସରକାରୀ ଯାଗା ଯୋଗାଇଦେବାକୁ ଅନୁରୋଧ କରିଥିଲେ ମଧ ଦୀର୍ଘ ୨ ବର୍ଷ ବିତି ଯାଇଥିଲେ ବି ପ୍ରଶାସନ ସଂଘକୁ ଯାଗା ଯୋଗାଇ ଦେଉନାହିଁ। ଏ ନେଇ ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା। ସଂଘର କୋଷାଧକ୍ଷ ସୁଦର୍ଶନ ବିଶ୍ୱାଳ ସଂଘର ଆୟବ୍ୟୟର ଆଷଳାଚନା କରିଥିଲେ। ନୂତନ ସଭ୍ୟଙ୍କ ପାଇଁ ସଭ୍ୟ ଚାନ୍ଦା କମ୍ କରିବାକୁ ସଭ୍ୟ କଳାକାର ମିଶ୍ର, ଶ୍ରୀନିବାସ ବେହେରା, ସୁରେନ୍ଦ୍ର ମଲିକ, ବରଦା ପଣ୍ଡା, ଗୋପାଳ ପଣ୍ଡା, ଶଙ୍କର୍ଷଣ ସାହୁ, ଅନନ୍ତ ନାୟକ, ବିଶ୍ୱନାଥ ବେହେରା, ବିଜୟ ସେନାପତି, ଉପେନ୍ଦ୍ର ରାଉତ, ଚିତ୍ତରଂଜନ ଦାସ, ଶ୍ରୀକାନ୍ତ ସେଠୀ, ମଥୁରାମୋହନ ନାୟକ, ଅମରନାଥ ସାହୁ ପ୍ରମୁଖଙ୍କୁ ଆଗାମୀ ବର୍ଷ ପାଇଁ ସଂଘର କର୍ମକର୍ତ୍ତା ଚୟନ ପାଇଁ ନିତି ନିର୍ଦ୍ଧାଣ କରିବାକୁ ଅନୁରୋଧ କରାଯାଇଥଲା। ତେବେ କରୋନା ଜନିତ ନୂତନ କର୍ମକର୍ତ୍ତା ଚୟନରେ ବିଳମ୍ବ ହେଉଥିବାରୁ ନୂତନ କର୍ମକର୍ତ୍ତା ଚୟନ ପର୍ଯ୍ୟନ୍ତ ବର୍ତ୍ତମାନର କର୍ମକର୍ତ୍ତାମାନେ ଦାୟିତ୍ୱ ନିର୍ବାହ କରିବାକୁ ସଂଘ ପକ୍ଷରୁ କୁହାଯାଇଥିଲା। ସଂଘ ପକ୍ଷରୁ ଆସନ୍ତା ସ୍ୱାଧୀନତା ଦିବସକୁ କରୋନା କଟକଣାରେ ପାଳନ କରିବାକୁ ନିଷ୍ପତି ନିଆଯାଇଥିଲା। ଶେଷରେ ସମ୍ପାଦକ ଶ୍ରୀ ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# କେନ୍ଦୁଝରରେ ମା' ଓ ଛୁଆ ହାତୀର ମୃତ୍ୟୁକୁ ନେଇ ତନାଘନା

କେନ୍ଦୁଝର,୨୦/୭ (ନି.ପ୍ର): କେନ୍ଦୁଝରରେ ଦେଶର ଐତିହ୍ୟ ମାନ୍ୟତା ପ୍ରାପ୍ତ ହାତୀଙ୍କର ମୃତ୍ୟୁ ବଢିବାରେ ଲାଗିଥିବା ବେଳେ ପୁଣି ଏବେ ଦୁଇଟି ହାତୀଙ୍କର ମୃତ୍ୟୁ ଘଟଣା ସମ୍ନାକୁ ଆସିଛି। ଅବଶ୍ୟ ମୃତ୍ୟୁର କାରଣ ଜଣା ପଡି ନଥିଲେ ମଧ ଏହାକୁ ନେଇ ବନ ବିଭାଗ ପକ୍ଷରୁ ତନାଘନା ଆରମ୍ଭ ହୋଇଛି। ମୃତ ହାତୀ ଦ୍ୱୟଙ୍କ ମଧରେ ଗୋଟିଏ ମା ହାତୀ ଓ ଅନ୍ୟଟି ଛୁଆ ହାତୀ ରହିଛି। କିନ୍ତୁ, କିଭଳି ଏବଂ କେଉଁ ପରିସ୍ଥିତିରେ ହାତୀ ଦ୍ୱୟଙ୍କର ମୃତ୍ୟୁ ହେଲା ସେନେଇ କାରଣ ଅସ୍ୱଷ୍ଟ ରହିଛି। କେନ୍ଦୁଝର ଜିଲ୍ଲାର ଆଦିବାସୀ ବହୁଳ ବଂଶପାଳ ବ୍ଲକ ବିଜେପି ରେଞ୍ଜ ଅନ୍ତର୍ଗତ ରବ ଗ୍ରାମ ନିକଟରେ ମୃତ ଅବସ୍ଥାରେ ହାତୀ ଦ୍ୱୟଙ୍କୁ ଠାବ କରାଯାଇଛି। ଗତକାଲି ଅର୍ଥାତ ରବିବାର ରାତ୍ରୀରେ ମା ଓ ଛୁଆ ହାତୀଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ଉଭୟ ହାତୀଙ୍କର ଜଙ୍ଗଲ ଭିତରେ କିଛି ବାଟ ଘୋଷାଡି ହୋଇ ଆସିବା ପରେ ହିଁ ମୃତ୍ୟ ହୋଇଥିବା ସ୍ୱଷ୍ଟ ଜଣା ପଡୁଛି। ସେମାନଙ୍କ ପାଟିରୁ ରକ୍ତ ବାହାରି ଥିବା ଦେଖାଯାଇଛି। ମା ଓ ଛୁଆ ହାତୀ ଉଭୟ ପରସ୍ପର ଠାରୁ ପ୍ରାୟ ୫୦୦ ମିଟର ଦୂରରେ ପଡିଛନ୍ତି। ବିଷର ପ୍ରଭାବରେ କିମ୍ବା ବିଦ୍ୟୁତ ତାର ସଂସ୍ୱର୍ଷରେ ଆସି ଏହି ହାତୀ ଦ୍ୱୟଙ୍କର ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ବିଜେପି ରେଞ୍ଜର ରବ ଅଂଚଳରେ ଏହି ମା ଓ ଛୁଆ ହାତୀ ଘୁରି ବୁଲିବା ସହ ବିଭନ୍ନ ଗ୍ରାମରେ ପଶି କ୍ଷୟ କ୍ଷତି କରୁଥିଲେ। ବନ ବିଭାଗ ପକ୍ଷରୁ ହାତୀ ଦ୍ୱୟଙ୍କୁ ଟ୍ରାକ କରାଯାଉଥିବା ସତ୍ତ୍ୱେ ସେମାନଙ୍କର ମୃତ୍ୟୁ ସମ୍ପର୍କରେ କିପରି ଜାଣି ନପାରିଲେ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିବା ସହ ଏହାକୁ ନେଇ ସସପେନ୍ସ ବଢିବାରେ ଲାଗିଛି। ବିଳମ୍ବରେ ହେଲେ ବି ବିଜେପି ରେଞ୍ଜର ରେଞ୍ଜର ମାନସ ମୁର୍ମୁଙ୍କ ସହ ଅନ୍ୟନ୍ୟା ଅଧିକାରୀ ଓ କର୍ମଚାରୀ ମାନେ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଥିବା ବେଳେ ପୋଷ୍ଟମର୍ଟମ ପରେ ହାତୀ ମୃତ୍ୟୁର କାରଣ ସ୍ୱଷ୍ଟ ହେବ ବୋଲି ଡି.ଏଫ.ଓ . ସ୍ୱୟଂମ ମଲ୍ଲିକ କହିଛନ୍ତି।

# ବାଇକ ଧକ୍କାରେ ଆଦିବାସୀ ଯୁବକର ମୃତ୍ୟୁ

ପାଣିକୋଇଲି,୨୦/୭ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ଅଳତିରି ଗ୍ରାମର ୰ବିଦେଶୀ ମୁଣ୍ଡାଙ୍କ ପୁଅ କୁନା ମୁଣ୍ଡା(୪୫) ରବିବାର ରାତ୍ରିରେ ଅଳତିରି ଗଡାଣୀରେ ଏକ ବିବାହ ଭୋଜି ଖାଇବାକୁ ଯାଉଥିବା ବେଳେ ତାଙ୍କୁ ଏକ ବାଇକ ଧକ୍କା ଦେଇ ପଳାଇ ଯାଇଥିଲା। ଫଳରେ ସେ ଗୁରୁତର ଆହତ ହୋଇ ପଡିଥିଲେ। ତାକୁ ସଙ୍ଗେ ସଙ୍ଗେ ପରିବାର ପକ୍ଷରୁ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସିତ ଅବସ୍ଥାରେ ଆଜି ତାର ମୃତ୍ୟୁ ଘଟିଥିଲା। ଖବର ପାଇ ଏଏସ୍ଆଇ ନୃସିଂହ ଚରଣ ମହାନ୍ତି ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ପହଂଚି ପଂଚନାମା କରିବା ପରେ ଶବ ବ୍ୟବଚ୍ଛେଦ କରାଇଥିଲେ। ଏନେଇ ଏକ ମାମଲା ୨୦୮/୨୧ ରୁଜୁ କରାଯାଇ ତଦନ୍ତ ଜାରି ରହିଥିବାବେଳେ କୁନାର ଶବ ତାର ପରିବାରକୁ ହସ୍ତାନ୍ତର କରାଯାଇଛି।

# ୩ ଅଙ୍ଗନବାଡ଼ି କର୍ମୀଙ୍କୁ ପୁନଃ ନିଯୁକ୍ତି

ଗଞ୍ଜାମ,୨୦/୭ (ନି.ପ୍ର): ଦୀର୍ଘ ଦିନର ଆନ୍ଦୋଳନ ପରେ ଶେଷରେ କାର୍ଯ୍ୟରୁ ବହିଷ୍କୃତ ହୋଇଥିବା ୩ ଅଙ୍ଗନବାଡ଼ି କର୍ମୀଙ୍କୁ ପୁନଃ ନିଯୁକ୍ତି ମିଳିଛି। ସେହି ୩ ଜଣ କର୍ମୀ ହେଲେ କେ. କମଳା, ମଞ୍ଜୁବାଳା ପଣ୍ଡା ଓ ଗିରିଜା ଗୌଡ଼। ସେମାନଙ୍କୁ ଛତ୍ରପୁର ସିଡ଼ିପିଓ କ୍ରିଷ୍ଣା କୁମାରୀ ନନ୍ଦ ପୁନଃ ନିଯୁକ୍ତି ପ୍ରଦାନ କରିଛନ୍ତି। ସୂଚନା ପ୍ରକାରେ, ଅଙ୍ଗନବାଡ଼ି କର୍ମୀଙ୍କ ୬୦ ବର୍ଷ ପରେ ଅତିରିକ୍ତ ୨ ବର୍ଷ କାମ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସୁଯୋଗ ଦିଆଯାଉଛି, କିନ୍ତୁ, ଏହି ୩ ଜଣ କର୍ମୀଙ୍କୁ ୬୦ ବର୍ଷ ପରେ କାର୍ଯ୍ୟରୁ ବିଦା କରାଯାଇଥିଲା। ଉକ୍ତ କର୍ମୀ ଆଉ ୨ ବର୍ଷ ନିଯୁକ୍ତି ପାଇଁ ଦାବି କରୁଥିଲେ। ଛତ୍ରପୁର ବ୍ଲକ୍ ଅଙ୍ଗନବାଡ଼ି ସଂଘ ପକ୍ଷରୁ ଆନ୍ଦୋଳନ କରାଯାଇଥିଲା। ଗତ ୧୪ ତାରିଖରେ ଅତିରିକ୍ତ ଜିଲ୍ଲାପାଳ ଲିନା କୁମାରୀ ଖୋସଙ୍କ ଅଧ୍ୟକ୍ଷତାରେ ଏକ ଦ୍ୱିପାକ୍ଷିକ ବୈଠକରେ ଏହାର ଏକ ସମାଧାନର ପନ୍ଥା ବାହାର କରାଯାଇ ଆନ୍ଦୋଳନକୁ ସ୍ଥଗିତ କରାଯାଇଥିଲା ଓ ବହିଷ୍କାର କରାଯାଇଥିବା ୩ ଜଣ କର୍ମୀଙ୍କୁ ୨ ବର୍ଷ ପାଇଁ ପୁନଃ ନିଯୁକ୍ତି ପାଇଁ ପ୍ରଶାସନ ଅନୁମତି ପ୍ରଦାନ କରିଛନ୍ତି।

# ୭୦ ଟଙ୍କାରେ କଂଗ୍ରେସ ବିକିଲା ପେଟ୍ରୋଲ

## ଭଦ୍ରକ ବିଧାନସଭା କଂଗ୍ରେସ ପକ୍ଷରୁ ସବୁ ପେଟ୍ରୋଲ ଟାଙ୍କି ଆଗରେ ସଚେତନତା ସ୍ୱାକ୍ଷର ଅଭିଯାନ

ଭଦ୍ରକ,୨୦/୭ (ନି.ପ୍ର): ଭଦ୍ରକ ବିଧାନସଭା କଂଗ୍ରେସ ପକ୍ଷରୁ ପେଟ୍ରୋଲ ଡିଜେଲ ଦରବୃଦ୍ଧିକୁ ପ୍ରତିବାଦ କରି ଆଜି ସମସ୍ତ ପେଟ୍ରୋଲ ପମ୍ପ ଆଗରେ ଜନ ସଚେନତତା ସ୍ୱାକ୍ଷର ଅଭିଯାନ କରାଯିବା ସହିତ ଗ୍ରାହକଙ୍କୁ ୭୦ଟଙ୍କା ଲିଟର ଦରରେ ପେଟ୍ରୋଲ ବିକ୍ରୟ କରାଯାଇଥିଲା। ଭଦ୍ରକ ବିଧାନସଭା ନେତା ନଳିନୀକାନ୍ତ ମହାନ୍ତିଙ୍କ ନେତୃତ୍ୱ ନୂଆବଜାର ବର୍ଷା ପେଟ୍ରୋଲ ପମ୍ପ ଆଗରେ ଅଭିଯାନ କରାଯାଇଥିଲା। ଏଠାରେ ଜିଲ୍ଲା କଂଗ୍ରେସ ସଭାପତି ସୁବ୍ରତ ଦାସ, ଅବଦୁଲ ମୁକିତ୍ ଖାନ, ଅସ୍ରଫ୍ ଅଲିଖାଁ, ସେକ୍ ସମ୍ଦାନୀ, ବିଜୟ ବାରିକ, ସେକ୍ କୁଲଫୁକର, ଏନାମୁଲ ହକ୍ ଖାଁ, ସେକ୍ ସିରାଜୁଦ୍ଦିନ, ପ୍ରଦ୍ୟୁମ୍ନ ଦାସ, ମୀର୍ଜା ଏକ୍ରାମ ପ୍ରମୁକ ଯୋଗ ଦେଇ କଂଗ୍ରେସ ସରକାର ସମୟରେ ପେଟ୍ରୋଲ ଲିଟର ପିଛା ୬୮ ଟଙ୍କା ଥିବା ବେଳେ ବିଜେପି ପେଟ୍ରୋଲ ଦଳ ଜନତାଙ୍କ ଉପରେ ବୋଝ ବୋଲି କହି 'ଅଚ୍ଛା ଦିନ'ର ନାରା ଦେଇ ନିର୍ବାଚନ ବୈତରଣୀ ପାର ହୋଇଥିଲା। ମାତ୍ର ଏବେ ପେଟ୍ରୋଲ ୧୦୩ ଟଙ୍କା ପାର ହେବା କ'ଣ ଅଚ୍ଛାଦିନର ଉଦାହରଣ ବୋଲି ଆରୋପ କରିଥିଲେ। ଏହିଭଳି ଭାବେ ଭଦ୍ରକ ସହରର ସମସ୍ତ ପେଟ୍ରୋଲ ଟାଙ୍କି ଆଗରେ ଦିନ ୧୦ଟା ଠାରୁ ୧ଟା ପର୍ଯ୍ୟନ୍ତ ଏହି ଅଭିଯାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଚରମ୍ପା ନ୍ୟାସନାଲ ପେଟ୍ରୋଲ ପମ୍ପ ଆଗରେ ସେକ୍ ଅବଦୁଲ ସଲାମ, ଦେବେନ୍ଦ୍ର ମହାନ୍ତି, କଦମ୍ବେଢା ପେଟ୍ରୋଲ ପମ୍ପ ଆଗରେ ଆଶିଷ ରାଉତ, ଗୁଲାମ ମଇରୁଦ୍ଦିନ, ଚିଦାନନ୍ଦ ବାରିକ, ସେକ୍ ମାଙ୍ଗୁ, ସେକ୍ ଜଫିରୁଦ୍ଦିନ, ସୋଲେମାନ ଖାଁ, ବରପଦା ଟାଙ୍କି ଆଗରେ ପୀତବାସ ଧଳ, ଦିକ୍ଷିତ ପେଟ୍ରୋଲ ପମ୍ପ ଆଗରେ ସେକ୍ ବବି, ସେକ୍ ନିୟାଜ, ସେକ୍ ଏହମ୍ମଦ, ସେକ୍ ରିୟାଜ, ବୀଣା ପେଟ୍ରୋଲ ପମ୍ପଠାରେ ହେମନ୍ତ ମହାପାତ୍ର, ରାଜେଶ ଦାସ, ଦିପ୍ତିରଂଜନ ଦାସ, ହଳଦୀଡିହ ପେଟ୍ରୋଲ ପମ୍ପଠାରେ ଇଲିଆସ୍ ଅଲୀ ଖାଁ, ଫିରୋଜ ଖାଁ, ସେକ୍ ପିଣ୍ଟୁ, ସାହାବାଜ୍ ଖାଁ,ସେକ୍ ଇମ୍ରାନ ଆଲାମ, କାଜିତ ଖାଁ, ଦକ୍ଷିଣକାଳୀ ମନ୍ଦିର ନିକଟ ପମ୍ପ ଆଗରେ ଫେଣ୍ଟୁ ଆଲାମ୍, ସଂଗ୍ରାମ ସାହୁ, କୃଷ୍ଣଚନ୍ଦ୍ର ସାହୁ, ତେଜା ପେଟ୍ରୋଲ ପମ୍ପଠାରେ ରଂଜନ ଜେନା, ଟୋନି ଅଲି, ଦେବେନ୍ଦ୍ର ପ୍ରଧାନ, ଆରଡି ଛକ ମଲିକ ପମ୍ପରେ ରାଜେନ୍ଦ୍ର ବେହେରା, ଅଭୟ ପ୍ରଧାନ, ରବି ପରିଡା, ଅନୁ ନାୟକ ପ୍ରମୁଖଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ସଚେତନତା ଅଭିଯାନ କାର୍ଯ୍ୟକ୍ରମ କରିଥିଲେ।

# ଭୁବନ ଏନଏସିରେ ଦୁର୍ଯୋଧନ ସାହୁ ନୂତନ ନିର୍ବାହୀ ଅଧିକାରୀ ଭାବେ ଯୋଗଦେଲେ

ଭୁବନ,୨୦/୭ (ନି.ପ୍ର): ଗତ ୨୦୨୦ ଅକ୍ଟୋବର ମାସ ୨୫ ତାରିଖ ଦିନ ଭୁବନ ଏନଏସି ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ବରାଳ ହୃଦଘାତରେ ପରଲୋକ ଗମନ କରିବାର ଦୀର୍ଘ ୯ ମାସ ପରେ ଆଜି ଦୁର୍ଯୋଧନ ସାହୁ ନୂତନ ନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟରେ ଯୋଗଦେଇଛନ୍ତି। ଶ୍ରୀ ସାହୁ ଏହା ପୂର୍ବରୁ ଅନୁଗୁଳ ତହସିଲର ଅତିରିକ୍ତ ତହସିଲଦାର ଭାବେ କାର୍ଯ୍ୟ କରି ଜଣେ ଦକ୍ଷ ଅଫିସର ଭାବେ ସୁନାମ ଅର୍ଜନ କରିଥିଲେ। ୯ ମାସ କାଳ ଭୁବନ ଏନଏସିରେ ନିର୍ବାହୀ ଅଧିକାରୀ ନଥିବାରୁ ତହସିଲଦାର ପ୍ରଭାସ କୁମାର ବେହୁରା ନିର୍ବାହୀ ଅଧିକାରୀ ଓ ଉପଜିଲ୍ଲାପାଳ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ ନଗରପାଳ ଦାୟିତ୍ୱରେ ରହିଥିଲେ (ଇତି ମଧରେ ଉପଜିଲ୍ଲାପାଳଙ୍କର ଅନ୍ୟତ୍ର ବଦଳି ହୋଇଛି)। ଫଳରେ ୯ ମାସ କାଳ ଅଫିସ ସଂପୂର୍ଣ୍ଣ ସ୍ଥାଣୁ ଅବସ୍ଥାରେ ରହିଥିଲା ଓ ସାଧାରଣ ଜନତା ସର୍ବନିମ୍ନ ମୌଳିକ ସୁବିଧା ପାଇବାରୁ ବଂଚିତ ହେଉଥିଲେ। ପ୍ରଥମ ଥର ପାଇଁ ଜଣେ(ଓଏଏସ) ଓଡିଶା ପ୍ରଶାସନିକ ସେବା ଅଧିକାରୀ ଏନଏସି ନିର୍ବାହୀ ଅଧିକାରୀ ଭାବେ ଯୋଗଦେଇଥିବାରୁ ଏନଏସିରେ ଚାଲିଥିବା ମାତ୍ରାଧିକ ଦୁର୍ନୀତି, ପ୍ରିୟାପ୍ରୀତିର ପରିସମାପ୍ତି ଘଟିବ ଓ ସାଧାରଣ ଜନତା ଉପକୃତ ହେବେ ବୋଲି ବୁଦ୍ଧିଜୀବୀ ମାନେ ଆଶା କରୁଛନ୍ତି।

# ସରକାର ଦେଇଥିବା ବାସହୀନମାନଙ୍କ ଜମିକୁ ଜବରଦଖଲ ଅଭିଯୋଗ: ଜିଲ୍ଲାପାଳଙ୍କ ନିକଟରେ ଫେରାଦ ହେଲେ ହିତାଧିକାରୀ

କନ୍ଧମାଳ,୨୦/୭ (ନି.ପ୍ର): କନ୍ଧମାଳ ଜିଲ୍ଲା ଟିକାବାଲି ଥାନା ଅଂଚଳର କିଛି ଭୂମି ହୀନ ଲୋକଙ୍କୁ ସେମାନଙ୍କ ଆବେଦନ ପରେ ସରକାର ଟିକାବାଲି ତହସିଲ ଅନ୍ତର୍ଗତ ସଲପଗାଁ ମୌଜାରେ ଥିବା କିଛି ଯାଗାକୁ ୩୬ ଜଣ ହୀତାଧିକାରୀ ମାନଙ୍କୁ ସେଠାରେ ଥିବା ଯାଗାର ପଟ୍ଟା ୨୦୦୭ ଠାରୁ ୨୦୦୯ ମସିହା ମଧ୍ୟରେ ପର୍ଯ୍ୟାୟ କ୍ରମେ ପ୍ରଦାନ କରା ଯାଇଥିଲା। ୨୦୧୯/୨୦ ମସିହାରେ ଉକ୍ତ ଯାଗାକୁ ନିଜେ ତତ୍କାଳୀନ ତହସିଲଦାର ଉପସ୍ଥିତିରେ ସେହି ଅଂଚଳର ଦାୟୀତ୍ୱରେ ଥିବା ସୁପରଭାଇଜର,ରାଜସ୍ୱ ନିରୀକ୍ଷକ ଏବଂ ତହସିଲ କର୍ମଚାରୀ ମାନଙ୍କ ସହାୟତାରେ ସେମାନଙ୍କୁ ସେମାନଙ୍କ ଯାଗାକୁ ଚିହ୍ନଟ କରାଯଇଥିଲେ। ତା' ପରଦିନ ସେହି ନିକଟରେ ଥିବା ଜିଗୀନାଗାଁ ର କିଛି ଲୋକ ସେଠାରେ ପହଂଚି ସେହି ଯାଗାରେ ଚିହ୍ନଟ ପାଇଁ ତହସିଲ ତରଫରୁ ପୋତାଯାଇଥିବା ଖୁଂଟଗୁଡ଼ିକ ଓପାଡି ଦେବା ସହିତ ଉକ୍ତ ଯାଗାରେ ଏକ ନମ୍ବର ବିହୀନ ଟ୍ରାକ୍ଟର ଯୋଗେ ଜୋର ଜବରଦସ୍ତ କରି ଚାଷ କରି ସେଠାରେ ଏକ କେନାଲ ମଧ୍ୟ ଖୋଳିଥିଲେ। ଫଳରେ ଯାଗା ପାଇଥିବା ବାସହୀନ ହୀତାଧିକାରୀ ମାନେ ଭୟଭୀତ ହୋଇ ତହସିଲଦାର ଏବଂ ଟିକାବାଲି ଥାନାରେ ଲିଖିତ ଭାବରେ ଅଭିଯୋଗ ମଧ୍ୟ କରିଥିଲେ। ହେଲେ ସେତେବେଳେ କୋଭିଡ କଟକଣା ଯୋଗୁଁ କୌଣସି ପଦକ୍ଷେପ ନିଆଯାଇ ନଥିବା ଜଣାପଡିଛି। ତେବେ ହୀତାଧିକାରୀମାନେ ବାରମ୍ବାର ସ୍ଥାନୀୟ ପ୍ରଶାସନ ସମେତ ଇ ଅଭିଯୋଗ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ମଧ୍ୟ ଅଭିଯୋଗ କରିଥିଲେ ହୀତାଧିକାରୀ ମାନେ। ବର୍ତମାନ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ନିର୍ଦ୍ଦେଶ ମଧ୍ୟ ଆସିଛି ଏହି ହୀତାଧିକାରୀମାନଙ୍କ ସମସ୍ୟାର ସମାଧାନ ପାଇଁ। ସେଥିପାଇଁ ଆଜି ହୀତାଧିକାରୀ ମାନେ ମିଶି ଆଜି କନ୍ଧମାଳ ଜିଲ୍ଲାପାଳଙ୍କୁ ଏକ ଦାବୀପତ୍ର ପ୍ରଦାନ କରିଛନ୍ତି। ଏହି ଦାବୀପତ୍ରକୁ କନ୍ଧମାଳ ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ସାହୁ ଗ୍ରହଣ କରିବା ସହିତ ସେମାନଙ୍କ ଯାଗା ସେମାନଙ୍କୁ ଯୋଗାଇବା ଦିଗରେ ପ୍ରଶାସନ ସହାୟତା କରିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି ଦାବୀପତ୍ର ପ୍ରାଦାନ ବେଳେ ହୀତାଧିକାରୀ ଜଇନ୍ଦ୍ର ଦିଗାଲ,ସୁବାସ ଦିଗାଲ,କିନାରୀ ଦିଗାଲ,ବଳିଆ ଦିଗାଲ,ଛବିନା ଦିଗାଲ,ପ୍ରଭଞ୍ଜନ ଦିଗାଲଙ୍କ ସମେତ ଅନ୍ୟ ସମସ୍ତ ହୀତାଧିକଲାରୀ ମାନେ ଉପସ୍ଥିତ ଥିଲେ।

# ଶ୍ରାବଣରେ ବର୍ଷାର ଲୁଚକାଳି: କେନାଲରେ ପାଣି ଆସୁନି,ଚାଷକାର୍ଯ୍ୟ ବାଧାପ୍ରାପ୍ତ

ଧର୍ମଶାଳା,୨୦/୭ (ନି.ପ୍ର): ଧୋକାଦେଲା ମୌସୁମୀ। ଆଷାଢ ଯାଇ ଶ୍ରାବଣ ଆସିଲା। ହେଲେ ବର୍ଷା ଦେଖା ନାହିଁ। ଫଳରେ ଚାଷୀ କୂଳ ଚିନ୍ତାରେ। ବର୍ଷା ଅଭାବରୁ କେନାଲରେ ପାଣି ଆସୁନି। ଫଳରେ ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅଂଚଳରେ ଚାଷକାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ବିଶେଷ କରି ଧାନଚାଷ ପଛୁଆ ହୋଇଗଲାଣି। ରୁଆପୋତା ବିଳମ୍ବ ହେଲେ ଅମଳ ପ୍ରଭାବିତ ହେବା ଆଶଙ୍କା ପ୍ରକାଶ ପାଇଛି। ଏଥିପାଇଁ ଉଭୟ ସେଚ ଓ କୃଷି ବିଭାଗର ଚିନ୍ତା ଥିଲା ଭଳି ମନେ ହେଉନାହିଁ। ଚାଷୀ ଏବେ ମୁଣ୍ଡରେ ହାତଦେଇ ବସିଛି। ପ୍ରକାଶ ଯେ, ଚଳିତ ବର୍ଷ ଧର୍ମଶାଳା ବ୍ଲକରେ ୧୨ହଜାର ୬ଶହ ହେକ୍ଟର ଜମିରେ ଧାନ ଚାଷ କରାଯିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ରଜ ପୂର୍ବରୁ ଭଲ ବର୍ଷା ହୋଇଥିଲେ ହେଁ, ଜୁନ୍ ଶେଷ ସପ୍ତାହ ଓ ଜୁଲାଇ ତୃତୀୟ ସପ୍ତାହ ମଧ୍ୟରେ ଆବଶ୍ୟକତା ଠାରୁ ଅତିକମ୍ ପରିମାଣର ବର୍ଷା ହୋଇଛି। ଏପର୍ଯ୍ୟନ୍ତ କେନାଲରେ ମଧ୍ୟ ପାଣି ଛଡାଯାଉ ନଥିବାରୁ ଚାଷ କାର୍ଯ୍ୟ ଆଗେଇ ପାରୁନାହିଁ। ବର୍ଷା ଅଭାବରୁ ତଳି ପଡିଥିବା ଧାନଗଛ ସବୁ ମରିବାକୁ ବାହାରିଲାଣି। ଯାହାକୁ ନେଇ ଚାଷୀକୂଳ ଏବେ ଚିନ୍ତାରେ। ଆସନ୍ତା ୩/୪ ଦିନ ମଧ୍ୟରେ ଆବଶ୍ୟକ ପରିମାଣର ବର୍ଷା ନହେଲେ ମରୁଡି ପରିସ୍ଥିତି ସୃଷ୍ଟି ହେବ ବୋଲି ଆଶଙ୍କା କରାଯାଉଛି। ଏପଟେ କୃଷି ବିଭାଗ ପକ୍ଷରୁ ପ୍ରକୃତ ଚାଷୀଙ୍କୁ ସରକାରୀ ବିହନ ଯୋଗାଇ ଦିଆଯାଇ ନଥିବା ଅଭିଯୋଗ ହୋଇଛି। ଭାଗଚାଷୀ ସରକାରୀ ବିହନ ପାଇବାରୁ ବଞ୍ଚିତ ହେଉଛନ୍ତି। ଚାଷୀ ନିଜେ ରଖିଥିବା ବିହନକୁ ବ୍ୟବହାର କରୁଛି। ଉନ୍ନତ ବିହନ ଅଭାବରୁ ଚାଷୀ ଅଧିକ ଧାନ ଅମଳ କରିବାରେ ବିଫଳ ହେଉଛି। ତେବେ କୃଷିବିଭାଗ ପକ୍ଷରୁ ଧାଡି ରୁଆ ଧାନଚାଷ ପାଇଁ ୧୯୦ଜଣ ଚାଷୀଙ୍କୁ ହେକ୍ଟର ପିଛା ୧୬କିଲୋ ଲେଖାଏଁ ୩.୪କ୍ୱିଂଟାଲ ମୃଣାଳିନୀ ବିହନ ଯୋଗାଇ ଦିଆଯାଇଛି। ଏହାକୁ ନୀଳାଦେଇପୁର, ଦିଗମ୍ବରପୁର, ଉତରଶାସନ, ନାଉପାଳ, ବଡମଙ୍ଗଳପୁର, ସେବତୀପୁର ଓ ଅଭୟପୁର ମୌଜାରେ ଥିବା ୧୦୦ ହେକ୍ଟର ଜମିରେ ଚାଷ କରାଯିବ ବୋଲି କୃଷିବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ତୁରନ୍ତ କେନାଲରେ ପାଣି ଛାଡିବାକୁ ଚାଷୀମାନେ ଦାବି କରିଛନ୍ତି।

# ଓଟିପିସିଏଲ୍‌ର କାମାକ୍ଷାନଗରଠାରେ ହେବାକୁ ଥିବା ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ମାନଙ୍କର ଦାବିଗୁଡିକ ଉପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିର୍ଦ୍ଦେଶ

ଢେଙ୍କାନାଳ ,୨୦/୭ (ନି.ପ୍ର): ଓଟିପିସିଏଲ୍‌ର କାମାକ୍ଷାନଗରଠାରେ ହେବାକୁ ଥିବା ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ହେଉଥିବା ଓଟିପିସିଏଲ୍ ମରିଚାକଣ ନୂଆଗାଁବିଲ ବିସ୍ଥାପିତ ଟ୍ରେଡ୍ ୟୁନିଅନ୍‌ର ୧୧୨ ଜଣ ଗରିବ ବିସ୍ଥାପିତ ପରିବାର ସଦସ୍ୟଙ୍କ ଦାବିଗୁଡିକ ଉପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ତଥା ବେଆଇନ ଭାବେ ଅତ୍ୟଧିକ ପୋଲିସ୍ ବଳପ୍ରୟୋଗ କରି ଜୋରଜବରଦସ୍ତ ବିସ୍ଥାପନ ନ କରିବା ସମ୍ବନ୍ଧୀୟ କେସରେ "ସ୍ଥାପିତ ଆଇନ ପ୍ରୟୋଗ ପ୍ରଣାଳୀକୁ ସୁନିଶ୍ଚିତ କରିବା" ପାଇଁ ମୁଖ୍ୟ ଶାସନ ସଚିବ ଏବଂ ପୋଲିସ୍ ଡିଜିଙ୍କୁ ଆଜି ମାନ୍ୟବର ଜାତୀୟ ମାନବିକ ଅଧିକାର କମିଶନ୍ (ଏନ୍ଏଚ୍ଆର୍‌ସି) ନିର୍ଦ୍ଦେଶ ଦେଇଛନ୍ତି। ଏଠାରେ ସୂଚନା ଯୋଗ୍ୟ ଯେ, ଏହି ସରକାରୀ ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ହେଉଥିବା ମରିଚାକଣ ଏବଂ ନୂଆଗାଁବିଲ ଗ୍ରାମର ୧୧୨ ଜଣ ଗରିବ ବିସ୍ଥାପିତ ସଦସ୍ୟଙ୍କୁ "ମୂଳ ପରିବାର"ର ମାନ୍ୟତା ଦେଇ "ବିସ୍ଥାପିତ ତାଲିକା" ପ୍ରକାଶ କରାଯିବା ଏବଂ ସେମାନଙ୍କୁ ସ୍ଥାନାନ୍ତରଣ କରାଯିବା ପୂର୍ବରୁ ସମସ୍ତ ବିସ୍ଥାପିତ ବ୍ୟକ୍ତିଙ୍କ ସହିତ "ସ୍ଥାୟୀ ଚାକିରି ଏଗ୍ରିମେଣ୍ଟ" କରାଯିବା ତଥା ସ୍ଥାୟୀ ନିଯୁକ୍ତି ଦେବା ଯାଏଁ "ଭରଣପୋଷଣ" ପ୍ରଦାନ କରାଯିବା ଇତ୍ୟାଦି ଦାବିଗୁଡିକ ସମ୍ବନ୍ଧରେ ବିସ୍ଥାପିତଙ୍କ ନେତା ଇଂ. ଦେବାଶିଷ ହୋତାଙ୍କ ୨୦ ଜାନୁୟାରୀ ୨୦୨୧ ଦିନ ୨ୟ ଆରପିଡିଏସି ମିଟିଙ୍ଗ୍ ପୂର୍ବରୁ ତତ୍କାଳୀନ ଆରଡିସି ଶ୍ରୀଯୁକ୍ତ ନିରଂଜନ ସାହୁଙ୍କ ସହିତ ଢେଙ୍କାନାଳ ଜିଲ୍ଲାପାଳ ଶ୍ରୀଯୁକ୍ତ ଭୁମେଶ ଚନ୍ଦ୍ର ବେହେରାଙ୍କ ଉପସ୍ଥିତିରେ ଆଲୋଚନା କରିଥିଲେ ମଧ ସେଗୁଡିକ ଆରପିଡିଏସି ମିଟିଙ୍ଗ୍‌ର ପ୍ରୋସିଡିଙ୍ଗ୍‌ରେ ସ୍ଥାନ ନ ପାଇବାରୁ ବାଧ ହୋଇ ଇଂ. ହୋତା ଏନ୍ଏଚ୍ଆର୍‌ସି - ନୂଆଦିଲ୍ଲୀଙ୍କ ପାଖରେ ୨୬ ଫେବୃୟାରୀ ୨୦୨୧ ଦିନ ପ୍ରଥମ କେସ୍ ଦାୟାର କରିଥିଲେ। ଗତ ୩ ମାର୍ଚ୍ଚ ଦିନ ଏନ୍ଏଚ୍ଆର୍‌ସି ଏହି ମାମଲାର ଶୁଣାଣୀ କରି ଉପରୋକ୍ତ ଦାବିଗୁଡିକ ଉପରେ ଇଂ. ହୋତାଙ୍କ ସହିତ ବିଚାର ବିମର୍ଶ କରି ୮ ସପ୍ତାହ ମଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଏନ୍ଏଚ୍ଆର୍‌ସିଙ୍କର ଏହି ନିର୍ଦ୍ଦେଶକୁ ମୁଖ୍ୟ ଶାସନ ସଚିବ ପାଳନ କରି ନ ଥିବାରୁ ବାଧ ହୋଇ ଇଂ. ହୋତା ଏନ୍ଏଚ୍ଆର୍‌ସିଙ୍କ ପାଖରେ ୨ ମଇ ଦିନ ଆଉ ଏକ କେସ୍ ଦାୟାର କରିଥିଲେ। ଇଂ. ହୋତାଙ୍କର ଏହି ୨ୟ କେସ୍ ଉପରେ ବିଚାର କରି ଦାବିଗୁଡିକ ଉପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଓଡିଶାର ମୁଖ୍ୟ ଶାସନ ସଚିବଙ୍କୁ ଗତ ୩ ଜୁନ୍ ଦିନ ଏନ୍ଏଚ୍ଆର୍‌ସି ୨ୟ ଥର ପାଇଁ ନିର୍ଦ୍ଦେଶ ଦେଇଥିଲେ। ଗତ ୭ ଜୁଲାଇ ଦିନ ଢେଙ୍କାନାଳ ଜିଲ୍ଲାପାଳ ଶ୍ରୀଯୁକ୍ତ ବେହେରା ସମସ୍ତ ଦାବିପୂରଣ କରିଦିଆଯାଇଛି ବୋଲି ଏକ ମିଛ ରିପୋର୍ଟ୍ ପ୍ରଦାନ କରିଥିଲେ। ଏହା ବିରୋଧରେ ବାଧ ହୋଇ ଇଂ. ହୋତା ଏନ୍ଏଚ୍ଆର୍‌ସିଙ୍କ ପାଖରେ ସେହି ଦିନ ଆଉ ଏକ କେସ୍ ଦାୟାର କରିଥିଲେ।

# ମୋଟର ଚାଳକ ସଂଘର ସାଧାରଣ ବୈଠକ

କନ୍ଧମାଳ,୨୦/୭ (ନି.ପ୍ର): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକରେ ଓଡ଼ିଶା ମୋଟର ଚାଳକ ସଂଘ କନ୍ଧମାଳ ଶାଖାର ଜିଲ୍ଲା ସ୍ତରୀୟ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ବାସବ କହଁଙ୍କ ନେତୃତରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ମନୋଜ ପ୍ରଧାନ,ନରେନ୍ଦ୍ର ମଲ୍ଲିକ ଓ ଶାଖାର ସଭାପତି,ସମ୍ପାଦକ ଓ ଅନ୍ୟାନ୍ୟ ସଦସ୍ୟ ମାନେ ସାମିଲ ହୋଇଥିଲେ। କରୋନା ସଂକ୍ରମଣ କାଳରେ ଜାରି ହୋଇଥିବା କଟକଣା ଯୋଗୁଁ ଡ୍ରାଇଭର ମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥିଲା। ସେମାନେ ମଧ୍ୟ ସେମାନଙ୍କ ଜୀବନକୁ ବିପଦରେ ପକାଇ ଲୋକଙ୍କୁ ସେବା ଯୋଗାଇ ଆସିଛନ୍ତି। ତେଣୁ ଡ୍ରାଇଭର ମାନଙ୍କୁ ମଧ୍ୟ କରୋନା ଯୋଦ୍ଧା ଘୋଷଣା ଉପରେ ଆଲୋଚନା କରାଯାଇ ଥିବା ସହିତ ଏଥିପାଇଁ ସରକାର ପଦକ୍ଷେପ ନେବାର ଆବଶ୍ୟ ବୋଲି ମତ ପ୍ରକାଶ ପାଇଥିଲା।

# ଗୁଣି ସନ୍ଦେହରେ ଆକ୍ରମଣ : ୧୮ ଗିରଫ

ଗଞ୍ଜାମ,୨୦/୭ (ନି.ପ୍ର): ଗଞ୍ଜାମ ଜିଲ୍ଲା ପୋଲସରା ଥାନା ଅନ୍ତର୍ଗତ ଚିରିକିପଡ଼ା ଶାସନ ଗ୍ରାମରେ ଗୁଣି ସନ୍ଦେହରେ ଗୋଟିଏ ପରିବାରର ୩ ଜଣଙ୍କୁ ଆକ୍ରମଣ ଘଟଣାରେ ପୋଲସରା ପୋଲିସ ୧୮ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ମାନେ ହେଲେ ଟୁଲୁ ନାହକ, କାହ୍ନା ନାହକ, କଙ୍କଡ଼ା ନାହକ, ଅମିତ ନାହକ, ଅରୁଣ ନାହକ, ନିକୁଞ୍ଜ ନାହକ, ବଡ କାଳିଆ ନାହକ, ରଞ୍ଜନ ନାହକ, ଦିପୁ ନାହକ, ଦାଶ ନାହକ, ଭାସ ନାହକ, ଗୋରା ନାହକ, ଦାସ ନାହକ, ସଞ୍ଜୁ ନାହକ, ଟୁକୁନା ନାହକ, ବାସୁ ନାହକ, ରଞ୍ଜିତ ନାହକ ଏବଂ ହାଡ଼ିଆ ନାହକ। ଏନେଇ କେସ୍ ନଂ ୨୪୬/୨୧ ରେ ଏକ ମାମଲା ରୁଜୁ କରାଯିବା ସହ ଗିରଫ ଅଭିଯୁକ୍ତ ମାନଙ୍କୁ କୋର୍ଟଚାଲାଣ କରାଯାଇଥିବା ନେଇ ଥାନା ଅଧିକାରୀ ଜିତେନ୍ଦ୍ର କୁମାର ମଲ୍ଲିକ ସୂଚନା ଦେଇଛନ୍ତି।

# ଜିଲ୍ଲାରେ ୬ ଡେଙ୍ଗୁରୋଗୀ ଚିହ୍ନଟ: ୧ ମାସ ଧରି ଚାଲିବ ସଚେତନତା କାର୍ଯ୍ୟକ୍ରମ

କେନ୍ଦ୍ରାପଡା,୨୦/୭ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାରେ ସଂକ୍ରମଣଶୀଳ ଡେଙ୍ଗୁ ଜ୍ୱରର ନିରାକରଣ ପାଇଁ ପ୍ରତିଷେଧକ ବ୍ୟବସ୍ଥା ମୂଳକ ସଚେତନତା କାର୍ଯ୍ୟକ୍ରମ ୧ ମାସ ବ୍ୟାପି କରାଯିବ। ଏନେଇ ଏକ ପ୍ରସ୍ତୁତି ବୈଠକ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଅନୀତା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ବର୍ତମାନ ସୁଦ୍ଧା ଜିଲ୍ଲାରେ ୬ଜଣ ଡେଙ୍ଗୁ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ପ୍ରାଥମିକ ଅବସ୍ଥାରେ ଏହି ରୋଗର ସଂପ୍ରସାରଣକୁ ରୋକିବା ପାଇଁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ନିଆଯାଇଛି। ଆଶା ଓ ସ୍ୱାସ୍ଥ୍ୟ କର୍ମୀଙ୍କ ଜରିଆରେ ପ୍ରତି ଗ୍ରାମରେ ସଚେତନତା କାର୍ଯ୍ୟକ୍ରମ କରାଯାଇ ଲକ୍ଷ୍ୟଣ ପ୍ରକାଶ ପାଇଥିବା ରୋଗୀଙ୍କ ତୁରନ୍ତ ଚିକିତ୍ସା ସହ ବାଡି ବଗିଚାରେ ଥିବା ଆବଦ୍ଧ ଜଳକୁ ପରିଷ୍କାସର କରିବା, ମଶା ଉତ୍ପନ୍ନ ହେଉଥିବା ସ୍ଥାନ ଗୁଡିକୁ ସଫା କରିବା ଆଦି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହି ବୈଠକରେ ଡାକ୍ତର ମିର୍ଜା ବାବର ବେଗ, ଡାକ୍ତର ସଚିଦାନନ୍ଦ ମିଶ୍ର, ଡାକ୍ତର କିଶୋର କୁମାର ଆଚାର୍ଯ୍ୟ, ଡାକ୍ତର ନୃପେନ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

# ଶାବର ଶ୍ରୀକ୍ଷେତ୍ର



ଦିଲ୍ଲୀପ କୁମାର ସାହୁ

ରାଜ୍ୟର ଏକ ଅନନ୍ୟ ପର୍ଯ୍ୟଟନସ୍ଥଳୀ ଶାବର ଶ୍ରୀକ୍ଷେତ୍ର । ସ୍ଥାନର ନୈସର୍ଗିକ ପରିବେଶ ପର୍ଯ୍ୟଟକଙ୍କୁ ଖୁବ୍ ଆକୃଷ୍ଟ କରିଥାଏ। ଏଠାରେ ପାଦ ରଖିଲେ ମନରେ ଭରିଯାଏ ଅଫୁରନ୍ତ ଶାନ୍ତି । ଓଡିଶାର ଅନ୍ୟତମ ପ୍ରମୁଖ ସହର କୋରାପୁଟର କେନ୍ଦ୍ରସ୍ଥଳରେ ଥିବା ପର୍ବତ ଶିଖରରେ ଅବସ୍ଥିତ ଏହି ତୀର୍ଥକ୍ଷେତ୍ର । କୋରାପୁଟ ଏକ ଆଦିବାସୀ ବହୁଳ ଜିଲ୍ଲା ଓ ଆଦିବାସୀ ବା ଶାବର ସଂସ୍କୃତି ସହ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ସମ୍ପର୍କ ଖୁବ୍ ନୀବିଡ । ତେଣୁ ଏହି କ୍ଷେତ୍ର ଶାବର ଶ୍ରୀକ୍ଷେତ୍ର ଭାବରେ ଖ୍ୟାତ।

ଶାବର ଶ୍ରୀକ୍ଷେତ୍ରର ମନ୍ଦିରଟି ଶ୍ରୀକ୍ଷେତ୍ରର ଶ୍ରୀଜଗନ୍ନାଥ ମନ୍ଦିରର ନିଛକ ପ୍ରତିଫଳନ କହିଲେ ଅତ୍ୟୁକ୍ତି ହେବନାହିଁ । ଏହି ମନ୍ଦିରରେ ପୂଜା ପାଆନ୍ତି ଚତୁର୍ଦ୍ଧାମୁର୍ତ୍ତୀ ପ୍ରଭୂ ଶ୍ରୀ ଜଗନ୍ନାଥ, ଶ୍ରୀ ବଳଭଦ୍ର, ଦେବୀ ଶୁଭଦ୍ରା ଓ ଦାରୁରୂପୀ ଶ୍ରୀ ସୁଦର୍ଶନ । ଶ୍ରୀକ୍ଷେତ୍ର ପରି ବାଇଶିପାହାଚ ଚଢି ଶ୍ରଦ୍ଧାଳୁମାନେ ମନ୍ଦିର ବେଢାରେ ପାଦରଖନ୍ତି ଓ ଗରୁଡ ଖମ୍ବ ନିକଟରୁ ଚତୁର୍ଦ୍ଧାମୂର୍ତ୍ତୀଙ୍କୁ ଦର୍ଶନ କରି ଆହ୍ଲାଦିତ ହୁଅନ୍ତି।

ଶ୍ରାବର ଶ୍ରୀକ୍ଷେତ୍ରର ବିଶେଷତ୍ୱ ହେଲାଯେ ଏଠାରେ ଜାତି, ଧର୍ମ, ସମ୍ପ୍ରଦାୟ ନିର୍ବିଶେଷରେ ସବୁ ମଣିଷଙ୍କୁ ପ୍ରବେଶର ଅଧିକାର ରହିଛି ଓ ପ୍ରଭୁଙ୍କ ନିକଟରେ ଶ୍ରଦ୍ଧାସୁମନ ଅର୍ପଣର ସୁଯୋଗ ରହିଛି ।

ବିଶେଷକରି ବିଦେଶୀ ପର୍ଯ୍ୟଟକଙ୍କୁ ମଧ୍ୟ ଏହା ଖୋଲା । ତେଣୁ କୋରାପୁଟ ବୁଲିଆସୁଥିବା ବିଦେଶୀମାନେ ଏଠାରେ ଚତର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନକରି ବେଶ୍ ଆହ୍ଲାଦିତ ହୋଇଥାନ୍ତି ।

ଶାବର ଶ୍ରୀକ୍ଷେତ୍ରରେ ପ୍ରତ୍ୟୁଷରୁ ଆରମ୍ଭହୁଏ ମହାପ୍ରଭୁଙ୍କର ପୂଜାର୍ଚ୍ଚନା । ସକାଳ ପାଞ୍ଚଟା ତିରିଶରେ ପହଡ ଖୋଲେ । ତାପରେ ମଙ୍ଗଳ ଆଳତୀ ଓ ଅବକାଶ ନୀତି ସମ୍ପନ୍ନ ହୁଏ । ଛଅଟାରୁ ସାତଟା ମଧ୍ୟରେ ପ୍ରଭୁଙ୍କର ସ୍ନାନ ଓ ବେଶ ସମ୍ପନ୍ନ ହୋଇଥାଏ । ତାପରେ ପ୍ରଭୁଙ୍କଠାରେ ବାଳଭୋଗ ଅର୍ପଣ କରାଯାଏ । ଦିନ ସାଢେ ବାରଟାରେ ଅନୁଷ୍ଠିତ ହୁଏ ସକାଳଧୂପ । ଏହି ସମୟରେ ପ୍ରଭୁଙ୍କ ଠାରେ ଅନ୍ନଭୋଗ ଅର୍ପଣ କରାଯାଇଥାଏ । ଦିନ ତିନିଘଟିକାରେ ପହୁଡ ପଡେ ।

ଶ୍ରୀକ୍ଷେତ୍ର ପରି ଶାବର ଶ୍ରୀକ୍ଷେତ୍ରରେ ମଧ ବର୍ଷସାରା ପ୍ରଭୁଙ୍କୁ ବିଭିନ୍ନ ବେଶରେ ସଜ୍ଜିତ କରାଯାଇଥାଏ । ସେ ସମସ୍ତ ବେଶକୁ ଶ୍ରଦ୍ଧାଳୁଟିଏ ଦେଖିବା ସମ୍ଭବ ହୋଇନଥାଏ । ତେଣୁ ମନ୍ଦିର ବେଢାମଧରେ ସେ ସମସ୍ତ ବେଶର ପ୍ରଦର୍ଶନୀ, ଏ କ୍ଷେତ୍ରର ଅନ୍ୟତମ ଆକର୍ଷଣ । ଏଇ ଯେମିତି ହାତୀ ବେଶ । ପ୍ରଭୁ ବର୍ଷକୁ ଥରେ ସ୍ନାନବେଦୀରେ ଏହି ବେଶ ହୋଇ ଭକ୍ତମାନଙ୍କୁ ଦର୍ଶନ ଦେଇଥାନ୍ତି । ଗୁରୁବାର ଦିନ ଏକାଦଶୀ ପଡିଲେ ପ୍ରଭୁ ରଘୁନାଥ ବେଶରେ ସଜ୍ଜିତ ହୋଇଥାନ୍ତି । ଭାଦ୍ରବ ଶୁକ୍ଳ ଦ୍ୱାଦଶୀଦିନ ପ୍ରଭୂ ହୁଅନ୍ତି ବଳିବାମନ ବେଶ । ଭାଦ୍ରବ କୃଷ୍ଣ ଏକାଦଶୀ ଦିନ ପ୍ରଭୂଙ୍କୁ କାଳୀୟଦଳନ ବେଶରେ ସଜ୍ଜିତ କରାଯାଇଥାଏ । କାର୍ତ୍ତିକ ଶୁକ୍ଳ ଏକାଦଶୀଦିନ ପ୍ରଭୁଙ୍କୁ ଲକ୍ଷ୍ମୀ ନୃସିଂହ ବେଶ କରାଯାଏ । ପ୍ରତିଦିନ ରାତ୍ରୀରେ ପ୍ରଭୁ ବଡସିଂହାର ବେଶରେ ଶୟନ କରିଥାନ୍ତି । ଆଷାଢ ଶୁକ୍ଳ ଏକାଦଶୀ ଦିନ ପ୍ରଭୁ ରଥଉପରେ ହୋଇଥାନ୍ତି ସୁନାବେଶ । କାର୍ତ୍ତିକ ଶୁକ୍ଳ ଚତୁର୍ଦ୍ଦଶୀ ଦିନ ପ୍ରଭୁଙ୍କୁ ନରସିଂହ ବେଶ କରାଯାଏ । କାର୍ତ୍ତିକ ଶୁକ୍ଳ ଦ୍ୱାଦଶୀ ତିଥିରେ ପ୍ରଭୁ ବାଙ୍କଚୂଡା ବେଶରେ ସଜ୍ଜିତ ହୋଇଥାନ୍ତି । ମାଘ ପୂର୍ଣ୍ଣିମା ଦିନ ପ୍ରଭୁଙ୍କୁ ଗଜଉଦ୍ଧାରଣ ବେଶ କରାଯାଇଥାଏ । ପ୍ରଭୁ ପଦ୍ମବେଶ ହୋଇଥାନ୍ତି ମାଘ ମାସ ଶୁକ୍ଳ ପ୍ରତିପଦାଠାରୁ ପଞ୍ଚମୀଯାଏ । କାର୍ତ୍ତିକ ଶୁକ୍ଳ ତ୍ରୟୋଦଶୀଦିନ ପ୍ରଭୁଙ୍କୁ ନାଗାର୍ଜ୍ଜୁନ ବେଶରେ ସଜା ଯାଇଥାଏ । ମାର୍ଗଶିର ମାସ ଅମାବାସ୍ୟା ଦିନ ପ୍ରଭୁ ଶ୍ରାଦ୍ଧ ବେଶ ହୋଇ ତାଙ୍କର ପୂର୍ବଜ ମାନଙ୍କୁ ଶ୍ରାଦ୍ଧ ଦେଇଥାନ୍ତି । ଶ୍ରୀ ଜଗନ୍ନାଥଙ୍କର ଏହି ସମସ୍ତ ବେଶ ଦର୍ଶନରେ ଭକ୍ତମାନେ ଖୁବ୍ ଆତ୍ମସନ୍ତୋଷ ଲାଭକରିଥାନ୍ତି ।





ଦେବଭୂମୀ ଧର୍ମଭୂମୀ ଭାରତ ବର୍ଷ। ଯେଉଁଠି ରହିଛି ଶହସ୍ରାଧିକ ଆଧାତ୍ମିକ କ୍ଷେତ୍ର । ସେହି ସବୁ କ୍ଷେତ୍ର ଗୁଡିକ ମଧ୍ୟରୁ ଜନାଦୃତ ପୀଠ ଗୁଡିକର ପ୍ରତିରୂପ ଏହି ଶାବର ଶ୍ରୀକ୍ଷେତ୍ରରେ ଅବସ୍ଥାପିତ। ସେ ସବୁ କ୍ଷେତ୍ରକୁ ଯାଇପାରୁନଥିବା ଶ୍ରଦ୍ଧାଳୁ ମାନେ ଏଠାରେ ସେସବୁ ଦେଖି ଆହ୍ଲାଦିତ ହୋଇଥାନ୍ତି । ଶାବର ଶ୍ରୀକ୍ଷେତ୍ରରେ ଅପରାହ୍ନରେ ପହଡ ଖୋଲେ ଦିନ ୪ଟାରେ ଏବଂ ସନ୍ଧ୍ୟା ଆଳତୀ ଆରମ୍ଭହୁଏ ସଂନ୍ଧ୍ୟା ୬ଟା୪୫ ସମୟରେ । ପ୍ରଭୁଙ୍କର ଆଳତୀ ଦେଖିବା ନିମନ୍ତେ ମନ୍ଦିରରେ ବେଶ୍ ଗହଳି ଲାଗିଯାଏ । ଘଣ୍ଟ-ଘଣ୍ଟା, ଖୋଳ-ତାଳର ଶବ୍ଦ ପରିବେଶକୁ ଖୁବ୍ ମନୋଜ୍ଞ କରିଦିଏ । ଚତୁର୍ଦ୍ଧା ମୂର୍ତ୍ତୀଙ୍କ ସମ୍ମୁଖରେ ସନ୍ଧ୍ୟାଆଳତୀ ଅର୍ପଣର ଦୃଶ୍ୟକୁ ଭାଷାରେ ବର୍ଣ୍ଣନା କରିବା କଷ୍ଟ । ଏହି ଦୃଶ୍ୟ ଶ୍ରଦ୍ଧାଳୁ ମାନଙ୍କ ମନରେ ଭରିଦିଏ ଅସୀମ ଶାନ୍ତି । ରାତି ୯ଟା ସମୟରେ ପ୍ରଭୁଙ୍କଠାରେ ସନ୍ଧ୍ୟାଧୂପ ଲାଗିହୁଏ ଓ ୯ଟା୪୫ ମିନିଟରେ ପ୍ରଭୂ ପହୁଡ ଯାଆନ୍ତି । ଶ୍ରୀକ୍ଷେତ୍ରପରି ଏଠାରେ ମଧ ରଥଯାତ୍ରା ମହା ସମାରୋହରେ ଅନୁଷ୍ଠିତ ହୋଇଥାଏ। ଏହି ରଥଯାତ୍ରାରେ ସବୁଠାରୁ ବଡ଼ ଭୂମିକା ଗ୍ରହଣ କରିଥାନ୍ତି ଆଦିବାସୀ ମାନେ । ଅପୂର୍ବ ଏହି କ୍ଷେତ୍ର । ସୁନ୍ଦର ଏହାର ପରିବେଶ। କ୍ଷେତ୍ରର ଶାନ୍ତ ବାତାବରଣରେ ସଂସାର ଦୁଃଖକୁ ପାଶୋରିବା ପାଇଁ ପ୍ରତିଦିନ ଧାଇଁ ଆସନ୍ତି ଅନେକ ଶ୍ରଦ୍ଧାଳୁ ଏହି ପବିତ୍ରଧାମକୁ। ସମୟ ପାଇଲେ ଆପଣମଧ ଆସନ୍ତୁ, ଉପଭୋଗ କରନ୍ତୁ ଏ କ୍ଷେତ୍ରର ନୈସର୍ଗୀକ ସୌନ୍ଦର୍ଯ୍ୟକୁ ଓ ଚତୁର୍ଦ୍ଧାମୂର୍ତ୍ତୀଙ୍କଠାରେ ଶ୍ରଦ୍ଧାନିବେଦନ କରି ଜୀବନକୁ ଧନ୍ୟ କରନ୍ତୁ।

ଜୟ ଜଗନ୍ନାଥ ...

+ଶଙ୍କରପୁର,ଚାରବବାଟିଆ, କଟକ
ମୋ ୯୮୬୧୧୨୬୧୯୭

ରାଜ୍ୟର ଏକ ଅନନ୍ୟ ପର୍ଯ୍ୟଟନସ୍ଥଳୀ ଶାବର ଶ୍ରୀକ୍ଷେତ୍ର । ସ୍ଥାନର ନୈସର୍ଗିକ ପରିବେଶ ପର୍ଯ୍ୟଟକଙ୍କୁ ଖୁବ୍ ଆକୃଷ୍ଟ କରିଥାଏ। ଏଠାରେ ପାଦ ରଖିଲେ ମନରେ ଭରିଯାଏ ଅଫୁରନ୍ତ ଶାନ୍ତି । ଓଡିଶାର ଅନ୍ୟତମ ପ୍ରମୁଖ ସହର କୋରାପୁଟର କେନ୍ଦ୍ରସ୍ଥଳରେ ଥିବା ପର୍ବତ ଶିଖରରେ ଅବସ୍ଥିତ ଏହି ତୀର୍ଥକ୍ଷେତ୍ର । କୋରାପୁଟ ଏକ ଆଦିବାସୀ ବହୁଳ ଜିଲ୍ଲା ଓ ଆଦିବାସୀ ବା ଶାବର ସଂସ୍କୃତି ସହ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ସମ୍ପର୍କ ଖୁବ୍ ନୀବିଡ । ତେଣୁ ଏହି କ୍ଷେତ୍ର ଶାବର ଶ୍ରୀକ୍ଷେତ୍ର ଭାବରେ ଖ୍ୟାତ।





# ୬% ଆମେରିକୀୟ ବୈବାହିକ ଜୀବନ ସଫଳ




ପାଶ୍ଚାତ୍ୟ ଦେଶରେ ନୀତିନିୟମ ସବୁକିଛି ଅଲଗା । ବିବାହ ଓ ବିଚ୍ଛେଦକୁ ନେଇ ବିଦେଶ ରାଇଜ (ଆମେରିକା, ଇଉରୋପ)ର ଲୋକ ଏତେଟା ବ୍ୟସ୍ତ ହୋଇନଥାନ୍ତି । ମନ ନ ମିଶିଲେ ଦମ୍ପତି ଆପୋଷ ବୁଝାମଣାରେ ପରସ୍ପରଠାରୁ ଅଲଗା ହେବାର ନିଷ୍ପତ୍ତି ନେଉଥିବାର ଦେଖାଯାଉଛି । ଭାରତୀୟ ସଭ୍ୟତାରେ ସେପରି ନାହିଁ । ଅଧିକାଂଶଙ୍କ କହିବାର କଥା ହେଲା, ବାହାଘର ଖେଳଘର ନୁହେଁ । ପରସ୍ପର ମନ ମିଶାଇ ଆଜୀବନ ଚଳିବା ହିଁ ବିବାହର ପ୍ରଥମ ଓ ପ୍ରମୁଖ ନିୟମ । ଆମ ଦେଶରେ ଗାଁଗଣ୍ଡାଠାରୁ ଆରମ୍ଭ କରି ନଗର, ମହାନଗରୀ ପର୍ଯ୍ୟନ୍ତ ହିସାବ କଲେ ୪୦%ରୁ ଅଧିକ ବୟସ୍କ ଦମ୍ପତି ସେମାନଙ୍କ ୫୦ତମ ବିବାହବାର୍ଷିକୀ ପାଳନ କରିସାରିଥିବାର ଜାଣିବେ । ତେବେ ନିକଟରେ ହୋଇଥିବା ଏକ ଅନ୍-ଲାଇନ୍ ସର୍ବେକ୍ଷଣରୁ ଜଣାପଡ଼ିଛି, ମାତ୍ର ୬% ଆମେରିକୀୟ ଦମ୍ପତି ସେମାନଙ୍କ ୫୦ ତମ ବିବାହ ପୂର୍ତ୍ତି କରିଥାନ୍ତି । ଅନ୍ୟମାନେ ବିବାହର କିଛି ବର୍ଷ ପରେ ହିଁ ପରସ୍ପରଠାରୁ ଅଲଗା ହୋଇଯାଇଥିବାର ଦେଖାଯାଇଛି । ଆମେରିକା ବାସିନ୍ଦା ୧୦୨ ବର୍ଷୀୟ ରାଲ୍ଫ କୋହଲର୍ ଓ ତାଙ୍କ ପତ୍ନୀ ୧୦୦ ବର୍ଷୀୟା ଡୋରୋଥି ରେଡିଙ୍ଗ ନିକଟରେ ସେମାନଙ୍କ ୮୪ତମ ବିବାହ ବାର୍ଷିକୀ ପାଳନ କରିଛନ୍ତି । ଖୁବ୍ କମ୍ ବୟସରେ ଦୁହେଁ ବିବାହ କରିଥିବାରୁ ସେମାନଙ୍କୁସେ ସମୟରେ ବନ୍ଧୁବାନ୍ଧବ କହିଥିଲେ, ଅତି ଶୀଘ୍ର ସେମାନଙ୍କ ବିଚ୍ଛେଦ ହେବ । ହେଲେ ଦୁହିଁଙ୍କ ବୁଝାମଣା ହିଁ ସେମାନଙ୍କ ବୈବାହିକ ଜୀବନକୁ ଦୀର୍ଘ କରିଥିବାର କହିଛନ୍ତି । ମନୋମାଳିନ୍ୟ ହୋଇଛି ସତ, କିନ୍ତୁ ବିଚ୍ଛେଦ ସେସବୁର ସମାଧାନ ନଥିଲା ବୋଲି କହିଛନ୍ତି ରାଲ୍ଫ । ତାଙ୍କର ୩ ପିଲା, ସମସ୍ତେ ଖୁସିରେ ଅଛନ୍ତି । ଚତୁର୍ଥ ପିଢ଼ି ଦେଖିସାରିଲେଣି ଏଇ ବୟସ୍କ ଦମ୍ପତି ପିଲାମାନଙ୍କୁ ସବୁବେଳେ ପରାମର୍ଶ ଦେଇଆସୁଛନ୍ତି, ସୁଖୀ ପରିବାରର ମୁଖ୍ୟ ସୂତ୍ର ହେଲା ବୈବାହିକ ଜୀବନକୁ ସଫଳ କରିବା ।

# ନିରୋଗ ଶରୀର ଓ ପ୍ରସନ୍ନ ମନ ପାଇଁ ପ୍ରାର୍ଥନା

ସମସ୍ତେ ଚାହାନ୍ତି ଅନେକ ଦିନ ବଞ୍ଚିରହିବାକୁ । କେବଳ ବଞ୍ଚିବାକୁ ନୁହେଁ, ସୁସ୍ଥ ଦେହ ଓ ସୁସ୍ଥ ମନରେ ବଞ୍ଚିବାକୁ । ସେଥିପାଇଁ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଗୋଟିଏ ସଂକ୍ଷିପ୍ତ ପ୍ରାର୍ଥନାରେ କୁହାଯାଇଛି - ଅରୋଗେ ମରଣଂ ଶତେ ମନସି ପ୍ରସନ୍ନଂ ସଦା । ଅର୍ଥାତ୍, ହେ ପ୍ରଭୁ ! ଏହି ଜନ୍ମରେ ଆପଣଙ୍କ ପାଖରେ ମୋର ଏତିକି ମାଗୁଣି ଯେ ମୁଁ ଶହେବର୍ଷ ପର୍ଯ୍ୟନ୍ତ ବଞ୍ଚିବି, ମୋର ମନ ସବୁବେଳେ ପ୍ରସନ୍ନ ରହିବ ଏବଂ ବିନା ବ୍ୟାଧିରେ ଶହେବର୍ଷ ବିତାଇବା ପରେ ମୋର ମରଣ ହେବ । ଏହି ପ୍ରାର୍ଥନାରେ ସବୁକିଛି ସୂଚନାତ୍ମକ ଭାବରେ କୁହାଯାଇଛି । ମନୁଷ୍ୟ ସମାଜରେ ସାଧାରଣତଃ ତିନିଟି କାରଣରୁ ବ୍ୟାଧି ବା ବିପତ୍ତି ଦେଖାଯାଇଥାଏ । ୧. ଆଧିଦୈବିକ, ୨. ଆଧିଭୌତିକ ଓ ୩. ଆଧ୍ୟାତ୍ମିକ । 'ଆଧିଦେହବିକ' ହେଉଛି ବାତ୍ୟା, ବନ୍ୟା ଓ ଭୂମିକମ୍ପ ଆଦି ବିପତ୍ତି- ଯାହା ଆମର ଆୟତ୍ତାଧୀନ ନୁହେଁ, ଦୈବର ଅଧୀନ । ତେଣୁ ସେଥିରୁ ରକ୍ଷା ପାଇବା ପାଇଁ ପ୍ରଭୁଙ୍କୁ ପ୍ରାର୍ଥନା କରାଯାଏ । 'ଆଧିଭୌତିକ' ହେଉଛି ପଞ୍ଚଭୂତରୁ ଜାତ ବିପତ୍ତି । ଆମର ଶରୀର ପଞ୍ଚଭୂତରୁ ସୃଷ୍ଟି । ଆମର ଏହି ଶରୀର ବଧ୍ୟ ବ୍ୟାଧିର ଘର । ପଞ୍ଚଭୂତରୁ ସୃଷ୍ଟି ଅନ୍ୟ ଜୀବଜନ୍ତୁଙ୍କଠାରୁ ମଧ୍ୟ ଆମର ବିପତ୍ତି ଥାଏ ତେଣୁ ସେଥିରୁ ଉଦ୍ଧାର ପାଇବାପାଇଁ ପ୍ରଭୁଙ୍କୁ ପ୍ରାର୍ଥନା କରାଯାଏ । 'ଆଧ୍ୟାତ୍ମିକ' ଭାବ ମନକୁ ଆନନ୍ଦ ଦିଏ । ତାହାର ଅଭାବରେ ମନ ବ୍ୟାଧିଗ୍ରସ୍ତ ହୋଇପଡେ । ଉନ୍ମଦ, ଅପସ୍ମାର ଆଦି ରୋଗ ଦେଖାଯାଏ । ତେଣୁ ତାହାର ଉର୍ଦ୍ଧ୍ୱ ମନକୁ ପ୍ରସନ୍ନ ରଖିବାପାଇଁ ପ୍ରଭୁଙ୍କୁ ପ୍ରାର୍ଥନା କରାଯାଏ । ଏହିପରି ଭାବରେ, ଇହଲୋକରେ ଆଧିଦୈବିକ ଓ ଆଧିଫଭୌତିକ ବ୍ୟାଧି ନଥାଇ, ଆଧ୍ୟାତ୍ମିକ ଓ ଆନନ୍ଦମୟ ଜୀବନ ବିତାଇବାପାଇଁ ପ୍ରଭୁଙ୍କୁ ପ୍ରାର୍ଥନା କରାଯାଏ ।



# ବାସ୍ତୁ ଦୋଷ ଦୂରେଇବା ପାଇଁ...

♦ ଘରର ମୁଖ୍ୟ ଦ୍ୱାରରେ ସ୍ୱସ୍ତିକ ଚିତ୍ର କରନ୍ତୁ। ଏହାଦ୍ୱାରା ଘରୁ ବାସ୍ତୁ ଦୋଷ ଦୂର ହେବ । ପରିବାରରୁ ଅଶାନ୍ତି ଓ କଳହ ଦୂର ହେବ ।

♦ ଓସ୍ତ ପତ୍ର, ଆମ୍ବ ପତ୍ର କିମ୍ବା ଅଶୋକ ପତ୍ରରେ ମାଳ କରି ଦ୍ୱାରବନ୍ଧରେ ଟାଙ୍ଗନ୍ତୁ । ଏହାଦ୍ୱାରା ଘରୁ ନକାରାତ୍ମକ ଶକ୍ତି ଦୂର ହୋଇ ସୁଖ ଶାନ୍ତି ବୃଦ୍ଧି ହେବ ।

♦ ପ୍ରତିଦିନ ସକାଳୁ ଘର ଦ୍ୱାରମୁହଁରେ ଏକ କଳସ ବସାନ୍ତୁ । ଏହାଦ୍ୱାରା ସର୍ବଦେବତାଙ୍କର ଆର୍ଶୀବାଦ ମିଳିବ । ଫଳରେ ଘରେ ସକାରାତ୍ମକ ଶକ୍ତି ପ୍ରବେଶ କରିବ ଓ ବାସ୍ତୁ ଦୋଷ ନଷ୍ଟ ହୋଇଯିବ ।

♦ ଘରେ ପାନୀୟ ଜଳ ରଖୁଥିବା ସ୍ଥାନରେ ସକାଳେ ଓ ସନ୍ଧ୍ୟାରେ ଏକ ଘିଅ ଦୀପ ଲଗାନ୍ତୁ । ଏହାଦ୍ୱାରା ସ୍ୱାସ୍ଥ୍ୟ ଉପରେ ପଡ଼ିବାକୁ ଥିବା ବାସ୍ତୁ ଦୋଷ ଦୂର ହୋଇଯିବ । ଶରୀର ସୁସ୍ଥ ରହିବ ।

♦ ଘରର ମୁଖ୍ୟଦ୍ୱାରକୁ ସର୍ବଦା ସଫାସୁତୁରା ରଖନ୍ତୁ । ଏହାଦ୍ୱାରା ଘରେ ବାସ୍ତୁଦୋଷ ରହିବ ନାହିଁ । ସଫା ରଖିବା ଦ୍ୱାରା ଘରେ ସୁଖଶାନ୍ତି ବୃଦ୍ଧି ହେବ ।

♦ ଘର ମୁଖ୍ୟ ଦ୍ୱାରରେ ଏକ କାଚପାତ୍ରରେ ପାଣି ରଖି ସେଥିରେ ସୁଗନ୍ଧ ଫୁଲ ପକାନ୍ତୁ । ଏହାଦ୍ୱାରା ଘରେ ସକାରାତ୍ମକ ଶକ୍ତି ବୃଦ୍ଧି ହୋଇ ବସ୍ତୁ ଦୋଷ ଦୂର ହୋଇଯିବ ।

# ମନସୁନ୍ ଫ୍ୟାଶନ୍

ବର୍ଷାଦିନିଆ ପୋଷାକ ଋତୁ ଉପଯୋଗୀ ନ ହେଲେ ତାହା ପିନ୍ଧିବାକୁ ଅସହଜ ମନେ ହୁଏ । ତେଣୁ ବର୍ଷାଦିନେ ଫ୍ୟାଶନ୍‌ରେ କିଛିଟା ପରିବର୍ତ୍ତନ ନିଶ୍ଚୟ ଆଣରିବା ଦରକାର । ଏହି ଦିନେ ପ୍ୟାଷ୍ଟେଲ୍ କଲର୍ ବଦଳରେ ଗାଢ଼ ରଙ୍ଗ ଟ୍ରେଣ୍ଡରେ ରହେ । ଆପଣ ବର୍ଷାଦିନେ କିଭଳି ପୋଷାକ, ଆକ୍ସେସରିଜ୍ ଏବଂ ରଙ୍ଗ କ୍ୟାରି କରିବେ ଜାଣନ୍ତୁ କିଛି ଟିପ୍ସ ।

**ଉଜ୍ଜ୍ୱଳ ରଙ୍ଗ ସହିତ ଆକ୍ସେସରିଜ୍:**

ବର୍ଷାଦିନେ ବ୍ରାଇଟ୍ ରଙ୍ଗର ପୋଷାକ ନିଅନ୍ତୁ । ତେବେ ମୋନୋକ୍ରୋମ ପାଟର୍ନ ସବୁଠୁ ଭଲ । ଚେରି, ଫ୍ରେଶ୍ ରେଡ୍, ବ୍ଲଶ୍ ରଙ୍ଗ ସହିତ ଗ୍ରେ, ବ୍ଲୁ ଏବଂ କ୍ରିମି ରଙ୍ଗକୁ ଟିମ୍ କରିପାରିବେ । ୟେଲୋକୁ ପପ୍ ଆଉଟ୍ କଲର୍ ରୂପେ ବ୍ୟବହାର କରିପାରିବେ । ଏହି ରଙ୍ଗକୁ ଉଭୟ ଆଉଟ୍‌ଫିଟ୍ ଏବଂ ଆକ୍ସେସରିଜ୍‌ରେ କ୍ୟାରି କରନ୍ତୁ । ହଁ ଧଳା ରଙ୍ଗକୁ ବର୍ଷାଦିନେ ନା କରନ୍ତୁ ।

**ସର୍ଟ ଆଉଟଫିଟ୍:**

ବର୍ଷାଦିନେ ୱାକ୍ କରିବା ପସନ୍ଦ ଥିଲେ, ସର୍ଟ ଆଉଟଫିଟ୍ କ୍ୟାରି କରନ୍ତୁ । କ୍ରପ୍ ଟପ୍, ସଟସ୍, ସ୍କର୍ଟ ପିନ୍ଧିପାରିବେ । ବର୍ଷାଦିନେ ଷ୍ଟ୍ରିଟ୍ ଫ୍ୟାଶନ କ୍ୟାରି କରିବାକୁ ଭୁଲନ୍ତୁ ନାହିଁ । ଡ୍ର ଷ୍ଟ୍ରିଙ୍ଗ୍ ଡ୍ରେସ୍ ମିଡି ସ୍କର୍ଟ, ମ୍ୟାକ୍ସି ଡ୍ରେସ୍, କମନ ସ୍ଲିଭ୍ ସର୍ଟ ଡ୍ରେସ୍, ର୍ୟାପ୍ସ ପରି ପୋଷାକ ଆପଣଙ୍କ ଅନ୍ୟମାନଙ୍କ ଠାରୁ ଭିନ୍ନ କରିବ ।

**ସିଫନ୍ ଏବଂ ରେୟର:**

ବର୍ଷାଦିନେ ନାଇଲନ୍, ସିଫନ୍, ରେୟର୍ ପୋଷାକ ଟ୍ରେଣ୍ଡରେ ଥାଏ । ସିଫନ୍ ଏବଂ ରେୟର୍ କପଡ଼ା ଓଦା ହେଲେ ଜଲଦି ଶୁଖିଯାଇଥାଏ । ତେଣୁ ବର୍ଷଦିନ ପାଇଁ ଏହି ଫ୍ୟାବ୍ରିକ ସବୁଠାରୁ ଭଲ ହୋଇଥାଏ । ହେଲେ ଏହାକୁ କ୍ୟାରି କରିବା ସମୟରେ ମିକ୍ସ କଟନ୍ ସହିତ କ୍ୟାରି କରିବା ଆବଶ୍ୟକ ।

**ଟାଇଟ୍ ନୁହେଁ, ଢିଲା ଆଉଟଫିଟ୍:**

ପୋଷାକ ଓଦା ହୋଇଗଲେ ଶରୀରରେ ଲାଗିଯାଏ । ତେଣୁ ବର୍ଷାଦିନେ ଟାଇଟ୍ ଫିଟ୍ ପୋଷାକରୁ ବିରତି ନିଅନ୍ତୁ । କଟନ୍, ଖଦି ଏବଂ ସିନ୍ଥେଟିକ୍ ମ୍ୟାଟେରିଆଲ୍‌ର ଢିଲା ପୋଷାକ ପିନ୍ଧିପାରିବେ । ଫୁଲ୍ ସ୍ଲିଭ ସ୍ଥାନରେ ହାଫ୍ ସ୍ଲିଭ୍ ବାଛନ୍ତୁ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ରାଜନୈତିକ ହଲଚଲ୍ ଆରମ୍ଭ...

ଆସନ୍ତା ବର୍ଷ ପ୍ରଥମ ଭାଗରେ ଦେଶର ଯେଉଁ କେତୋଟି ରାଜ୍ୟରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି, ସେହି କ୍ଷେତ୍ରରେ ରାଜନୈତିକ ହଲ୍‌ଚଲ୍ ଆରମ୍ଭ ହୋଇଗଲାଣି । ବିଭିନ୍ନ ଦଳୀୟ ସଂଗଠନରେ ଉଷ୍ମତା ପ୍ରକଟିତ ହେବା ହେତୁ ଦେଖିବାକୁ ମିଳୁଛି ଦଳ ଡିଆଁ, ଶିବିର ବଦଳ ଓ ମତାନ୍ତର ତଥା ମନାନ୍ତର । ନିକଟରେ କରୋନା ସଂକ୍ରମଣ ଭିତରେ ପଶ୍ଚିମବଙ୍ଗ, ପୁଡୁଚେରି ଭଳି କେତେକ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳରେ ନିର୍ବାଚନ ହୋଇଗଲା । ପ୍ରତିନିଧି ଚୟନ କରି ମତଦାତାମାନେ ସେମାନଙ୍କ ପସନ୍ଦ ମୁତାବକ ସରକାର ଗଠନ କଲେ । ପ୍ରଚାର ଯୁଦ୍ଧ ସମୟର ତିକ୍ତତା ହୁଏତ ଥମିଯାଇଛି, ହେଲେ ଆସନ୍ତା ବର୍ଷ ହେବାକୁ ଥିବା ଉତ୍ତରପ୍ରଦେଶ, ପଞ୍ଜାବ ଭଳି ରାଜ୍ୟରେ ଏବେଠାରୁ କେତେକ ଦଳରେ ଆଭ୍ୟନ୍ତରୀଣ କନ୍ଦଳ ସାଙ୍ଗକୁ ଗୋଷ୍ଠୀ ବିବାଦ ଦାଣ୍ଡରେ ପଡି ହାଟରେ ଗଡ଼ିଗଡ଼ୁଛି । ଉତ୍ତରପ୍ରଦେଶରେ କ୍ଷମତାସୀନ ଭାରତୀୟ ଜନତା ପାର୍ଟିର ଲୋକପ୍ରିୟତା ନେଇ ପ୍ରତିପକ୍ଷ ପ୍ରତିକୂଳ ଦୃଷ୍ଟିକୋଣ ଆପଣାଇବା ଭିତରେ ଯୋଗୀ ସରକାର ଉପରେ କେନ୍ଦ୍ରୀୟ ନେତୃତ୍ୱର ଆଶୀର୍ବାଦ । ଯୋଗୀ ସରକାରଙ୍କ କାର୍ଯ୍ୟ ଓ କରୋନା ପରିଚାଳନାରେ ଦକ୍ଷତାର ଭୂରି ଭୂରି ପ୍ରଶଂସସାରେ ସ୍ୱୟଂ ପ୍ରଧାନମନ୍ତ୍ରୀ ଶତମୁଖ ହୋଇଛନ୍ତି । ତେଣୁ ଆଶା କରାଯାଉଛି, ଆସନ୍ନ ନିର୍ବାଚନ ପରେ ହୁଏତ ଯୋଗୀଙ୍କୁ ହିଁ ପ୍ରମୁଖ ଚେହେରା ଭାବେ ଉପସ୍ଥାପନ କରାଯିବ । ଉତ୍ତରପ୍ରଦେଶରେ ବେଶ୍ କିଛିବର୍ଷ କ୍ଷମତା ବାହାରେ ଥିବା ସମାଜବାଦୀ ପାର୍ଟି, ମାୟାବତୀଙ୍କ ବହୁଜନ ସମାଜ ପାର୍ଟି ଏବଂ ସର୍ବୋପରି କଂଗ୍ରେସ ନିଜ ନିଜ ଉପାୟରେ ଚାହୁଁଛନ୍ତି କ୍ଷମତା ଦଖଲ ଦୌଡ଼ରେ ସାମିଲ ହେବାକୁ । କର୍ଣ୍ଣାଟକରେ ମୁଖ୍ୟମନ୍ତ୍ରୀ ବି.ଏସ୍ ୟେଦରାପ୍ପା କ୍ଷମତାରୁ ଯିବା ଏକପ୍ରକାର ଥୟ । ତାଙ୍କ ସ୍ଥାନରେ କାହାକୁ ବସାଯିବ, ସେ ନେଇ କେନ୍ଦ୍ରୀୟ ନେତୃତ୍ୱ ମନ ସ୍ଥିର କରିସାରିଲେଣି । ସ୍ୱାସ୍ଥ୍ୟ ସମସ୍ୟା ଦର୍ଶାଇ ୟେଦୁରାପ୍ପା ଇସ୍ତଫା ଦେବା କଥା ଯାହା କହୁଛନ୍ତି, ତାହା ଛଳନା ମାତ୍ର । ଯେଦି ଏହି ପାଳିରେ ଦୁଇବର୍ଷ ପୂରଣ କଲାପରେ ତାଙ୍କର ପ୍ରଦର୍ଶୟନ ନେଇ ଦିଲ୍ଲୀ ମହଲ ସନ୍ତୁଷ୍ଟ ନଥିବାର ଜଣାପଡିଯାଉଛି । ସମ୍ପ୍ରତି ଯେଉଁ ରାଜ୍ୟ ଅଧିକ ଚର୍ଚ୍ଚାରେ ଅଛି, ତାହା ହେଉଛି ପଞ୍ଜାବ । ସେହି ରାଜ୍ୟର ମୁଖ୍ୟମନ୍ତ୍ରୀ କ୍ୟାପଟେନ୍ ଅମରୀନ୍ଦର ସିଂହ ଓ ବରିଷ୍ଠ କଂଗ୍ରେସ ନେତା ନବଜ୍ୟୋତ ସିଂ ସିଦ୍ଧୁଙ୍କ ଭିତରେ ଚାଲିଥିବା ବିବାଦ କିଭଳି ଚରମ ରୂପ ନେଇଛି, ତାହା ସମସ୍ତେ ଦେଖୁଛନ୍ତି । ସାମୟିକ ସନ୍ଧି ସ୍ଥାପନର ଅଂଶସ୍ୱରୂପ ସିଦ୍ଧୁଙ୍କୁ ପଞ୍ଜାବ ପିସିସିର ମୁଖ୍ୟରୂପେ ନିଯୁକ୍ତ କରାଯାଇଛି । ସୁନିଲ ଜାଖରଙ୍କ ସ୍ଥାନରେ ସିଦ୍ଧୁଙ୍କ ନିଯୁକ୍ତି ନେଇ ହାଇକମାଣ୍ଡଙ୍କ ନିଷ୍ପତ୍ତିରେ କ୍ୟାପଟେନ୍ ଓ ତାଙ୍କ ଶିବିର କ୍ଷୁର୍ଣ୍ଣ ଅଛନ୍ତି । ସମଝୋତା ସୂତ୍ର ବାହାର କରିବା ଉଦ୍ୟମରେ ଏଆଇସିସି ହରିଶ ରାୱତଙ୍କୁ ନିୟୋଜିତ କରିଥିଲା । ଉଭୟ ନେତା ଓ ସେମାନଙ୍କ ସମର୍ଥକ ମହଲ କୌଣସିମତେ ସମଝୋତା ପାଇଁ ରାଜି ନହେବା ରାଜ୍ୟ କଂଗ୍ରେସ ସଂଗଠନ ପାଇଁ ଶୁଭଙ୍କର ନୁହେଁ । ବୋଲି ଜାଣି ସୁଦ୍ଧା ବିବାଦରେ ଲାଗିରହିଲେ । ଅମରୀନ୍ଦର ହିଁ ରାଜ୍ୟରେ କଂଗ୍ରେସକୁ ବଂଚାଇ ରଖିଛନ୍ତି ବୋଲି ତାଙ୍କ ସମର୍ତକମାନେ ଦର୍ଶାଇବା ସହ କ୍ୟାପ୍‌ଟେନ୍‌ଙ୍କୁ ଭୋଟ୍‌ରେ ପ୍ରମୁଖ ଚେହେରା ରୂପେ ଉପସ୍ଥାପନ କରାଯିବା ସକାଶେ ଯୁକ୍ତି ବାଢୁଥିବାବେଳେ ସିଦ୍ଧୁଙ୍କୁ ସଂଗଠନର ମଙ୍ଗ ଧରିବାକୁ ଦିଆଗଲେ କଂଗ୍ରେସ ପୂର୍ବ ଗାରିମା ରଖିପାରିବ ବୋଲି ନବଜ୍ୟୋତଙ୍କ ସମର୍ଥକ କହୁଛନ୍ତି । ଘାଣ୍ଟଚକଟ ପରେ ସିଦ୍ଧୁଙ୍କୁ ପିସିସି ସଭାପତି କରାଗଲା ସତ, ରାଜ୍ୟ ସଂଗଠନରେ ସୃଷ୍ଟି ହୋଇଥିବା ଫାଟରେ ତାହା ମାଟି ଲେସା ଭଳି ହେଲା । ଏଭଳି ସ୍ଥିତିରେ ଆସନ୍ନ ବିଧାନସଭା ନିର୍ବାଚନରେ ଶତ ପ୍ରତିଶତ ସଫଳ ପ୍ରଦର୍ଶନ ସକାଶେ ଦଳ କେତେଦୂର ସକ୍ଷମ ହେବ, ତାହା କହିହେବ ନାହିଁ । କଂଗ୍ରେସର ଦୁର୍ବଳତାର ଫାଇଦା ନେବାକୁ ଶିରୋମଣି ଅକାଳି ଦଳ ଓ ଆମ୍ ଆଦମି ପାର୍ଟି ଟାକି ରହିଛନ୍ତି । କେନ୍ଦ୍ରରେ ଥିବା ବିଜେପି ନେତୃତ୍ୱାଧୀନ ଏନଡିଏ ସହ ଅକାଳି ଦଳର ସମ୍ପର୍କ ଚାଷୀ ଆନ୍ଦୋଳନ ପରିପ୍ରେକ୍ଷୀରେ ଶିଥିଳ ହୋଇସାରିଛି । ସୁତରାଂ, କଂଗ୍ରେସର ଦୁଇବାର ଶାସନ ପରେ କଥିତ ଗୋଷ୍ଠୀକନ୍ଦଳ ସଂଗଠନ ପାଇଁ ମହଙ୍ଗା ନପଡୁ, ସେହି କଥା ବିଚାରକୁ ନେଇ କ୍ୟାପଟେନ୍-ସିଦ୍ଧୁ ବୁଝାମଣା କରିଥାଇପାରନ୍ତି । ମାତ୍ର ତାହା କେତେଦୂର ସ୍ଥାୟୀ ହୋଇ ରହିବ, ତାହା ଭବିଷ୍ୟତ କହିବ ।

## ଶ୍ରୀକ୍ଷେତ୍ର ଓ ଗୋବର୍ଦ୍ଧନ ପିଠ



ଡାଃ ସୁରେନ୍ଦ୍ର ନାଥ ଦାଶ

ଶ୍ରୀକ୍ଷେତ୍ରର ଜଗନ୍ନାଥ ସଂସ୍କୃତି ସହ ପୁରୀର ପରିସିମା ମଧ୍ୟରେ ଥିବା ପ୍ରାୟ ଶତାଧିକ ମଠ ଅତି ନିବିଡ ଭାବେ ଜଡିତ । ମଠ ସ୍ଥାପନା ଜଗନ୍ନାଥ ମନ୍ଦିର ନିର୍ମାଣ କରିଥିବା ଗଙ୍ଗ ବଂଶର ଅନଙ୍ଗଭିମ ଦେବଙ୍କ ସମୟରୁ ଆରମ୍ଭ ହୋଇ ପରବର୍ତ୍ତି ଗଜପତି ମାନଙ୍କ ସମୟରେ ସଂପ୍ରସାରିତ ହୋଇଥିଲା । ଧର୍ମର ପ୍ରସାର ପାଇଁ ରାଜା ମାନେ ଅନେକ ବ୍ରାହ୍ମଣ ଶାସନ ମଧ୍ୟ ଆଖ ପାଖରେ ବସାଇଥିଲେ । ସର୍ବ ଧର୍ମର ସମନ୍ୱୟ ନୀଳାଚଳ ପିଠକୁ କାଳେ କାଳେ ବିଭିନ୍ନ ଧର୍ମାଚାର୍ଯ୍ୟ ମାନେ ଆସି ସେମାନଙ୍କର ଅନୁଗାମୀ ମାନଙ୍କ ପାଇଁ ମଠ ଓ ଧର୍ମଶାଳା ମାନ ସ୍ଥାପନା କରିଥିଲେ । ଏଥିପାଇଁ ରାଜା ଓ ବଦାନ୍ୟ ବ୍ୟକ୍ତି ମାନେ ପ୍ରଭୁତ ଭୂସଂପତ୍ତି ଓ ଅର୍ଥ ଦାନ କରିଥିଲେ । ବିଭିନ୍ନ ସଂପ୍ରଦାୟ ବା ସେକ୍ଟ ଯଥା-ଅଙ୍ଗିରା, ଅଦୈତ୍ୟ, ରାମାନୁଜ,ରାମାନନ୍ଦ, ନିମ୍ବାର୍କ, ମାଧବାଚାର୍ଯ୍ୟ, ଅତିବଡୀ, ବ୍ରହ୍ମ ମାଧବ ଗୌଡିୟ, ଉତ୍କଳ ବୈଷ୍ଣବ, ଦସନାମୀ, ନାଗା ସଂପ୍ରଦାୟମାନେ ନିଜର ମଠ ମାନ ସ୍ଥପାନା କରିଥିଲେ । କବିର, ନାନକ ମୀରା ବାଈ ମଧ୍ୟ ତାଙ୍କ ଭକ୍ତ ପାଇଁ ମଠ କରିଥିଲେ । ଜଗନ୍ନାଥଙ୍କ ସହ ସଂପୃକ୍ତ ନଥିବା ରାମକୃଷ୍ଣ ମିଶନ, ଦିବ୍ୟ ଜୀବନ ସଂଘ, ଚିଦାନନ୍ଦ, ଶିବା ନନ୍ଦ, ଅନୁକୁଳ ଚନ୍ଦ୍ର, ହରିରାନନ୍ଦ ଗିରି, ଅଭିରାମ ପରମହଂସ, ନାମାଚାର୍ଯ୍ୟ ବାୟା ବାବାଙ୍କ ମଠ ମଧ୍ୟ ଅଛି । ପୁରୀରେ ଥିବା ମୁଖ୍ୟ ମଠ ଗୁଡିକ ହେଲେ ଗୋବର୍ଦ୍ଧନ ପିଠ,ବଡ ଝାଡୁମଠ, ସାନ ଝାଡୁ ମଠ, ସୁନା ଗୋସେଇଁ ମଠ, ଜଗନ୍ନାଥ ବଲ୍ଲଭ ମଠ, ବଡ ଓଡିଆ ମଠ, ଏମାର ମଠ, ବଡ ଛତା ମଠ, ରାଧା ବଲ୍ଲଭ ମଠ, ଗଙ୍ଗା ମାତା ମଠ, ମଙ୍ଗୁ ମଠ , ନନ୍ଦିନୀ ମଠ, ସାତ ଲହରି ମଠ । ଏହାଛଡା ଅଙ୍ଗିରା, କଣ୍ଠୁ, ଭୃଗୁ ଓ ମାର୍କେଣ୍ଡେୟ ଆଶ୍ରମ ମାନ ଅଛି । ଜଗନ୍ନାଥଙ୍କ ନୀତି ସହିତ ଏମାନଙ୍କର ସଂପୃକ୍ତି ମାଦଳା ପାଞ୍ଜି ଓ ପରେ ୧୯୫୨ ମସିହାରେ ପ୍ରଣିତ ମନ୍ଦିର ଆଇନ ପୁସ୍ତକ ରେ ଉଲ୍ଲେଖ ଅଛି । ଜଗନ୍ନାଥ ଙ୍କ ବାର ମାସ ରେ ତେର ଯାତ୍ରା, ରାଜ ରାଜେଶ୍ୱର ଭଳି ମହାପ୍ରଭୁଙ୍କ ଚଳନି । ସେଥିପାଇଁ ଛପନ ନିଯୋଗ ସେବାୟତ ଖଞ୍ଜା ଯାଇଛି । ଛପନ ପଉଟି ଭୋଗ ଲାଗି ହୁଏ । ମହଣ ମହଣ ସୁନାର ଆଭରଣ ଲଗା ଯାଏ । ଲକ୍ଷେ ଭକ୍ତ ଖାଇଲା ଭଳି ମହାପ୍ରସାଦ ପ୍ରତିଦିନ ରୋଷେଇ ହୁଏ । ମଠ ମାନଙ୍କ ମଧ୍ୟରୁ କିଏ ତୁଳସୀ ଯୋଗା ଏ ତ, କିଏ ଫୁଲ ଯୋଗାଏ; କିଏ ଚାନ୍ଦୁଆ ଦିଏ, ଦୟାଣା ଫୁଲ, ଦଶ ମୂଳ ଔଷଧ, ଫୁଲରି ତେଲ, ଅଧରପଣା, ଟାହିଆ ଯୋଗାଡ କରେ, ତୁଳସୀ ଯୋଗାଏ । ବିଭିନ୍ନ ବେଶ, ନାଗାର୍ଜୁନ, ବାମନ, ରାମ, ଗଜ ବେଶ, ସୁନା ବେଶ କରନ୍ତି । ବାଳ ଭୋଗ, ଅମଣିଆ ଭୋଗ, ପୋଡପିଠା, ପଂକ୍ତି ଭୋଜନ, ଚକଟା ଭୋଗ ଲାଗି କରନ୍ତି । ଶହ ଶହ ବର୍ଷ ଧରି ନିର୍ବିଘ୍ନରେ ଏହା ଚାଲି ଆସିଛି । ମଠ ମାନେ ମହାପ୍ରଭୁଙ୍କ ପାଖରେ ମହାପ୍ରସାଦ ଭୋଗ କଲା ପରେ, ମଠରେ ଅତିଥି ଅଭ୍ୟାଗତ, ଭିକ୍ଷାର୍ଥୀ ମାନଙ୍କୁ ଦେଇଥାଆନ୍ତି । ତାହାଛଡା ସନାତନ ଧର୍ମର ପ୍ରଚାର, ସୁରକ୍ଷା, ଅତିଥି ସତ୍କାର, ନିରାଶ୍ରୟମାନଙ୍କୁ ସାହାଯ୍ୟ, ଅନ୍ନ ଦାନ, ମନ୍ଦିରକୁ ମୋଗଲ ମାନଙ୍କ ଆକ୍ରମଣରୁ ରକ୍ଷା ପାଇଁ ଆଖଡା ମାନ ପ୍ରତିଷ୍ଠା କରିବା, ପିଲା ମାନଙ୍କୁ ବେଦ ସଂସ୍କୃତ ଶିକ୍ଷା ଦେବ । ସେମାନଙ୍କ ଦାୟିତ୍ୱ ଥିଲା । ବିଭିନ୍ନ ମଠରେ ପୂରାତନ ଅମୁଲ୍ୟ ଚିତ୍ର ମାନ ରହିଛି । କାଳ କ୍ରମେ ମଠ ସଂସ୍କୃତିର ଘୋର ଅପଚୟ ହୋଇଛି । ଜ୍ଞାନ ଚର୍ଚ୍ଚା,ଅତିଥି ସତ୍କାର, ଦରିଦ୍ର ନାରାୟଣ ସେବା, ଧର୍ମ ପ୍ରଚାର କାର୍ଯ୍ୟ ସ୍ୱପ୍ନ ହେଲାଣି । ସଂପତ୍ତି ଅର୍ଜନ ସେମାନ ଙ୍କର ମୁଖ୍ୟ କାର୍ଯ୍ୟ ରେ ପରିଣତ ହେଲାଣି । ଉପଯୁକ୍ତ ମରାମତି, ଅଭାବରୁ ଅନେକ ମଠ ଭାଙ୍ଗିରୁଜି ଗଲେଣି । ଏମାର ମଠ ଏହାର ଜ୍ୱଳନ୍ତ ଉଦାହରଣ । ମହଣ ମହଣ ରୁପା ସାଇତି ଥିଲେ ମଧ୍ୟ ମଠ ଭାଙ୍ଗି ଗଲାଣି । ସରକାର ମଧ୍ୟ ମନ୍ଦିର ସଂପ୍ରସାରଣ ନାମରେ ଅନେକ ପୁରାତନ ମଠକୁ ବୁଲଡୋଜର ଲଗାଇ ଭାଙ୍ଗି ଦେଇଛନ୍ତି ।

**ଗୋବର୍ଦ୍ଧନ ପିଠ:** ଆଦି ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ଅଷ୍ଟମ ଶତିବ୍ଦୀ ରେ ପ୍ରତିଷ୍ଠିତ ଏହି ମଠ ନିଜର ଐତିହ, ପରମ୍ପରା ଓ କାର୍ଯ୍ୟପ୍ରଣାଳି ଯୋଗୁ ସର୍ବ ଶେଷ ମଠର ମାନ୍ୟତା ପାଇଛି । ହିନ୍ଦୁ ଧର୍ମର ସଂସ୍କାର ପାଇଁ ଆଦି ଶଙ୍କରାଚାର୍ଯ୍ୟ ଭାରତର ଚାରି କୋଣରେ ଚାରିଟି ମଠ ପ୍ରତିଷ୍ଠା କରିଥିଲେ । ସେଗୁଡିକ ହେଲା କର୍ଣ୍ଣାଟକର ଶୃଙ୍ଗେରୀ, ଦ୍ୱାରିକାର ସାରଦା ପିଠ, ବଦ୍ରିନାଥର ଜ୍ୟୋତି ମଠ ଓ ପୁରୀର ଗୋବର୍ଦ୍ଧନ ପିଠ । ନିଜର ଚାରି ପ୍ରମୁଖ ଶିଷ୍ୟ ପଦ୍ମପାଦ, ହସ୍ତମଳକ, ବର୍ତ୍ତିକାକାରା ଓ ତୋଟାଚାର୍ଯ୍ୟଙ୍କୁ ସେ ଏହି ମଠ ମାନଙ୍କର ଦାୟିତ୍ୱ ଦେଇଥିଲେ । ପୁରୀର ଦାୟିତ୍ୱ ପଦ୍ମପାଦଙ୍କୁ ଦିଆଗଲା । ସେ ହେଲେ ମଠର ପ୍ରଥମ ଶଙ୍କାରାଚାର୍ଯ୍ୟ । ପୁରୀ ମଠକୁ ଗୋବର୍ଦ୍ଧନ ପିଠ କୁହାଯାଏ । ଗୋ ମାତାଙ୍କ ରକ୍ଷା ଏହାର ଲକ୍ଷ୍ୟ । ଏଠାରେ ଋକ ବେଦ ଚର୍ଚ୍ଚା କରାଯାଏ । ଏହାର ମହା ଭାଷ୍ୟ-ପ୍ରଜ୍ଞା ହିଁ ବ୍ରହ୍ମ । ମଠରେ ଜଗନ୍ନାଥ (ଗୋବର୍ଦ୍ଧନ ଧାରୀ), ବିମଳା, ଶିବ ଅର୍ଦ୍ଧନାରୀଶ୍ୱର ରୂପରେ ଓ ଆଦି ଶଙ୍କର ପୂଜା ପାଆନ୍ତି । ପୁରୀର ପୂର୍ବ ଭାଗରେ ସ୍ୱର୍ଗଦ୍ୱାରକୁ ଲାଗି ଏହି ମଠଅଛି । ସମଗ୍ର ପୂର୍ବ ଭାରତ, ନେପାଳ, ଭୁଟାନ, ବଙ୍ଗଳାଦେଶ, କାଶୀ, ଗୟା, ପ୍ରୟାଗ ରାଜ ଭଳି ତୀର୍ଥ ଏହାର କ୍ଷମତା ପରିସର ରେ ରହିଛି । ବର୍ତ୍ତମାନ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତି ଏହାର ଶଙ୍କରାଚାର୍ଯ୍ୟ ଅଛନ୍ତି । ୨୦୧୭ ମସିହାରେ ପିଠାଧିଶଙ୍କ ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ନେପାଳ ନରେଶ ଅତିଥି ହୋଇ ଆସିଥିଲେ । ଏହି ମଠ ୯ମ ଶତାବ୍ଦୀରେ ମହାତ୍ମା ଶଙ୍କରଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା । ସେତେବେଳେ ଶଙ୍କର ନିଜେ ପୁରୀ ଆସିଥିଲେ । ବିଦେଶୀ ଆକ୍ରମଣ ପାଇଁ ସେବକ ମାନେ ବହୁ ଦିନ ତଳେ ଜଗନ୍ନାଥଙ୍କୁ ପାତାଳୀ କରିଥିଲେ । ମନ୍ଦିର ଶୂନ୍ୟ ପଡିଥରଲା । ନୀତି ପୂଜା ବନ୍ଦ ହୋଇଥିଲା । ଅନେକ ବର୍ଷ ଗତ ହୋଇଥିବାରୁ ମହାପ୍ରଭୁଙ୍କ ବିଗ୍ରହର ସନ୍ଧାନ ମିଳୁନଥିଲା । କଥିତ ଅଛି ଶଙ୍କର ନିଜ ଦିବ୍ୟ ଦୃଷ୍ଟି ବଳରେ ତାଙ୍କ ସନ୍ଧାନ ପାଇ ଉଦ୍ଧାର କରି ବଡ ଦେଉଳରେ ପ୍ରତିଷ୍ଠା କଲେ, ନୂତନ ନିୟମ ମାନ ପ୍ରଣୟନ କଲେ ପୂଜା ଆରମ୍ଭ କଲେ । ସେଥିପାଇଁ ଜଗନ୍ନାଥଙ୍କ ସେବା ପୂଜାରେ ଗୋବର୍ଦ୍ଧନ ମଠର ସ୍ୱତନ୍ତ୍ର ଭୂମିକା ରହିଛି । ଶଙ୍କରାଚାର୍ଯ୍ୟ ନୀତି ସମ୍ୱନ୍ଧିୟ ବିବାଦର ସର୍ବୋଚ୍ଚ ନୀତି ନିର୍ଦ୍ଧାରଣ କାରୀ । ରଥ ଯାତ୍ରାରେ ଶଙ୍କରାଚାର୍ଯ୍ୟ ଙ୍କର ସ୍ୱତନ୍ତ୍ର ଭୂମିକା ଅଛି । ରଥଯାତ୍ରାକୁ ଆସିବା ପାଇଁ ଠାକୁର ରାଜା ତାଙ୍କୁ ନିମନ୍ତ୍ରଣ ଦିଅନ୍ତି । କିଛି ବର୍ଷ ତଳେ ଶଙ୍କରାଚାର୍ଯ୍ୟଙ୍କୁ ସାମାନ୍ୟ ଅବମାମନା କରିଥିବାରୁ ଜଣେ ବରିଷ୍ଠ ଅଫିସର ତଥା ମନ୍ଦିର ପ୍ରଶାସକଙ୍କ ବଦଳି ହୋଇଥିଲା ।

ସେ ନିଜ ଅନୁଗତ ମାନଙ୍କ ସହ ପଟୁଆରରେ ଆସି ରଥ ଉପରେ ପୂଜା ଅର୍ଚ୍ଚନା କଲା ପରେ ରଥ ଟଣା ହୁଏ । ସେହିଭଳି ପୁରୀ ମନ୍ଦିରରେ ତାଙ୍କର ସ୍ୱତନ୍ତ୍ର ପ୍ରବେଶ ଅଧିକାର ଅଛି । ଆଗରୁ ଅନ୍ୟ ମଠ ପରି ଏହା ସରକାର ଙ୍କ ନିୟନ୍ତ୍ରଣ ରେ ଥିଲା । ବର୍ତ୍ତମାନ ଏହାକୁ ସରକାରୀ ନିୟନ୍ତ୍ରଣ ମୁକ୍ତ କରା ଯାଇଛି ।

ମଠ ତରଫରୁ ଆଦିତ୍ୟ ବାହିନୀ ନାମରେ ଏକ ସଂଗଠନ ସାମାଜିକ କାର୍ଯ୍ୟ କରିବା ପାଇଁ କାମ କରୁଛି । ମଠ ପାଇଁ ସ୍ୱତନ୍ତ୍ର ପାଠଶାଳା, ଯୋଗ ବିଦ୍ୟାଳୟ, ବେଦ ଶାଳା, ବାୟାମ ଶାଳା, ଗୋଶାଳା ଓ ଚିକିସ୍ତାଳୟ କାର୍ଯ୍ୟ କରୁଛି । କିଛି ବର୍ଷ ହେଲା ପ୍ରତି ସଂଧ୍ୟାରେ ମଠ ତରଫରୁ ସମୁଦ୍ର ଆଳତି କାର୍ଯ୍ୟକାରି ହେଉଛି । ପୌଷ ପୂର୍ଣ୍ଣିମା ଦିନ ସ୍ୱୟଂ ଶଙ୍କରାଚାର୍ଯ୍ୟ ଏହି ଆଳତି ପ୍ରଦାନ କରନ୍ତି । ଶଙ୍କରାନନ୍ଦ ମଠ ନାମରେ ଏହାର ଏକ ସହେଯାଗୀ ମଠ ଅଛି ।

ହିନ୍ଦୁ ଧର୍ମର ସୁରକ୍ଷା ପାଇଁ ପୁରୀର ଶଙ୍କରାଚାର୍ଯ୍ୟ ସବୁବେଳେ ତତ୍ପର । ଏ ସମ୍ୱନ୍ଧ ରେ ତାଙ୍କର କଡା ବିବୃତି ଅନେକ ସମୟ ରେ ସରକାର ଙ୍କ ପ୍ରତି ଉଦ୍ଦିଷ୍ଟ ଥାଏ । ଗୋବର୍ଦ୍ଧନ ପିଠ ଯେ ନିଜ ମହିମାରେ ମହିମାନ୍ୱିତ ଓ ହିନ୍ଦୁ ସନାତନ ଧର୍ମର ଜାଗ୍ରତ ପ୍ରହରୀ ରୂପେ ଚିରଦିନ ଦଣ୍ଡାୟମାନ ତାହା ଅସ୍ୱିକାର ହେବନାହିଁ ।


+ ଉମରକୋଟ, ନବରଙ୍ଗପୁର,
ମୋ:୯୪୩୭୨୩୫୩୮୬


## ଇଦୁଲ୍-ଅଜ୍‌ହା ଏକ ମହାନ ପର୍ବ



ମୌଲାନା ଫଜଲ ହକ ଖାଁ



ପବିତ୍ର କୁରଆନ ହଦିସ ଓ ବାଇବେଲରୁ ପ୍ରାପ୍ତ ତଥ୍ୟ ଅନୁଯାୟୀ ଚ୍ରରି ହଜାର ବର୍ଷପୂର୍ବେ ଆରବ ଭୂଖଣ୍ଡରେ ଘୋର ଅନ୍ଧ ବିଶ୍ୱାସର ବାତାବରଣ ଥିଲା । ଏକେଶ୍ୱରବାଦର କୌଣସି ଚିହ୍ନବର୍ଣ୍ଣ ନଥିଲା । ଯେତେବେଳେ ଏ ଅନ୍ଧବିଶ୍ୱାସ ସେଠାକାର ସମାଜକୁ ସଂପୂର୍ଣ୍ଣ ଗ୍ରାସ କରିବାକୁ ଲାଗିଲା ଓ କୁସଂସ୍କାର ଜଳ ସ୍ଥଳେ ସର୍ବତ୍ର ବ୍ୟାପିଗଲା, ସେତେବେଳେ (ମୁସଲମାନ ଧର୍ମବିଶ୍ୱାସ ଅନୁଯାୟୀ) ଅଲ୍ଲାଃ ଚ୍ରହିଁଥିଲେ ଯେ ଲୋକମାନେ କେବଳ ତାହାଙ୍କ ନାମ ସ୍ମରଣ କରନ୍ତୁ । ମନୁଷ୍ୟ ଜୀବବଳି ପରି କୁପ୍ରଥାରୁ ଦୂରେଇ ଯାଆନ୍ତା ଓ ସେମାନେ ଯେପରି ନର୍କଗାମୀ ହେବାରୁ ବଂଚିତ ହୋଇଯାଆନ୍ତେ । ଫଳରେ ଅଲ୍ଲାଃ ସମସ୍ତଙ୍କ ଦୃଷ୍ଟିର ଅନ୍ତରାଳରେ ରହି ଏକ ମହାନ ନାଟକର ସଂରଚନା କରିଥିଲେ, ଯାହା ସବୁ ଦିନ ପାଇଁ ସ୍ମରଣୀୟ ହୋଇ ରହିଗଲା ଏବଂ ବଳିଦାନର ପ୍ରକୃତ ଅର୍ଥ ପ୍ରକାଶ ପାଇଲା । ପ୍ରକୃତ କୁରବାନୀ କିପରି ହେବା ଦରକାର ତାହା ବୁଝାପଡ଼ିଲା । ସେଥିପାଇଁ ଆଜି ଆମେ 'କୁରବାନୀ ଇଦ' ପାଳନ କରୁଅଛେ ।

ମୁସଲମାନ ସମ୍ପ୍ରଦାୟର ଲୋକମାନେ ରମଜାନ ଇଦ୍‌ର ପରେ ଇଦୁଲ୍ ଅଜ୍‌ହା ପାଳନ କରନ୍ତି । ଆରବୀ ଭାଷାରେ "ଆଜ୍‌ହିଆ" ର ଅର୍ଥ "କୁରବାନୀ" ବଳିଦାନ ବା ତ୍ୟାଗ ।

ପବିତ୍ର କୁରଆନର ସୁରା ଅଲ୍-ସାଫାତ୍‌ରେ ବର୍ଣ୍ଣନା କରାଯାଇଛି, ଯେ ଇବ୍ରାହିମ୍ ବୃଦ୍ଧାବସ୍ଥା ପର୍ଯ୍ୟନ୍ତ ନିଃସନ୍ତାନ ଥିଲେ ଓ ଏକ ପୁତ୍ର ସନ୍ତାନ ପାଇବା ସକାଶେ ଦୁଆ କରିଥିଲେ । ଅଲ୍ଲାଃ ତାଙ୍କୁ ଏକ ସନ୍ତାନ ଜନ୍ମର ସୁସମ୍ବାଦ ଦେଇଥିଲେ । ତେବେ ସେହି ପୁତ୍ର ସନ୍ତାନ ଅଲ୍ଲାଃଙ୍କ କହିବାନୁଯାୟୀ ଜନ୍ମ ହୋଇ ବଢ଼ିବାକୁ ଲାଗିଲା । ଯେତେବେଳେ ଏହି ବାଳକ ଖେଳକୁଦର ବୟସରେ ଉପନିତ ହେଲା, ସେତେବେଳେ ହଠାତ୍ ଦିନେ ଅଲ୍ଲାଃ ଆପଣଙ୍କୁ ସ୍ୱପ୍ନ ଦ୍ୱାରା ନିର୍ଦ୍ଦେଶ ଦେଲେ, ଯେ 'ତୁ' ତୋର ଏହି ଅତିପ୍ରିୟ ସନ୍ତାନକୁ ବଳି ଦେ । ଏହାପରେ ଇବ୍ରାହିମ ଏହି ଖବର ନିଜ ପୁତ୍ର ଇସମାଇଲ୍‌ଙ୍କୁ ଶୁଣାଇଲେ । ସେହି ଭବ୍ୟ କୋମଳମତି ଆଜ୍ଞାବହ ସନ୍ତାନ ଉକ୍ତ କଥାରେ ସମ୍ମତି ପ୍ରଦାନ କରିଥିଲେ ଓ ଏହି ନିଷ୍ପତିରେ ଅଟଳ ରହିବାର ପ୍ରତିଜ୍ଞା କରିଥିଲେ । ତା'ପରେ ହଜରତ ଇବ୍ରାହିମ ନିଜ ପୁତ୍ର ଇସମାଇଲକୁ ବଳିଦେବା ପାଇଁ ଉଦ୍ୟତ ହୁଅନ୍ତେ ତାଙ୍କୁ ଦୈବୀବାଣୀ ହେଲା, ହେ ଇବ୍ରାହିମ ! ତୁମେ ଏହି ପରୀକ୍ଷାରେ ଉତୀର୍ଣ୍ଣ ହୋଇଛ । ତୁମ ପାଇ ଏହା ଏକ ପରୀକ୍ଷା ଥିଲ । ତୁମେ ପ୍ରକୃତରେ ପୁନ୍ୟବାନ । ଏବଂ ତୁମେ ଏକ ଅଣ୍ଡିରା ମେଷକୁ ବଳିଦିଅ, ଯାହା ତୁମ ପୁତ୍ରବଳିର ପ୍ରତିବଦଳ ହେବ । ଅଲ୍ଲାଃ ତୁମକୁ ଉପଯୁକ୍ତ ପୁରସ୍କାର ଅବଶ୍ୟ ପ୍ରଦାନ କରିବେ ଏବଂ ତୁମ ଆଗାମୀ ବଂଶଧରଙ୍କ ପାଇଁ ଏହି ପୂଣ୍ୟକର୍ମ ଏକ ଆଦର୍ଶ ଦୃଷ୍ଟାନ୍ତ ହୋଇ ରହିବ ।

ଯେହେତୁ ସେତେବେଳେ ମଣିଷ ବଳିର ପ୍ରଚଳନ ଥିଲା, ତେଣୁ ହଜରତ ଇବ୍ରାହିମ ମଧ ଭ୍ରମରେ ପଡ଼ିଯାଇ ନିଜ ପୁତ୍ରକୁ ବଳି ଦେବାପାଇଁ ନେଇ ଯାଇଥିଲେ । କିନ୍ତୁ ଅଲ୍ଲାଃଙ୍କ ନିର୍ଦ୍ଦେଶ ଅନୁସାରେ ହଜରତ ଇବ୍ରାହିମ ପୁତ୍ରବଳି ପରିବର୍ତ୍ତେ ମେଷବଳି ଦେଇଥିଲେ, ସେହି ସମୟ ଠାରୁ ପଶୁବଳି ପ୍ରଥା ପ୍ରଚଳନ କରିଥିଲେ ଏବଂ ମନୁଷ୍ୟବଳି ସବୁଦିନ ପାଇଁ ବନ୍ଦ କରି ଦେଇଥିଲେ । ଏହାପରେ ଯେତେବେଳେ ଲୋକମାନଙ୍କ ମଧରେ ଏଭଳି ଅନ୍ଧବିଶ୍ୱାସର ଉଦ୍ରେକ ହୋଇଥିଲା, ହଜରତ ଇବ୍ରାହିମ୍‌ଙ୍କ ଉପରେ ବିଶ୍ୱାସ ରଖୁଥିବା ଲୋକମାନେ ଏହାର ପ୍ରବଳ ବିରୋଧ କରିଥିଲେ ।

ଜଣେ ମୂର୍ତ୍ତି ତିଆରି କରୁଥିବା ବାପର ପୁତ୍ର ହୋଇ ମଧ ହଜରତ ଇବ୍ରାହିମ ଏକ ନିରାକାର ପ୍ରଭୁଙ୍କର ଭକ୍ତ ହୋଇ ପାରିଥିଲେ । ନରବଳିକୁ ଉଚ୍ଛେଦ କରି ପଶୁବଳି ପ୍ରଚଳନ କରିଥିଲେ । ତେଣୁ ବଡ଼ବଡ଼ ଧର୍ମ ସଂପ୍ରଦାୟରେ ହଜରତ ଇବ୍ରାହିମ୍‌ଙ୍କୁ ଜଣେ ସଂସ୍କାରକ ଓ ଯୁଗ ପ୍ରବର୍ତ୍ତକ ଭାବରେ ସମ୍ମାନ ଦିଆଯାଉଛି ଏବଂ ଇସଲାମ ଧର୍ମରେ ତାଙ୍କୁ ନବି(ଅବତାର)ଙ୍କ ସ୍ଥାନ ଦିଆଯାଇଛି । ମୁସଲମାନ ମାନେ ଯେତେବେଳେ ହଜରତ ମୁହମ୍ମଦ ସଲ୍ଲମଙ୍କୁ ଦରୁଦ୍ ପଠାଇଥାନ୍ତି, ସେତେବେଳେ ହଜରତ ଇବ୍ରାହିମଙ୍କ ନାମ ମଧ ନେଇଥାନ୍ତି ।

ଦୈବୀବାଣୀ ପରେ ଆଉ ଏକ ଘଟଣା ଘଟିଥିଲା । ଯାହାଦ୍ୱାରା ହଜରତ ଇବ୍ରାହିମଙ୍କୁ ନିଜ ପତ୍ନୀ ଓ ପୁତ୍ରଙ୍କ ଠାରୁ ପୃଥକ ହେବାକୁ ପଡ଼ିଥିଲା । ଏହା ମଧ ଅଲ୍ଲାଃଙ୍କ ନିର୍ଦ୍ଦେଶ ଅନୁସାରେ ହୋଇଥିଲା । କିଛି ଲୋକ ହଜରତ ଇବ୍ରାହିମଙ୍କୁ ଏକ ସତ୍ୟବାଦୀ ପୁରୁଷ ଭାବେ ଗ୍ରହଣ କରି ତାଙ୍କର ଅନୁଗାମୀ ହୋଇଥିଲେ । ଯେହେତୁ ହଜରତ ଇବ୍ରାହିମ ଏକେଶ୍ୱରବାଦର ପ୍ରଚ୍ରର କରୁଥିଲେ, ଅନୁଗାମୀମାନେ ଏହାକୁ ସତ୍ୟ ସିଦ୍ଧାନ୍ତ ଭାବେ ଗ୍ରହଣ କରିଥିଲେ ।

ହଜରତ ଇବ୍ରାହିମଙ୍କୁ ଅଲ୍ଲାଃ ନିର୍ଦ୍ଦେଶ ଦେଲେ ଯେ ତୁମେ ନିଜ ପତ୍ନୀ ହଜରତ ହାଜ୍‌ରାଙ୍କୁ ଓ ପୁତ୍ର ହଜରତ ଇସମାଇଲଙ୍କୁ ନେଇ ଏକାନ୍ତରେ ଛାଡ଼ିଆସ । ସେ ଅଲ୍ଲାଃଙ୍କ ଆଜ୍ଞା ପାଳନ କରି ତାହା ହିଁ କରିଥିଲେ । ଛଅ ବର୍ଷର ପୁତ୍ର ଓ ହଜରତ ହାଜରାଙ୍କୁ ସାଙ୍ଗରେ ନେଇ ଏକ ନିର୍ଜନ ବାଲୁକାମୟ ମରୁଭୂମିରେ ଛାଡ଼ି ଆସିଲେ । ଏହି ଘଟଣା ଆଉ ଏକ ସତ୍ୟ ଘଟଣାର ସୁତ୍ରପାତ କଲା । ନିଜ ପତ୍ନୀ ଓ ପୁଅକୁ ଆରବର ମକ୍କା ମରୁପ୍ରାନ୍ତରେ ଛାଡ଼ି ଆସିବା ପରେ ସେଠାରେ ମାତା ଓ ପୁତ୍ରଙ୍କର ବଂଚିବାର ଏକମାତ୍ର ସମ୍ୱଳ ଥିଲା, ଅଳ୍ପ ପାଣି ଓ କିଛି ଖଜୁରୀ କୋଳି । ହଜରତ ଇବ୍ରାହିମ ଘର ମୁହାଁ ହେଲା ବେଳେ ପତ୍ନୀ ହାଜରା ପଚ୍ଚରିଥିଲେ, ଏପରି କରିବାର ଉଦ୍ଦେଶ୍ୟ କ'ଣ ? ବାରମ୍ୱାର ଏହି ପ୍ରଶ୍ନ କରନ୍ତେ ହଜରତ ଇବ୍ରାହିମ ଲୋକତପୂର୍ଣ୍ଣ ଚକ୍ଷୁରେ ଉପରକୁ ଇଙ୍ଗିତ କରିଥିଲେ । ହଜରତ ହାଜରା ବୁଝିପାରିଲେ ଯେ ଏହା ଆଲ୍ଲାଃଙ୍କ ନିର୍ଦ୍ଦେଶ । ସେ କହିଲେ, "ଯଦି ଏହା ଅଲ୍ଲାଃଙ୍କର ଇଚ୍ଛା, ତେବେ ଆପଣ ଆମକୁ ନିର୍ଶ୍ଚିତ ହୋଇ ଏଠାରେ ଛାଡ଼ି ଯାଆନ୍ତୁ । ଅଲ୍ଲାଃ ଆମକୁ କେବେହେଲେ ନଷ୍ଟ କରିବେ ନାହିଁ ।" କିଛି ଦିନପରେ ପାଖରେ ଥିବା ଖଜୁରୀ କୋଳି ଓ ପାଣି ସରିଗଲା । ଶିଶୁ ପୁତ୍ର ଇସମାଇଲଙ୍କୁ ପ୍ରବଳ ଶୋଷ ହେଲା ଓ ସେ କାନ୍ଦିବାକୁ ଲାଗିଲେ । ହଜରତ ହାଜରା ଅତି ବ୍ୟାକୁଳ ହୋଇ ଅନତି ଦୂରରେ ଥିବା ଦୁଇଟି ପାହାଡ଼ "ସଫା" ଏବଂ "ମର୍‌ୱା" ଉପରେ ସାତଥର ଚଢ଼ି ପାଣି ଖୋଜିଲେ । କୌଣସି ସ୍ଥାନରେ ପାଣିର ସନ୍ଧାନ ମିଳିଲା ନାହିଁ । ହଜରତ ହାଜରା ଆର୍ତନାଦ କରିଥିଲେ "କ'ଣ ଅଲ୍ଲାଃଙ୍କର କେହି ପୁଣ୍ୟବନ୍ତ ଭକ୍ତ ଅଛି, ଯେ ଆମକୁ ପାଣି ଯୋଗାଇ ପାରିବ ?" ସେତେବେଳେ ଦୈବୀବାଣୀ ଦ୍ୱାରା ତାଙ୍କୁ ଜଣାଇ ଦିଆଗଲା ଯେ ତୁମ ସନ୍ତାନର ଆବଶ୍ୟକତା ପୂରଣ ହୋଇଯାଇଛି । ସତକୁ ସତ ସେ ପାହାଡ଼ରୁ ତଳକୁ ଓହ୍ଲାଇ ଦେଖିଲେ ଯେ ହଜରତ ଇସମାଇଲଙ୍କ ଗୋଇଠି ଘର୍ଷଣରୁ ବାଲି ମଧ୍ୟରୁ ଏକ କ୍ଷୁଦ୍ର ଝରଣା ସୃଷ୍ଟି ହୋଇଛି । ସେମାନେ ସେହି ଝରଣା କୂଳରେ ନିଜର ଡ଼େରା ପକାଇଲେ । କ୍ରମଶଃ ସେହି ସ୍ଥାନ ବଣିକମାନଙ୍କର ମଧ ଏକ ବିଶ୍ରାମଗାରରେ ପରିବର୍ତ୍ତିତ ହେଲା । ଏହି ସ୍ଥାନକୁ ଏକ ପବିତ୍ର ସ୍ଥାନ ରୂପେ ଗ୍ରହଣ କରାଯାଏ ଓ ଏଠାରୁ ଯେଉଁ ପାଣି ବାହାରିଥିଲା, ପରବର୍ତ୍ତୀ ସମୟରେ ତାହା ଏକ ଝରଣାରେ ପରିଣତ ହେଲା । ଏବଂ ଏହା "ଆବେ ଜମ୍ ଜମ୍" (ଅର୍ଥାତ୍ ଏ ପାଣି ତୁ ଅଟକି ଯା') ନାମରେ ବିଖ୍ୟାତ ।

କୁରବାନୀର ଅନ୍ତର୍ନିହିତ ଶିକ୍ଷା ହେଉଛି "ନିଜର ସର୍ବସ୍ୱକୁ ଈଶ୍ୱରଙ୍କ ପାଇଁ ଓ ମାନବ କଲ୍ୟାଣ ପାଇଁ ଉତ୍ସର୍ଗ କରିଦେବା ।" ହଜରତ ଇବ୍ରାହିମଙ୍କ ସମୟରେ ପଶୁବଳି ପ୍ରଥା ପ୍ରଚଳିତ ହୋଇଥିଲା । ଏହାକୁ ସେ ସମୟର ଖ୍ରୀଷ୍ଟିଆନ ଓ ୟହୁଦୀ ଧର୍ମାଲମ୍ବୀମାନେ ମଧ ଗ୍ରହଣ କରିଥିଲେ । ପରବର୍ତ୍ତୀ ସମୟରେ ଏହି ପଶୁବଳି ପ୍ରଥାକୁ ହଜରତ ମହମ୍ମଦ ସଲ୍ଲମ ନୀୟମିତ ରୀତିରେ ପରିଣତ କରିଥିଲେ । ସମସ୍ତ ହଜ ଯାତ୍ରୀଙ୍କ ସକାଶେ ପଶୁବଳି ଦେବା ଧାର୍ଯ୍ୟ କରି ଦିଆଗଲା । ସମଗ୍ର ମୁସଲମାନମାନଙ୍କ ପାଇଁ କୁରବାନୀ କରିବାକୁ ଏକ ଆଦର୍ଶ ଭାବେ ଗ୍ରହଣ କରାଗଲା ।

କେତେକ ଅନୁଚରଙ୍କ ପ୍ରଶ୍ନର ଉତର ଦେଇ କୁରବାନୀର ଉଦ୍ଦେଶ୍ୟ ଓ ମହତ୍ୱ ବିଷୟରେ ନବି ଶ୍ରେଷ୍ଠ ହଜରତ ମୁହମ୍ମଦ ସଲ୍ଲମ କୁହନ୍ତି ଯେ 'ଏହା ହେଉଛି ସୁନ୍ନତ୍ (ମୋର ଅନୁସୃତ ପନ୍ଥା) । ଏହାପରେ ଅଲ୍ଲାଃ ପବିତ୍ର କୋରାନର ସୁରା ଅଲ୍ ହଜରେ ଏହି ଆୟତ ଅବତୀର୍ଣ୍ଣ କଲେ "ତୁମ୍ଭମାନଙ୍କ କୁରବାନୀ ପଶୁର ମାଂସ ବା ରକ୍ତ ଅଲ୍ଲାଃଙ୍କ ଠାରେ ଗୃହୀତ ହୁଏ ନାହିଁ । ଯାହା ଗୃହୀତ ହୁଏ, ତାହା ହେଉଛି ଅଲ୍ଲାଃଙ୍କ ପ୍ରତି ଭକ୍ତି ।"

ଅନ୍ୟ ଧର୍ମାବଲମ୍ବୀଙ୍କର କୁରବାନୀ ପ୍ରଥାଠାରୁ ଇସଲାମୀ କୁରବାନୀ ପ୍ରଥାରେ ପାର୍ଥକ୍ୟ ରହିଛି । ହଜରତ ମୁହମ୍ମଦ ସଲ୍ଲମଙ୍କ ଶିକ୍ଷାରେ ଅନୁପ୍ରାଣୀତ ହୋଇ ଏଯୁଗର କଳକୀ ଅବତାର ତଥା ଅହମଦୀୟା ମୁସଲିମ ସଂପ୍ରଦାୟର ସଂସ୍ଥାପକ ହଜରତ ମିର୍ଜା ଗୁଲାମ ଅହମଦ ନିଜ ପୁସ୍ତକ "ଖୁତ୍‌ବା ଇଲ୍‌ହାମିଆ"ରେ ବ୍ୟାଖ୍ୟା କରିଛନ୍ତି ଯେ ଯେଉଁବ୍ୟକ୍ତି ନିଜକୁ ଅଲ୍ଲାଃ ପାଖରେ ଆତ୍ମ ସମର୍ପଣ କରିଦିଏ... ସେ ହିଁ ପ୍ରକୃତ ମୁସଲମାନ ପଦବାଚ୍ୟ ।

ସୁତରାଂ ଏହି ଇଦ୍‌ର ଶିକ୍ଷା ହେଉଛି ତ୍ୟାଗର ମନଭାବ ନେଇ ପ୍ରଥମେ କିଛି ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ଓ ମାନବ କଲ୍ୟାଣ ପାଇଁ ଉତ୍ସର୍ଗ କର । ଏହାପରେ ଯେଉଁ ଆନନ୍ଦ ମିଳେ ତାହା ହିଁ ପ୍ରକୃତ ଆନନ୍ଦ । ଇଦୁଲ୍ ଅଜିହା ଆମକୁ କେବଳ ପଶୁବଳି ଦେବାର ଶିକ୍ଷା ଦେଇନଥାଏ ବରଂ ଆମେ ନିଜର ଧନ-ଜନ, ମାନ-ସମ୍ମାନ, ଓ ସମୟର କୁରବାନୀ ଦେଇ ଅଲ୍ଲାଃଙ୍କ ସାନିଧ୍ୟ ହାସଲ କରିବା ଓ ମାନବ କଲ୍ୟାଣ ପାଇଁ ନିଜକୁ ଉତ୍ସର୍ଗ କରିବାର ପାଇଁ ମଧ ଶିକ୍ଷା ଦେଇଥାଏ । ଏହାହିଁ ହେଉଛି, ସମୟର ଆହ୍ୱାନ ।


+ ୟୁନିଟ-୪, ଭୁବନେଶ୍ୱର
(ମୋ) ୯୬୯୨୨୨୫୦୫୭


### କବିତା କୋଣାର୍କ

## ତୁମ ଛବି...



ନବୀନ ସାହୁ

ତୁମ ଛବି ଯେବେ ମୋର ହାତରେ ପାଇଲି
ପାପୁଲିରେ ଭାଗ୍ୟରେଖା ତେବେ ମୁଁ ଦେଖିଲି ।
କି ମୋହିନୀ ମଂତ୍ରେ ମଂତ୍ରି ଦେଇଥିଲ ତାରେ ?
ଏକ ଦରଶନେ ମୋହି ନେଇଥିଲା ମୋରେ ।
ଆକର୍ଷଣ ଭରା ନେତ୍ର ଅବା ଯାଦୁଘର !
ଦର୍ଶକ ମୁଁ ବାକ୍ୟ ହୀନ ଦେଖି ଚମତ୍କାର ।

ଅନାମିକା ଅଙ୍ଗେ ମୁଦି କେତେ ମନୋହର
ଅନାଇ ରହିବା ହେଲା ଅନନ୍ୟ ବେପାର ।
କ୍ଷୁଧା ହଜିଗଲା, ଉଡ଼ିଗଲା ନେତ୍ରନିଦ
ଅଥୟ ଅଧୀର ପ୍ରାଣେ ଲାଗିଲା ବିବାଦ ।
ପଶିଲା ସଂଶୟ ମନେ --ପାଇବି କି ନାହିଁ
ହୋଇ କି ପାରିବି ଚନ୍ଦ୍ର ପ୍ରେମିବାକୁ କହିଁ ?
ସେ ଯଦି ବାରଣ କରେ ମୋରେ ଦୀନ କହି
ଅପମାନେ ପ୍ରାଣ ସିନା ଛାଡ଼ି ଦେବ ମହୀ !
ରଜନୀ ରାଜୁତି କଲା ଦ୍ୱଂଦ୍ୱ ଭାର ଦେଇ
ହୃଦୟ କହିଲା : ସିଏ ଗଢ଼ା ମୋର ପାଇଁ ।

ଏ ଜୀବନ ସମର୍ପିତ ହେଉ ତାର ସୁଖେ
ଫୁଟି ଉଠୁ ହାସ୍ୟଫୁଲ ବାରମାସୀ ମୁଖେ ।
ଏମିତି କାଟିଲି ତିନି ଦିନ ତିନି ରାତି
ଶୁଭ ଶଙ୍ଖ ଧ୍ୱନି ଦେଲା ବୁଧବାର ରାତି ।
ହାତୀ କି ଢାଳିଲା ସ୍ୱର୍ଣ୍ଣକଳସ ମୋ' ମୁଣ୍ଡେ !
ହାତ କି ଟେକିଲା ଚାନ୍ଦ ଠିଆ ହୋଇ ଦାଣ୍ଡେ !
ଧରିଲି ଗୋ ତୁମ ହାତ କେତେ ପୁଣ୍ୟ ବଳେ
ଭକ୍ତ ଯେହ୍ନେ ପ୍ରଭୁ କୃପା ପାଏ ତପ ବଳେ ।
ଧନ୍ୟ ସେହି ଛବି ତୁମ, ଧନ୍ୟ ରୂପକାନ୍ତି
ଲେଖିଲି କବିତା ତବ ପ୍ରେମ ହୃଦେ ଚିନ୍ତି ।।


+ ବେହେରାଟାଲ, ଦହିଗାଁ, ପଦ୍ମପୁର, ବରଗଡ଼
(ମୋ) ୬୨୬୪୫୩୦୧୮୮


### କବିତା କୋଣାର୍କ

## ଅଧରପଣା...

ନଗେନ୍ଦ୍ର ନାଥ ପଟ୍ଟନାୟକ

କାଳିଆ, ବଳିଆ, ଭଉଣୀ ସୁଭଦ୍ରା
ତିନିଦିଅଁ ରଥାସୀନ
ଥୁଆ ହୋଇଥାଏ ତିନିରଥେ ପରା
ମିଠାପଣା ହାଣ୍ଡି ପାନ ।

କ୍ଷୀର, ଛେନା, ଚିନି ଜଳ ସମ୍ମିଶ୍ରଣେ
ତିଆରି ଏ ପଣା ଜାଣ
ଲାଖିଯାଏ ଆଖି ଭକତଜନଙ୍କ
ହୃଦେ ଖେଳେ ଶିହରଣ ।

ଅଦ୍ଭୁତ ଭିଆଣ, ଦୃଶ୍ୟ ମନୋରମ
କାଳିଆ ପ୍ରଭୁଙ୍କ ଲୀଳା
ଉନ୍ମାଦନା ଜାଗେ ଶ୍ରଦ୍ଧାଳୁଙ୍କ ମନେ
ଭିଜିଯାଏ ଆଖିଡୋଳା ।

ଦାରୁଦିଅଁଙ୍କର ଅଧରକୁ ଛୁଏଁ
ବୋଲି ସେ ଅଧରପଣା
ଯଥାରୀତି ମତେ ହୁଏ ସମାପନ
ଦର୍ଶନାର୍ଥୀ ମନଜିଣା ।

ସୁନାବେଶ ପରେ ତିନିଦିଅଁଠାରେ
ପଣା ହୁଏ ଅରପଣ
ସାଉଁଟି ନିଅନ୍ତି ଆଂଜୁଳାଏ ଲେଖାଁ
ମିଠାପଣା ଭକ୍ତଜନ ।


+ ୯୯୯-୩, ଜଗମୋହନ ନଗର,
ଜାଗମରା, ଖଣ୍ଡଗିରି
ଭୁବନେଶ୍ୱର,
(ମୋ)୯୪୩୮୩୩୨୧୩୮


## ସୁନାବେଶ...

ସୁଦର୍ଶନ ମହାପାତ୍ର

ଆଷାଢ଼ର ଶୁକ୍ଳ ଏକାଦଶୀ ତିଥି
ସୁନାବେଶ ଲାଗି ଖ୍ୟାତ
ଭାଇ ଭଉଣୀଙ୍କ ସାଥେ ରଥପରେ
ବିଜେ ପରା ଜଗନ୍ନାଥ ।।

ମିଳିଯାଏ ସତେ ସରଗର ସୁଖ
ରଥେ ଦେଖି ଏହି ବେଶ
ସତେ କି ହୋଇଛି ରାତ୍ରି ଆକାଶରେ
ବ୍ରହ୍ମ ଜ୍ୟୋତି ପରକାଶ ।।

ଭକତ କାମନା ହୁଅଇ ପୂରଣ
ଲଭଇ ଜୀବନେ ଶାନ୍ତି
ପାପ କଳୁଷରୁ ମୁକ୍ତି ମିଳିଯାଏ
ପୂଣ୍ୟ ଫଳ ହୁଏ ପ୍ରାପ୍ତି ।।

ଅଛି କିମ୍ବଦନ୍ତୀ ରାଜା କପିଳେନ୍ଦ୍ର
ଜୟ କରି ଦାକ୍ଷିଣାତ୍ୟ
ଅର୍ପିଲେ ଭକ୍ତିରେ ପ୍ରଭୁଙ୍କ ପୟରେ
ଯେତେ ସବୁ ଧନରତ୍ନ ।।

ସେଦିନୁ ବିବିଧ ସ୍ୱର୍ଣ୍ଣ ଅଳଙ୍କାରେ
ସୁସଜ୍ଜିତ ତିନି ଦିଅଁ
କିରୀଟ କୁଣ୍ଡଳ କଣ୍ଠେ ରତ୍ନମାଳ
ଆହା କେଡେ ଶୋଭାମୟ ।।

କି ସୁନ୍ଦର ରୂପ ସେଇ ନିର୍ବିକଳ୍ପ
ରଥରେ କାଳିଆ ସୁନା
ଭକତର ନେତ୍ର ହୁଅଇ ପବିତ୍ର
ଭାବେ ହୁଏ ଆନମନା ।।


+ କୁଞ୍ଜବିହାରୀ ଲେନ, କଟକ


## ନଅଦିନ ରହି ବାହୁଡ଼ିବେ ସାଇଁ

ପ୍ରଶାନ୍ତ କୁମାର ଦାଶ

ନଅଦିନ ରହି ଗୁଣ୍ଡିଚା ମନ୍ଦିରେ
ପାଇ ଭୋଗ ଧୂପ ପୂଜା
ଦେଉଳେ ଫେରିବେ ଜଗତ ଠାକୁର
ଖୁସିରେ କାଳିଆ ରାଜା ।

ବାଟରେ ପଡିବ ମାଉସୀର ଘର
ଖାଇବ ସେ ପୋଡ଼ପିଠା
କାହିଁ କେତେଦିନୁ ଚାହିଁଛି ମାଉସୀ
ସାଇତି ଶରଧା ମିଠା ।

ପତିତ ଜନଙ୍କୁ ଉଦ୍ଧାରିବା ପାଇଁ
ନଅଦିନ ରଥ ଯାତ
ଛାଡ଼ନ୍ତି ମନ୍ଦିର ଭାଇ ଓ ଭଉଣୀ
ଥାଆନ୍ତି ତାଙ୍କରି ସାଥ ।

ରାଣୀ ଗୁଣ୍ଡିଚାଙ୍କୁ ଦେଇଥିଲେ କଥା
କାଳିଆ ଜଗତ ନାଥ
ବରଷକେ ଥରେ ନଅଦିନ ଯିବେ
ଚଢ଼ି ନନ୍ଦିଘୋଷ ରଥ ।

କେତେ ଭକତ ଯେ ଇଛା କରିଛନ୍ତି
ଦେଖିବେ ଠାକୁର ତିନି
ମନ୍ଦିରେ ବାଜଇ ଘଣ୍ଟ ଘଣ୍ଟା ଖୋଳ
ଝାଞ୍ଜ କରତାଳ ଗିନି ।

କରୋନା ପାଇଁକି କଟକଣା ଅଛି
ଯିବେନି ଭକତ କେହି
ଦୂରଦର୍ଶନରେ ଦେଖିବେ ଠାକୁର
ନିଜ ନିଜ ଘରେ ରହି ।

ଠାକୁର ଢ଼ାଳିବେ ଅଶିଷ ଅସରା
କରୋନା ଦୁରେଇ ଯିବ
ଦୁଃଖ ହଟିଯିବ ଏ ସାରା ସଂସାରୁ
ସୁଖ ଚିରକାଳ ଥିବ ।

ନଅଦିନ ରହି ବାହୁଡ଼ିବେ ସାଇଁ
ଭାଇ ଭଉଣୀଙ୍କୁ ଧରି
ସୁନାବେଶ ହେଇ ରସଗୋଲା ଖାଇ
ଦେଉଳକୁ ଯିବେ ଫେରି ।


କୁଞ୍ଜର ସଙ୍ଗଲାଇ
ପିପିଲି ପୁରୀ
(ମୋ) ୯୬୬୮୮୨୨୧୯୦

# ପିଲାଙ୍କୁ ବୁଝାନ୍ତୁ ସମ୍ପର୍କର ମହତ୍ତ୍ୱ

ଆଜି ପିଲାମଙ୍କୁ ଅଭିଭାବକମାନେ ସବୁ ସୁଖ ସୁବିଧା ଦେଉଛନ୍ତି । ନିଜେ ପଛେ ଅସୁବିଧାରେ ଚଳୁଛନ୍ତି, କିନ୍ତୁ ପିଲାଙ୍କ ସୁଖ ସୁବିଧାରେ ଯେମିତି କୌଣସି ଅଭାବ ରହିବ ନାହିଁ, ସେଥିପ୍ରତି ବେଶ୍ ଯତ୍ନବାନ ହେଉଥିବା ଦେଖିବାକୁ ମିଳୁଛି । ତେବେ ବର୍ତ୍ତମାନ ଅଧିକାଂଶ ଅଭିଭାବକ ପିଲାଙ୍କ ପାଠପଢ଼ା ଦିଗରେ ବେଶ୍ ସଚେତନ । ତେଣୁ ଘରେ ଅଧିକ ଗହଳି ଚହଳି ହେଉ ବୋଲି ଚାହୁଁନାହାନ୍ତି । ଫଳରେ ବନ୍ଧୁବାନ୍ଧବ, ସମ୍ପର୍କୀୟଙ୍କଠାରୁ ଦୂରେଇ ରହୁଛନ୍ତି । ଏହା ପିଲାଙ୍କ ଉପରେ ଖରାପ ପ୍ରଭାବ ପକାଉଛି । ଆଜିର ବ୍ୟସ୍ତ ଜୀବନଶୈଳୀ ଯୋଗୁଁ ଅଧିକାଂଶ ବ୍ୟକ୍ତିଙ୍କ ପାଖରେ ସମୟର ଘୋର ଅଭାବ । ସେଥିପାଇଁ ସେମାନେ ସାମାଜିକ ଉତ୍ସବ, ଭୋଜିଭାତ ଆସର ଆଦିରେ ଯୋଗ ଦେଇପାରୁନାହାନ୍ତି । ଫଳରେ ଧୀରେ ଧୀରେ ସମ୍ପର୍କୀୟଙ୍କଠାରୁ ଦୂରେଇ ଯାଉଛନ୍ତି । ଏହାର ପ୍ରଭାବ ଛୋଟ ପିଲାଙ୍କ ଉପରେ ପଡୁଛି ଏବଂ ପିଲାମାନେ ସମ୍ପର୍କର ମାନେ କିଛି ବୁଝୁ ନାହାନ୍ତି । କୁହାଯାଏ, ମଣିଷ ଜନ୍ମ ହେଲା ପରେ ସମ୍ପର୍କରେ ବାନ୍ଧି ହୋଇଯାଏ ଏବଂ ସେ ଛୋଟବେଳୁ ସମ୍ପର୍କର ଶୀତଳ ସ୍ପର୍ଶ ପାଏ । କିନ୍ତୁ ପରିବର୍ତ୍ତନଶୀଳ ପରିବେଶ ଯୋଗୁଁ ବ୍ୟକ୍ତି ସମ୍ପର୍କୀୟଙ୍କଠାରୁ ଦୂରେଇ ରହେ । ଏହାର ଖରାପ ପ୍ରଭାବ ପିଲାଙ୍କ ଉପରେ ପଡ଼େ । ଏହା ଦ୍ୱାରା ପିଲାମାନେ ନା ପରମ୍ପରା ବିଷୟରେ ଜାଣନ୍ତି ନା ସେମାନେ ସମସ୍ତଙ୍କୁ ଭଲ ବ୍ୟବହାର କରିପାରନ୍ତି । ପିଲାଏ ସମ୍ପର୍କକୁ ବୁଝିପାରନ୍ତି ନାହିଁ କି ସମ୍ପର୍କୀୟଙ୍କୁ ଚିହ୍ନି ପାରନ୍ତି ନାହିଁ । ତେବେ ଏହାର କାରଣ ଗୁଡ଼ିକ କ'ଣ ଆସନ୍ତୁ ଜାଣିବା ।



**ସମୟର ଅଭାବ:**

ଆଜି ବ୍ୟକ୍ତି ଏତେ ବ୍ୟସ୍ତ ହୋଇଯାଉଛି ଯେ, ନିଜ ପାଖରେ ନିଜ ପାଇଁ ସମୟ ନାହିଁ । ଏହା ମଧ୍ୟରେ କିପରି ସମ୍ପର୍କୀୟଙ୍କ ସହିତ ସମ୍ପର୍କ ରଖିବ ଓ ପିଲାଙ୍କୁ ସମ୍ପର୍କର ମାନେ ବୁଝାଇବ । ଯାହାଦ୍ୱାରା ଧୀରେ ଧୀରେ ସମ୍ପର୍କର ମୂଲ୍ୟ ହ୍ରାସ ବୁଝାଇବ । ଯାହା ଦ୍ୱାରା ଧୀରେ ଧୀରେ ସମ୍ପର୍କର ମୂଲ୍ୟ ହ୍ରାସ ହେଉଛି । ପିଲାଏ ସାମାଜିକ ସମ୍ପର୍କକୁ ଗୁରୁତ୍ୱ ଦେଉନାହାନ୍ତି କିମ୍ବା କିଛି ଅତି ନିକଟ ସମ୍ପର୍କୀୟଙ୍କୁ ଛାଡ଼ିଦେଲେ ଅନ୍ୟମାନଙ୍କୁ ଚିହ୍ନି ପାରୁ ନାହାନ୍ତି ।

**ଏକୁଟିଆ ପରିବାର:**

କିଛି ବର୍ଷ ତଳେ ଲୋକମାନେ ଯୌଥ ପରିବାରରେ ରହୁଥିଲେ । କିନ୍ତୁ ଆଜି ଏକୁଟିଆ ପରିବା ବେଶି ଦେଖିବାକୁ ମିଳୁଛି । ଏହି ଛୋଟ ପରିବାରରେ ଅତି ବେଶିରେ ଚାରିରୁ ପାଞ୍ଚ ଜଣ ସଦସ୍ୟ ରହୁଛନ୍ତି । ଏହାଦ୍ୱାରା ପିଲାଏ ଅନ୍ୟ ରକ୍ତ ସମ୍ପର୍କୀୟଙ୍କ ସମ୍ପର୍କରେ ବିଶେଷ କିଛି ଜାଣିପାରନ୍ତି ନାହିଁ । ପିଲାମାନେ ପରମ୍ପରାଠାରୁ ଦୂରେଇ ରୁହନ୍ତି । କାରଣ ପିତାମାତାଙ୍କ ପାଖରେ ସମୟର ଘୋର ଅଭାବ ଯୋଗୁଁ ପିଲାମାନଙ୍କୁ ସାଂସ୍କୃତିକ ସଂସ୍କାର ବିଷୟରେ ବୁଝାଇ ପାରନ୍ତିନି ।

> ବର୍ତ୍ତମାନ ଅଧିକାଂଶ ଅଭିଭାବକ ପିଲାଙ୍କ ପାଠପଢ଼ା ଦିଗରେ ବେଶ୍ ସଚେତନ । ତେଣୁ ଘରେ ଅଧିକ ଗହଳି ଚହଳି ହେଉ ବୋଲି ଚାହୁଁନାହାନ୍ତି । ଫଳରେ ବନ୍ଧୁବାନ୍ଧବ, ସମ୍ପର୍କୀୟଙ୍କଠାରୁ ଦୂରେଇ ରହୁଛନ୍ତି । ଏହାର ପ୍ରଭାବ ଛୋଟ ପିଲାଙ୍କ ଉପରେ ପଡୁଛି ଏବଂ ପିଲାମାନେ ସମ୍ପର୍କର ମାନେ କିଛି ବୁଝୁ ନାହାନ୍ତି ।

**ଏକଲାପଣ:**

ଧୀରେ ଧୀରେ ସବୁ ଜିନିଷର ଦରଦାମ ଆକାଶଛୁଆଁ ହେବାରେ ଲାଗିଛି । ପନିପରିବାଠାରୁ ଆରମ୍ଭ କରି ପିଲାଙ୍କ ପଢ଼ା, ସ୍ୱାସ୍ଥ୍ୟ ତଥା ଅନ୍ୟାନ୍ୟ ଆବଶ୍ୟକତା ପୂରଣ ପାଇଁ ଅଧିକରୁ ଅଧିକ ଟଙ୍କା ଦରକାର ହେଉଛି । ଏହାକୁ ଦୃଷ୍ଟିରେ ରଖି ଉଭୟ ସ୍ୱାମୀ ଓ ସ୍ତ୍ରୀ ଚାକିରି କରିବାକୁ ଇଚ୍ଛା କରୁଛନ୍ତି । ପିତାମାତା ଦୁହେଁ କର୍ମଜୀବି ହେବା ଫଳରେ ପିଲାମାନଙ୍କୁ ଏକୁଟିଆ ସମୟ ବିତାଇବାକୁ ପଡ଼େ । ପିଲା ଘରେ ଏକା ଥାବ ସମୟରେ କମ୍ପ୍ୟୁଟର, ଟିଭି, ସହିତ ବନ୍ଧୁତା କରୁଛନ୍ତି । ଏହାଦ୍ୱାରା ସେମାନେ ସଂସ୍କାର ଓ ପରମ୍ପରା କ'ଣ ଜାଣିପାରୁ ନାହାନ୍ତି । ପିଲାଏ ଶୃଙ୍ଖଳା ଓ ସଂସ୍କାର କେବଳ ପିତାମାତାଙ୍କ ଠାରୁ ଜାଣିଥାନ୍ତି । କିନ୍ତୁ ଯେତେବେଳେ ପିତାମାତା ଉଭୟେ ପିଲାଙ୍କଠାରୁ ଦୂରେଇ ରୁହନ୍ତି ସେସବୁ ସମ୍ଭବ ହୋଇପାରୁ ନାହିଁ ।

**ଦେଖାଇ ହେବା ଯୁଗ:**

ହାଇଟେକ୍ ଲାଇଫ୍ ଷ୍ଟାଇଲ୍‌ରେ ଆଜି ପ୍ରତ୍ୟେକ



କ୍ଷେତ୍ରରେ ଦେଖାଇ ହେବା ଗୁଣ ସମସ୍ତଙ୍କଠାରେ ଦେଖାଯାଉଛି । ଏଥିପାଇଁ ସମସ୍ତ ସମ୍ପର୍କ ଓ ପରମ୍ପରା ଧୀରେ ଧୀରେ ଲୋପ ପାଉଛି । ଏହାର ଖରାପ ପ୍ରଭାବ ପିଲାଙ୍କ ଉପରେ ପଡୁଛି । ତେଣୁ ସମ୍ପର୍କରେ କମ୍ ଓ ଦେଖାଇ ହେବାରେ ରୁଚି ଅଧିକ ରହୁଛି ।

**ଟଙ୍କା ସହିତ ସମ୍ପର୍କକୁ ତୁଳନା:**

ଆଜି ସମ୍ପର୍କର ମହତ୍ତ୍ୱକୁ ଟଙ୍କା ସହିତ ତୁଳନା କରାଯାଉଛି । କାରଣ ପିତାମାତା ସମ୍ପର୍କକୁ କମ୍ ଓ ଟଙ୍କା ପଇସାକୁ ଅଧିକ ଗୁରୁତ୍ୱ ଦେଉଛନ୍ତି । ଏହି ବାତାବରଣ ଦେଖି ପିଲା ମଧ୍ୟ ସମ୍ପର୍କକୁ ପସନ୍ଦ କରୁନାହାନ୍ତି । ମନୋଚିକିତ୍ସକଙ୍କ ଅନୁସାରେ, ପରିବାରରେ ପିତାମାତାଙ୍କ ଗୁରୁତ୍ୱ ଯେଉଁଥିରେ ରହେ ପିଲାମାନଙ୍କର ମଧ ସେଥିରେ ରହେ । ତେଣୁ ସମ୍ପର୍କଠାରୁ ପିଲା ଦୂରେଇ ଯାଉଛନ୍ତି ।


**କିପରି ବୁଝାଇବେ ପିଲାଙ୍କୁ:**

ଆଜିର ମଣିଷ ଆଧୁନିକ ଯୁଗ ସହିତ ତାଳଦେଇ ଚାଲୁଛି । ଏହାର ମାନେ ନୁହେଁ ଯେ, ପାରିବାରିକ ପରମ୍ପରା ଓ ସମ୍ପର୍କୀୟଙ୍କଠାରୁ ଦୂରେଇଯିବା । ତେଣୁ ପିଲାଙ୍କୁ ଭଲ ମଣିଷ କରିବାକୁ ହେଲେ ସମସ୍ତ ସମ୍ପର୍କୀୟ ତଥା ଜେଜେ ବାପା- ଜେଜେମା', ଦାଦା, ଖୁଡ଼ୀ, ପିଉସୀ, ପିଇସା ସମସ୍ତଙ୍କ ସହ ଭଲ ସମ୍ପର୍କ ରଖିବା ସେମାନଙ୍କୁ ଶିଖାନ୍ତୁ । ପିଲାଙ୍କୁ ଛୋଟ ବେଳୁ ସମ୍ପର୍କର ମହତ୍ତ୍ୱ ବୁଝାନ୍ତୁ । ଯଦି ପିଲା ଛୋଟ ହୋଇଥାଏ ତେବେ କାଗଜରେ କଣ୍ଢେଇ ତିଆରି କରି ପରିବାରର ସମସ୍ତ ସଦସ୍ୟଙ୍କ ନାମ ଦେଇ ଗୋଟିଏ ଜାଗାରେ ଏକାଠି ରଖନ୍ତୁ । ଏହାଦ୍ୱାରା ସେମାନେ ସହଜରେ ସମ୍ପର୍କକୁ ବୁଝିପାରିବେ । ପରିବାର ଏକ ବୃକ୍ଷ ପରି, ଏଥିପାଇଁ ଚିତ୍ର ଆଙ୍କି ଏଥିରେ ପରିବାର ସଦସ୍ୟଙ୍କ ଫଟୋ ଆଙ୍କନ୍ତୁ । ଦାଦା-ଖୁଡ଼ୀ ଓ ପିଉସୀ-ପିଇସା ଚିହ୍ନେଇବା ପାଇଁ ଅଲଗା ଅଲଗା ସମୟ ଦିଅନ୍ତୁ । ଏହାଦ୍ୱାରା ପିଲାଏ ସମ୍ପର୍କକୁ ସହଜରେ ବୁଝିପାରିବେ । ଦୂରେଇ ରହୁଥିବା ସମ୍ପର୍କୀୟମାନଙ୍କ ସହ ପିଲାମଙ୍କ ସପ୍ତାହରେ ଅତିକମ୍‌ରେ ଥିରେକିମ୍ବା ଦୁଇଥର କଥା କରାନ୍ତୁ । ଛୋଟ ଛୋଟ ଉପହାର ମଧ ସେମାନଙ୍କ ପାଖକୁ ପଠାନ୍ତୁ । ଏହାଦ୍ୱାରା ପିଲା ବୁଝିପାରିବ ଦୂର ସମ୍ପର୍କ କ'ଣ ? ପିଲାଙ୍କୁ ମାସକୁ ଥରେ ସମ୍ପର୍କୀୟଙ୍କ ଘରକୁ ନିଅନ୍ତୁ । ପିଲାଙ୍କ ଆଗରେ କେବେ ବି ପରିବାରର କୌଣସି ବିଷୟରେ ଖରାପ କଥା କୁହନ୍ତୁ ନାହିଁ ।



## ସ୍ତ୍ରୀଲୋକଙ୍କର ନିଶ ଉଠୁଥିଲେ


କେତେକ ସ୍ତ୍ରୀଲୋକମାନଙ୍କ ମୁଖ ମଣ୍ଡଳରେ ପୁରୁଷମାନଙ୍କ ଭଳି ନାକ ତଳେ କିୟା ଥୋଡ଼ିରେ କେଶ ଥାଏ । ଏହା ସାମାନ୍ୟ ଭାବରେ ଉଠିଥାଏ ତେବେ ତାହା ସ୍ତ୍ରୀଲୋକଙ୍କର ମୁଖଶ୍ରୀକୁ ନଷ୍ଟ କରିଥାଏ । ତେଣୁ ସେ ସ୍ଥାନକୁ ଲୋମ ଶୂନ୍ୟ କରିବା ପାଇଁ ୱାକ୍ସ ପ୍ୟାକ ନାମକ ଏକ ଅଠାଦିଆ ପଟି ମିଳିଥାଏ । ଏହାକୁ ଲୋମ ଉଠିଥିବା ସ୍ଥାନରେ ଚିପିକରି ଲଗାଇଦିଆଯାଏ । ପଟିଟିକୁ ବଳପ୍ରୟୋଗ କରି ଉଠାଇ ଦିଆଯାଏ । ଏହି ପଟି ଉଠିବା ବେଳେ ପଟି ଦେହରେ ଲୋମଗୁଡ଼ିକ ଲାଗି ଉପୁଡ଼ିଯାଏ । ଏହି



ଉପାୟ ତ ଅଧିକାଂଶ ମହିଳାଙ୍କୁ ଜଣାଥିବ । କିନ୍ତୁ ଆଉ ଏକ ଦେଶୀ ଉପାୟ ମଧ୍ୟ ରହିଛି ଯାହା ଆପଣଙ୍କ ମୁଖ ମଣ୍ଡଳକୁ ସୁନ୍ଦର କରିଦେବ । ଚୁନ ୩ଭାଗ, ଆରାରୁଟ ୩ଭାଗ ଓ ଖରାସୋଡ଼ା ଏକଭାଗ ମିଶାଇ ଦେଇ ମଲମ ପ୍ରସ୍ତୁତ କରନ୍ତୁ । ଯେଉଁ ସ୍ଥାନକୁ ଲୋମ ଶୂନ୍ୟ କରିବାକୁ ଇଚ୍ଛା କରୁଛନ୍ତି ସେହି ସ୍ଥାନରେ ଏହାକୁ ଲଗାଇ ମାତ୍ର ୪ ମିନିଟ ରଖି ଧୋଇଦେଲେ ସେହି ସ୍ଥାନ ଲୋମଶୂନ୍ୟ ହୋଇଯିବ ।

# ଭେରିକୋଜ ଭେନସର ଉପଚାର

ଶରୀରର କେତେକସ୍ଥାନରେ, ବିଶେଷ କରି ଗୋଡରେ ଶିରାଗୁଡ଼ିକ ଗାଢ଼ରଙ୍ଗର, ବାଇଗଣି କିମ୍ବା ନୀଳ ରଙ୍ଗର ଦେଖାଯାଇଥାନ୍ତି । ଏଗୁଡ଼ିକ ମ୍ୟ ଜାଲ ପରି ଛନ୍ଦାଛନ୍ଦି ହୋଇ ରହିଥାଏ । ଶିରାର ଏପରି ଅବସ୍ଥାକୁ କୁହାଯାଏ ଭେରିକୋଜ ଭେନସ । ଏହା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ସହିତ ପ୍ରବଳ ଯନ୍ତ୍ରଣାର କାରଣ ବି ହୋଇପାରେ । ଏପରି କେତେକ ବ୍ୟାୟାକ ଏହି ସମସ୍ୟାରୁ ସୁରକ୍ଷା ଦେଇପାରିବ ।




**ପ୍ରଥମ:** ପିଠିମାଡ଼ି ଶୋଇବା ସହ ଦୁଇଗୋଡ଼ ଭାଙ୍ଗି ରଖନ୍ତୁ । ଦୁଇହାତ ମୁଣ୍ଡ ଉପରକୁ ସିଧା ରହିବ । ଏବେ ଡାହାଣ ଗୋଡ ସଳଖ ଭାବେ ୁପରକୁ ୁଠାଇ ଆଙ୍ଗୁଠିଗୁଡ଼ିକ ଆଠୁଁଦିଗରେ ନୁଆଁଇବେ । ଆଣ୍ଠୁ ଏବଂ ଜଘଂ ଟାଣକରି ରଖନ୍ତୁ ଯେପରି ପେଣ୍ଡା ,ବଂ ଜଘଂ ପଛପାଖମାଂସପେଶୀ ଟାଣିହେବା ପରି ଅନୁଭୂତ ହେବ । ୩୦ ସେକେଣ୍ଡ ଏପରି ରହିବା ପରେ ଡାହାଣ ଗୋଡ ତଳକୁ ପକାଇ ବାମରେ ଗୋଡ଼ରେ ଏହି ଅଭ୍ୟାସ କରନ୍ତୁ । ନିଜକୁ ଆରାମ ଲାଗିବା ଯାଏ ଏହି ବ୍ୟାୟାମ କରିପାରିବେ ।

**ଦ୍ୱିତୀୟ:**

କାନ୍ଥଠାରୁ ପ୍ରାୟ ୨ଫୁଟ ଦୂରରେ ଛିଡ଼ା ହୁଅନ୍ତୁ । ଆଣ୍ଠୁକୁ ଆରାମଦାୟକ ସ୍ଥିତିରେ ରଖି ଡାହାଣ ପାଦ କାନ୍ଥରେ ଚିତ୍ରରେ ଦେଖାଯାଇଥିବା ପରି ଲଗାଇ ରଖିବେ । ଡାହାଣ ଗୋଡ଼ ସଳଖ ରଖି ବାମଗୋଡ଼ର ଗୋଇଠି ଉଠାନ୍ତୁ । ଏବେ ବାମଗୋଡ଼କୁ ସଳଖ ରଖି ନିତମ୍ବ କାନ୍ଥ ଦିଗରେ ଆଗେଇ ରଖିବେ । ୩୦ ସେକେଣ୍ଡ ଏପରି ଅବସ୍ଥାରେ ରହିବାପରେ ପାର୍ଶ୍ୱ ପରିବର୍ତ୍ତନ କରି ଆରଗୋଡରେ ଏହିକ୍ରିୟା କରନ୍ତୁ ।

**ତୃତୀୟ:**

କାନ୍ଥକୁ ମୁହଁ କରି ବସିପଡ଼ିବେ । ଧୀରେଧୀରେ ପିଠିମାଡ଼ି କାନ୍ଥକୁ ଲାଗି ଶୋଇପଡ଼ିବେ ଏବଂ ଗୋଡ଼ ଦୁଇଟିକୁ ୯୦ ଡିଗ୍ରୀ କରି କାନ୍ଥରେ ଲମ୍ବାଇ ରଖିବେ ଯେପରି ନିତମ୍ବ କାନ୍ଥରେ ଲାଗୁଥିବ । ୩ରୁ ୫ମିନିଟ ଏପରି ଅବସ୍ଥାରେ ରହି ଧୀରେଧୀରେ ଆଗକୁ ଠେଲି ହୋଇ ଆସନ୍ତୁ ଏବଂ କାନ୍ଥରୁ ଗୋଡ଼ କାଢ଼ି ଆରାମ କରନ୍ତୁ । ଚାରି-ପାଞ୍ଚଥର ଏପରି କରିବା ଆରାମ ଦେଇଥାଏ ।





## ଘରେ ପ୍ରସ୍ତୁତ କରନ୍ତୁ ସୁଆଦିଆ ମ୍ୟାଙ୍ଗୋ ପୁଡିଂ

**ଆବଶ୍ୟକ ସାମଗ୍ରୀ:**

ପାଚିଲା ଆମ୍ବ, ଚିନି, କ୍ଷୀର, କର୍ଣ୍ଣଫ୍ଲୋର, ଡ୍ରାଏ ଫ୍ରୁଟ୍ସ ।

**ପ୍ରସ୍ତୁତ ପ୍ରଣାଳୀ:**

ପ୍ରଥମେ ପାଚିଲା ଆମ୍ବ ରସ ବାହାର କରି ଦିଅନ୍ତୁ । ସେଥିରେ ଆବଶ୍ୟକ ମୁତାବକ ଚିନି, କ୍ଷୀର ପକାଇ ତାହାକୁ ଭଲ ଭାବେ ଗ୍ରାଇଣ୍ଡିଂ କରି ଦିଅନ୍ତୁ । ଏକ ପାତ୍ରରେ ଯେତିକି କର୍ଣ୍ଣଫ୍ଲୋର, ସେତିକି କ୍ଷୀର ମିଶାଇ ଘୋଳାଇ ଏକ ଘୋଳ ପ୍ରସ୍ତୁତ କରନ୍ତୁ । ଏବେ ଗ୍ୟାସରେ ଏକ କରେଇ ବସାଇ ଆମ୍ବ ଘୋଳକୁ ପକାନ୍ତୁ । ମିଡିୟମ ଆଞ୍ଚରେ ତାହାକୁ ଘାଣ୍ଟନ୍ତୁ । ତାହା ଫୁଟିବା ଆରମ୍ଭ ହେବା ମାତ୍ରେ ଆଞ୍ଚକୁ ସିମ୍ ? କରି ଦିଅନ୍ତୁ । ଏବେ ସେଥିରେ କର୍ଣ୍ଣଫ୍ଲୋର ଘୋଳକୁ ପକାଇ ଘାଣ୍ଟନ୍ତୁ । ଏହାଭଲ ଭାବେ ଫୁଟିକି ଅଧା ହୋଇଗଲେ





ଗ୍ୟାସକୁ ବନ୍ଦ କରି ତାହାକୁ ଥଣ୍ଡା କରନ୍ତୁ । ଏବେ ଏହାକୁ ଏକ ପାତ୍ରରେ ରଖି ତା' ଉପରେ କିଛି ଡ୍ରାଏ ଫ୍ରୁଟ୍ସକୁ ସଜାଇ ଦିଅନ୍ତୁ । ଏବେ ଏହାକୁ ଫ୍ରିଜରେ ୨ ଘଣ୍ଟା ପାଇଁ ରଖି ଦିଅନ୍ତୁ । ଏବେ ପ୍ଲେଟରେ ସର୍ଭ କରନ୍ତୁ ଥଣ୍ଡା ଥଣ୍ଡା ମ୍ୟାଙ୍ଗୋ ପୁଡିଂ ।


# ଦିନ ବେଳା ଶୁଅନ୍ତୁ ନାହିଁ

ଗବେଷକଗଣ ବିଭିନ୍ନ ବର୍ଗର ଓ ପ୍ରାନ୍ତର ୩ଲକ୍ଷ ବ୍ୟକ୍ତିଙ୍କୁ ନେଇ ୨ବର୍ଷ ଗବେଷଣା କରିବା ପରେ ଏକ ଜରୁରୀ ତଥ୍ୟ ପ୍ରକାଶ କରିଛନ୍ତି । ସେମାନଙ୍କ ତଥ୍ୟରୁ ପ୍ରକାଶିତ ଯେ ଦିନବେଳା ଲୋକେ ଶୋଇବା ସ୍ୱାସ୍ଥ୍ୟ ପାଇଁ ସମ୍ପୂର୍ଣ୍ଣ କ୍ଷତିକାରକ । ଯଦିଓ ବୟସ୍କ ଲୋକଙ୍କୁ ଥକାପଣ ଲାଗୁଛି କିମ୍ବା ନିଦ ଦିନେବେଳା ଅଧିକ ଲାଗୁଛି, ତେବେ ସେମାନେ ପୁସ୍ତକ ପଢ଼ିବା ଉଚିତ ନଚେତ ଅନ୍ୟ କୌଣସି କାମରେ ନିଜକୁ ବ୍ୟସ୍ତ ରଖିବା ଆବଶ୍ୟକ । କାରଣ ଦିନବେଳା ଶୋଉଥିବା ବ୍ୟକ୍ତିଙ୍କୁ ମଧୁମେହ ଆକ୍ରାନ୍ତ ହେବାର ସମ୍ଭାବନା ସର୍ବାଧିକ ।



# ଧନୁରାକର୍ଷଣ ଆସନ

ଏହି ଆସନଟି ଧନୁପରି ପ୍ରତୀୟମାନ ହେଉଥିବାର ଏହାର ନାମ ଧନୁରାକର୍ଷଣ ଆସନ ଦିଆଯାଇଛି । ଏଡି ଆସନକୁ କରିବା ବେଳେ ପ୍ରଥମେ କମ୍ବଳ ବିଛାଇ ପାଦକୁ ଲମ୍ବାଇ ବସନ୍ତୁ । ଡାହାଣ ପାଦର ଆଙ୍ଗୁଠିକୁ ବାମ ହାତରେ ଧଣି ବାମ ପାଦକୁ ଡାହାଣ କାନ୍ଧ ପର୍ଯ୍ୟନ୍ତ ସଂଯୋଗ କରନ୍ତୁ । ସିଧା ହୋଇ ବସନ୍ତୁ । ଏମିତି କିଛି ସମୟ ବସିବା ପରେ ପୁଣି ବିପରୀତ ଦିଗରେ ଏହି ଅଭ୍ୟାସ କରନ୍ତୁ । ଆରମ୍ଭରେ ଥରେ ଏବଂ ପରେ ୩/୪ଥର ଏ ଆସନ କରିପାରିବ । ଏହି ଆସନ କରିବା ସମୟରେ ପାଦକୁ କାନ୍ଧ ଯାଏ ଧୀରେ ଧୀରେ ଆଣନ୍ତୁ, ବଳ ପ୍ରୟୋଗ କରି କିଛି କରିବା ଉଚିତ ନୁହେଁ । ଏହି ଆସନକୁ ସକାଳେ ପୂର୍ବକୁ ମହଁ କରି ଏବଂ ସନ୍ଧ୍ୟାରେ ପଶ୍ଚିମକୁ ମୁହଁକରିବା ଲାଭଦାୟକ । ଏହି ଆସନ କରିବା ଦ୍ୱାରା ଯକୃତ ବିକୃତି ନାଶ, ଗଣ୍ଠି ଯନ୍ତ୍ରଣା ଦୂରୀଭୂତ, ବହୁମୁତ୍ର ରୋଗ ଉପଶମ, କ୍ଷୁଧା ବୃଦ୍ଧି, ପେଟର ଚବି କମାଏ, ଆଳସ୍ୟ ଦୂରକରେ, ମେରୁଦଣ୍ଡକୁ ନମନୀୟ କରେ, ବାତଦୋଷ ଦୂର, କାନ୍ଧ ଓ ଅଣ୍ଟାର ମାଂସପେଶୀ ଶକ୍ତ ହେବା ସହ ଏଥିରେ ହାତ ଓ ପାଦର ସମ୍ପୂର୍ଣ୍ଣ ବ୍ୟାୟାମ ହୋଇଥାଏ ।



# ଜୁଲାଇ ୨୩ରେ ନବୀନ ନିବାସ ଘେରିବ ଡି.ଇଏଲ୍.ଇଡ଼ି. ଛାତ୍ରସଂଘ

ଭୁବନେଶ୍ୱର,୨୦/୭ (ନି.ପ୍ର): ଡି.ଇଏଲ୍. ଇଡି. ଶେଷ ବର୍ଷ ପରୀକ୍ଷା ଓ ଫଳ ପ୍ରକାଶନ ଅଗଷ୍ଟ ମାସ ମଧ୍ୟରେ ଶେଷ କରିବା ପାଇଁ ଜୁଲାଇ ୨୧ ସୁଦ୍ଧା ଘୋଷଣା ନ କଲେ ୨୩ ଜୁଲାଇରେ ନବୀନ ନିବାସ ଘେରାଓ କରିବା ପାଇଁ ନିଖିଳ ଓଡ଼ିଶା ଡି.ଇଏଲ୍. ଇଡି. ଛାତ୍ର ସଂଘ ପକ୍ଷରୁ ଆଜି ୟୁନିଟ୍-୬ ଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି ।
ଗତ ଜାନୁଆରୀ ୬ତାରିଖରେ ଏସ୍.ସି.ଇ.ଆର.ଟି. ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ନଂ ୬୪ ଅନୁଯାୟୀ ୩୦ ଜୁନ୍ ମଧ୍ୟରେ ଶିକ୍ଷକ ଶୈକ୍ଷିକ ଶିକ୍ଷାଦାନ ଓ ଇଂଟର୍ଣ୍ଣସିପ୍ ଶେଷ କରି ଜୁଲାଇ ମଧ୍ୟରେ ପରୀକ୍ଷା ଶେଷ କରି ଫଳ ପ୍ରକାଶନ ପାଇଁ ଘୋଷଣା କରାଯାଇଥିଲା । ତଦନୁଯାୟୀ ଜୁନ୍ ୩୦ ପୂର୍ବରୁ ଶିକ୍ଷକ ପ୍ରଶିକ୍ଷଣ ଇଂଟର୍ଣ୍ଣସିପ୍ କାର୍ଯ୍ୟକ୍ରମ ଶେଷ କରାଯାଇଛି । ମାତ୍ର ଆଶ୍ଚର୍ଯ୍ୟଜନକ ଭାବରେ ୧୩ ଜୁଲାଇରେ ଏସ୍.ସି.ଇ.ଆର.ଟି. ତରଫରୁ ପୁଣି ୩ ମାସିଆ ଇଂଟର୍ଣ୍ଣସିପ୍ ପାଇଁ ଅଧ୍ୟୟନ ଶେଷ କରିଥିବା ଡି.ଇଏଲ୍. ଇଡି. ଶେଷ ବର୍ଷର ଛାତ୍ରଛାତ୍ରୀମାନଙ୍କୁ ବାଧ୍ୟ କରାଗଲା । ୟୁ.ଜି.ସି. ନିର୍ଦ୍ଦେଶାବଳୀ ଅନୁସାରେ ଡିଗ୍ରୀ ଶ୍ରେଣୀରେ ପ୍ରବେଶିକା ପ୍ରକ୍ରିୟା ସେପ୍ଟେମ୍ବର ପହିଲାରୁ ଓ ଅକ୍ଟୋବର ପହିଲାରୁ ଅଧ୍ୟୟନ ପ୍ରକ୍ରିୟା ଆରମ୍ଭ ହେବ। ଡି.ଇଏଲ୍. ଇଡି. ଛାତ୍ରଛାତ୍ରୀମାନଙ୍କ ପରୀକ୍ଷା ଫଳ ଅଗଷ୍ଟ ଶେଷ ମଧ୍ୟରେ ପ୍ରକାଶିତ ନହେଲେ ଏମାନେ ଉଚ୍ଚ ଶିକ୍ଷାରୁ ବଂଚିତ ହେବେ ।
ଅପରପକ୍ଷରେ ଡି.ଇଏଲ୍.ଇଡି. ଶେଷ ବର୍ଷର ଛାତ୍ରଛାତ୍ରୀମାନେ ଘରକୁ ଘର ବୁଲି ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରିବେ ଏବଂ ଏହି ଶିକ୍ଷାଦାନ ସମୟରେ ଯଦି ଏମାନେ କରୋନା ଦ୍ୱାରା ସଂକ୍ରମିତ ହୁଅନ୍ତି ସେଥିପାଇଁ ସରକାର ଅଥବା ଶିକ୍ଷକମାନେ ଦାୟୀ ନୁହନ୍ତି ବୋଲି ଅଭିଭାବକ ମାନଙ୍କଠାରୁ ମାନସିକ ନିର୍ଯ୍ୟାତନା ଦେଇ ସମ୍ମତି ପତ୍ରରେ ସ୍ୱାକ୍ଷର ନେଉଛନ୍ତି । ସରକାରଙ୍କ ଏତାଦୃଶ ପଦକ୍ଷେପକୁ ସଂଘ ତରଫରୁ ଦୃଢ ନିନ୍ଦା କରାଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ଅଖିଳ ଭାରତ ଛାତ୍ର ସଂଘ ସହବନ୍ଧିତ ନିଖିଳ ଓଡ଼ିଶା ଡି.ଇଏଲ୍.ଇଡି. ଛାତ୍ର ସଂଘର ରାଜ୍ୟ ସଭାପତି ଚନ୍ଦନ କୁମାର ବିଶ୍ୱାଳ ଏ.ଆଇ.ଏସ୍.ଏଫ୍.ର ରାଜ୍ୟ ସଭାପତି ସଂଘମିତ୍ରା ଜେନା, ସଂଘର ସମ୍ପାଦକ ମଳୟ ରଞ୍ଜନ ସ୍ୱାଇଁଙ୍କ ସମେତ ପର୍ଶୁରାମ ବେହେରା, ଦୂତୀକୃଷ୍ଣ ବେହେରା, ପୀତବାସ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।

# ବ୍ରହ୍ମପୁରରେ ବନ ଉନ୍ନୟନ ନିଗମର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ

ଭୁବନେଶ୍ୱର,୨୦/୭ (ନି.ପ୍ର): ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ସୋମବାର ବ୍ରହ୍ମପୁରଠାରେ ଓଡ଼ିଶା ବନ ଉନ୍ନୟନ ନିଗମ, ବ୍ରହ୍ମପୁରର ଜେନେରାଲ ମ୍ୟାନେଜର ଓ ଡିଭିଜନାଲ ମ୍ୟାନେଜରଙ୍କ ନବନିର୍ମିତ କାର୍ଯ୍ୟାଳୟ ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟାଳୟ ନିର୍ମାଣରେ ୧ କୋଟି ୩୬ ଲକ୍ଷ ଟଙ୍କା ବିନିଯୋଗ କରାଯାଇଛି।
ଏହି ଅବସରରେ ମନ୍ତ୍ରୀ ଶ୍ରୀ ଆରୁଖ ମତ ପ୍ରକାଶ କରିଥିଲେ ଯେ, ଓଡ଼ିଶା ବନ ଉନ୍ନୟନ ନିଗମ, ବ୍ରହ୍ମପୁର ଡିଭିଜନ ୧୯୭୭ ମସିହାରେ ସୃଷ୍ଟି ହେବା ପରଠାରୁ ଏକ ସ୍ୱତନ୍ତ୍ର ଓ ନୂତନ କାର୍ଯ୍ୟାଳୟର ଆବଶ୍ୟକତା ଥିଲା। ଏହି ନୂତନ କାର୍ଯ୍ୟାଳୟର ଶୁଭାରମ୍ଭ ହେବା ପରେ ଗଞ୍ଜାମ ଓ ଗଜପତି ଜିଲ୍ଲାର ବନୀକରଣ କାର୍ଯ୍ୟ ଅଧିକ ତ୍ୱରାନ୍ୱିତ ହୋଇପାରିବ। ରଘୁନାଥପୁର, ଖଲିକୋଟ, ମୋହନା ଓ ବ୍ରହ୍ମପୁର ସବ୍‌ଡିଭିଜନ୍ ର ବନାୟନ ଓ ଅନ୍ୟାନ୍ୟ କାର୍ଯ୍ୟ ସୁଗମ ହୋଇପାରିବ। ପ୍ରଳୟଙ୍କରୀ ଫାଇଲିନ୍ ବାତ୍ୟା ଯୋଗୁଁ ଦକ୍ଷିଣ ଓଡ଼ିଶା ଧ୍ୱସ୍ତବିଧ୍ୱସ୍ତ ହୋଇଥିଲା। ବ୍ୟାପକ ବନୀକରଣ, ବୃକ୍ଷରୋପଣ କାର୍ଯ୍ୟକୁ ସୁଚାରୁ ରୂପେ ସମ୍ପାଦନ କରି ଏହି ଡିଭିଜନ ସମସ୍ତଙ୍କର ପ୍ରଶଂସାଭାଜନ ହୋଇପାରିଥିଲା । ଜଳବାୟୁ ପରିବର୍ତ୍ତନର କୁପ୍ରଭାବ ଓ ପ୍ରାକୃତିକ ଦୁର୍ବିପାକକୁ ରୋକିବା ଦିଗରେ ବ୍ୟାପକ ବୃକ୍ଷରୋପଣ ଅତ୍ୟାବଶ୍ୟକ। ଏହି ନୂତନ କାର୍ଯ୍ୟାଳୟ ପ୍ରତିଷ୍ଠା ହେବା ଫଳରେ ଗଞ୍ଜାମ ଓ ଗଜପତି ଜିଲ୍ଲାରେ ବୃକ୍ଷରୋପଣ କ୍ଷେତ୍ରରେ ନୂତନ କୀର୍ତ୍ତି ଓ ରେକର୍ଡ ସ୍ଥାପିତ ହେବ। ମୂଲ୍ୟବାନ କାଠ ସଂଗ୍ରହ କାର୍ଯ୍ୟ, ସେଗୁଡ଼ିକର ଇ-ଟେଣ୍ଡର ଜରିଆରେ ନିଲାମ, ବାଉଁଶ ଡିପୋର ସୁପରିଚାଳନା, କାଠ ଚିରଟ କାର୍ଯ୍ୟ, ବନ ଉନ୍ନୟନ ନିଗମ, ବ୍ରହ୍ମପୁରର ସମସ୍ତ ବ୍ୟବ ସାୟକି କାର୍ଯ୍ୟ ସୁଗମ ହୋଇପାରିବ ବୋଲି ମନ୍ତ୍ରୀ ମତବ୍ୟକ୍ତ କରିଥିଲେ । ଓଡ଼ିଶା ବନ ଉନ୍ନୟନ ନିଗମର ପରିଚାଳନା ନିର୍ଦ୍ଦେଶକ ରାଜୀବ କୁମାର ବୋଲି ସୂଚନା ଦେଇଥିଲେ। ନବନିର୍ମିତ କାର୍ଯ୍ୟାଳୟ ପରିସରରେ ମନ୍ତ୍ରୀ ଅଶୋକ ଗଛର ଚାରା ରୋପଣ କରିଥିଲେ । ଏହି ଉତ୍ସବରେ ଓଡ଼ିଶା ବନ ଉନ୍ନୟନ ନିଗମର ପରିଚାଳନା ନିର୍ଦ୍ଦେଶକ ରାଜୀବ କୁମାର, ସାଧାରଣ ପରିଚାଳକ ବ୍ରହ୍ମପୁର ଶାଖା ପ୍ରଶାନ୍ତ କୁମାର ମିଶ୍ର, ଖଣ୍ଡୀୟ ପରିଚାଳକ ବ୍ରହ୍ମପୁର ବାଣିଜ୍ୟ ଖଣ୍ଡ ଦିଲ୍ଲୀପ କୁମାର ରାଉତ, ବୌଦ୍ଧ, ବ୍ରହ୍ମପୁରର ଡିଏଫ୍‌ଓ ଓ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ବିଜୁ ମହିଳା ଜନତା ଦଳ ପକ୍ଷରୁ ରକ୍ତଦାନ ଶିବିର

ଭୁବନେଶ୍ୱର,୨୦/୭ (ନି.ପ୍ର): ବିଜୁ ମହିଳା ଜନତା ଦଳ ପକ୍ଷରୁ 'ଜୀବନ ବିନ୍ଦୁ' ଓ 'ମୋ ପରିବାର' ସହଯୋଗରେ ସୋମବାର ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ବିଜେଡି ରାଜ୍ୟ କାର୍ଯ୍ୟାଳୟରେ ଆୟୋଜିତ ରକ୍ତଦାନ ଶିବିରରେ କେବଳ ମହିଳାମାନେ ମହିଳା ସ୍ୱେଚ୍ଛାକୃତ ରକ୍ତଦାନ କରିଛନ୍ତି। ୭୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇ ପାରିଛି । ବିଜୁ ମହିଳା ଜନତା ଦଳ ସଭାନେତ୍ରୀ ତଥା ବିଧାୟିକା ଶ୍ରୀମତୀ ସ୍ନେହାଙ୍ଗିନୀ ଛୁରିଆ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଏବେ ରାଜ୍ୟବ୍ୟାପୀ ଦଳ ପକ୍ଷରୁ ରକ୍ତଦାନ ଶିବିର ଆୟୋଜନ ହେଉଥିବାବେଳେ ଆଗାମୀ ଦିନରେ ବିଜୁ ମହିଳା ଜନତା ଦଳ ଦ୍ୱାରା ରାଜ୍ୟର ସମସ୍ତ ଜିଲ୍ଲାରେ ବ୍ୟାପକ ଭାବେ କେବଳ ମହିଳାଙ୍କୁ ନେଇ ରକ୍ତଦାନ ଶିବିର ଆୟୋଜନ କରାଯିବାକୁ ନିଷ୍ପତି ହୋଇଛି। ଏହି କାର୍ଯ୍ୟକ୍ରମରେ ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ସମେତ ବିଜେଡି ଉପସଭାପତି ଶ୍ରୀମତୀ ଉଷା ଦେବୀ, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଶ୍ରୀମତୀ ଟୁକୁନି ସାହୁ ଓ ସରକାରୀ ମୁଖ୍ୟ ସଚେତକ ଶ୍ରୀମତୀ ପ୍ରମିଳା ମଲ୍ଲିକ, ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ସୁଶାନ୍ତ କୁମାର ରାଉତ, ବିଧାୟକ ପ୍ରଣବ ବଳବନ୍ତରାୟ, ଯୁବ ବିଜେଡି ସଭାପତି ତଥା ବିଧାୟକ ବ୍ୟୋମକେଶ ରାୟ, 'ଓଡ଼ିଶା-ମୋ ପରିବାର'ର ଆବାହକ ଅରୂପ ପଟ୍ଟନାୟକ ପ୍ରମୁଖ ସାମିଲ ହୋଇ ମହିଳାମାନଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମିଶନଶକ୍ତି ଉପଦେଷ୍ଟା ତଥା ବିଜେଡି ରାଜ୍ୟ ସାଧାରଣ ସମ୍ପାଦିକା(ମହିଳା ସଶକ୍ତିକରଣ) ଡଃ ଲୋପାମୁଦ୍ରା ବକ୍ସିପାତ୍ର, ଓଟିଡିସି ଅଧକ୍ଷା ତଥା ବିଜେଡି ରାଜ୍ୟ ସାଧାରଣ ସମ୍ପାଦିକା ଓ ମୁଖପାତ୍ର ଶ୍ରୀମତୀ ଶ୍ରୀମୟୀ ମିଶ୍ର, ବିଜୁ ମହିଳା ଜନତା ଦଳର କାର୍ଯ୍ୟକାରୀ ସଭାନେତ୍ରୀ ସୁଲତା ଦେଓ, ବିଜୁ ମହିଳା ଜନତା ଦଳର ମହାସଚିବ କସ୍ତୁରୀ ମହାପାତ୍ରଙ୍କ ସମେତ ବିଜୁ ମହିଳା ଜନତା ଦଳର ଅଧିକାଂଶ ରାଜ୍ୟ କର୍ମକର୍ତ୍ତା ଓ ବିଜେଡି ପରିବାରର ବହୁ ସଦସ୍ୟ ଉପସ୍ଥିତ ଥିଲେ ।

# ମୋ ସାଇକେଲର ମହାଦୁର୍ନୀତି ଅଭିଯୋଗ



ଭୁବନେଶ୍ୱର,୨୦/୭ (ନି.ପ୍ର): ଭୁବନେଶ୍ୱର ମହାନିଗର ନିଗମ ଏବଂ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ କର୍ତ୍ତୃପକ୍ଷଙ୍କ ଦୂରଦୃଷ୍ଟି ଅଭାବ ଓ ଅପାରଗତା ଯୋଗୁଁ ଶହ ଶହ ସାଇକେଲ କବାଡିଖାନାରେ ପଡିଛି । ୨୫ ହଜାର ଟଙ୍କା ସାଇକେଲକୁ କିଲୋ ପିଛା ୪୦ ଟଙ୍କାରେ ବିକ୍ରି କରାଯାଉଛି । ଏହି ମହା ଦୁର୍ନୀତିରେ ସାମିଲ ଥିବା ସରକାରୀ ଅଧିକାରୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବିରେ ସୋମବାର ଦିନ ଭୁବନେଶ୍ୱର ଜିଲ୍ଲା ବିଜେପି ପକ୍ଷରୁ ଶିଶୁଭବନ ଛକରେ ଜୋରଦାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ମୋ ସାଇକେଲ ଦୁର୍ନୀତିରେ ସାମିଲ ଥିବା ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ସାଇକେଲର ଅର୍ଥ ଭରଣା କରିବା ପାଇଁ ଭୁବନେଶ୍ୱର ଜିଲ୍ଲା ସଭାପତି ବାବୁ ସିଂ ଦାବି କରିଛନ୍ତି ।
ଜିଲ୍ଲା ବିଜେପି ପକ୍ଷରୁ ରାଜମହଲରୁ ଏକ ବିରାଟ ଶୋଭାଯାତ୍ରା ବାହାରି ଶିଶୁଭବନ ଛକରେ ପହଂଚିଥିଲା । ମୋ ସାଇକେଲକୁ କୋକେଇରେ କାନ୍ଧେଇ ଏକ ଅଭିନବ ଢଙ୍ଗରେ ବିଜେପି ପ୍ରତିବାଦ କରିଥିଲା । ଏହି ଅବସରରେ ଶ୍ରୀ ସିଂ କହିଛନ୍ତି ଯେ, ହକି ବିଶ୍ୱକପକୁ ଦୃଷ୍ଟିରେ ରଖି ନଭେମ୍ବର ୨୦୧୮ରେ ଭୁବନେଶ୍ୱରରେ ମୋ ସାଇକେଲ ଅଭିଯାନ ଆରମ୍ଭ କରିଥିଲେ ମୁଖ୍ୟମନ୍ତ୍ରୀ । ସ୍ୱଳ୍ପ ଖର୍ଚ୍ଚରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବା ଆସିବା କରିବା ପାଇଁ ଏହି ଅଭିଯାନ ଆରମ୍ଭ ହୋଇଥିଲା । ୨ ହଜାର ସାଇକେଲକୁ ୫ କୋଟିରେ କିଣି ରାଜ୍ୟ ସରକାର ରାଜଧାନୀବାସୀଙ୍କୁ ରଙ୍ଗୀନ ସ୍ୱପ୍ନ ଦେଖାଇଥିଲେ । ଏହାପରେ ସାଇକେଲ ରକ୍ଷଣାବେକ୍ଷଣା ପାଇଁ ଆହୁରି ୧ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲା । ଏବେ ଶହ ଶହ ସଂଖ୍ୟାରେ ସାଇକେଲ ଡୁମୁଡୁମାସ୍ଥିତ ଏକ କବାଡିଆ ଦୋକାନରେ ବିକ୍ରି କରାଯାଇଛି । ୨୫ ହଜାର ଟଙ୍କାର ସାଇକେଲକୁ ୫୦୦ ଟଙ୍କାରେ ବିକ୍ରି କରାଯାଇଛି । ସ୍ମାର୍ଟ ସିଟି ଯୋଜନାରେ ଶହ ଶହ କୋଟି କେନ୍ଦ୍ରୀୟ ଅନୁଦାନକୁ ବିଏମସି ଏବଂ ବିଏସସିଏଲ ହରିଲୁଟ୍ କରିଛନ୍ତି । ସାଇକେଲ ଚଲାଇବା ପାଇଁ ରାସ୍ତାକଡରେ ୩୭ କିମି ସାଇକେଲ ଟ୍ରାକ ତିଆରି କରାଯାଇ ବିଭିନ୍ନ ରଙ୍ଗ ଦିଆଯାଇଥିଲା । ଆଜି ସେ ଟ୍ରାକ ନାହିଁ କି ସାଇକେଲ ନାହିଁ । ସାଇକେଲ ଗୁଡିକରେ ଜିପିଏସ ଲାଗିଥିଲେ ସୁଦ୍ଧା କିପରି ଶହ ଶହ ସଂଖ୍ୟାରେ ସାଇକେଲ କବାଡିଆ ଦୋକାନରେ ପହଂଚିଲା ତାହା ବିଏମସି ଏବଂ ବିଏସସିଏଲ ସ୍ପଷ୍ଟ କରିବା ଦରକାର । ପୂର୍ବରୁ ରାହାଗିରି ପଥୋତ୍ସବ ସମୟରେ ୪୦୦ ସାଇକେଲ ବିଏମସି ହାତକୁ ଆସିଥିଲା । ରାହାଗିର ବନ୍ଦ ହେବା ପରେ ସେ ସାଇକେଲ ସବୁ ବିଏମସି ଅଫିସରେ ପଡି ରହି ଖତ ହୋଇଗଲା । ଏହା ପରେ ବି ବିଏମସି ଚେତିଲା ନାହିଁ । ମୋ ସାଇକେଲ ପରି ମୋ ବସ ବି ରାଜଧାନୀରେ ପଡି ରହି ଖତ ଖାଉଛି । ସ୍ମାର୍ଟ ସିଟି ନାଁରେ ଶହ ଶହ କୋଟି ଟଙ୍କାକୁ ବିଏମସି ହରିଲୁଟ କରିଛି ବୋଲି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ ଅଭିଯୋଗ କରିଛନ୍ତି । ସାଧାରଣ ଲୋକଙ୍କ ଟିକସର ଅର୍ଥକୁ ରାଜ୍ୟ ସରକାର ଏପରି ଦୁର୍ନୀତି କରି ଲୁଟ୍ କରୁଛନ୍ତି। ସ୍ମାର୍ଟ ସିଟିର ସ୍ୱପ୍ନ ଦେଖାଇ ଭୁବନେଶ୍ୱରବାସୀଙ୍କୁ ମୁଖ୍ୟମନ୍ତ୍ରୀ ପ୍ରତାରଣା କରିଛନ୍ତି । ମୋ ସାଇକେଲ ଦୁର୍ନୀତିରେ ସାମିଲ ଥିବା ଅପରାଧୀଙ୍କୁ ଗିରଫ ନକଲା ପର୍ଯ୍ୟନ୍ତ ଜିଲ୍ଲା ବିଜେପି ନିର୍ଣ୍ଣାୟକ ଲଢେଇ ଜାରି ରଖିବ ବୋଲି ରାଜ୍ୟ ମୁଖପାତ୍ର ଦିଲୀପ ମହାନ୍ତି କହିଛନ୍ତି। ଏହି ବିକ୍ଷୋଭ ସମୟରେ ଜିଲ୍ଲା ସାଧାରଣ ସଂପାଦକ ହିମାଂଶୁ ଶେଖର ଛୋଟରାୟ, ଅଭିଷେକ ଆଚାର୍ଯ୍ୟ, ଦିଲ୍ଲୀପ ବେହେରା, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ରଶ୍ମିରଂଜନ ମହାପାତ୍ର, ରାଜ୍ୟ ଯୁବମୋର୍ଚ୍ଚା ସଂପାଦକ ମନୋଜ କୁମାର ପର୍ଶ୍ଚିମ କବାଟ, ଜିଲ୍ଲା ଓବିସି ମୋର୍ଚ୍ଚା ସଭାପତି ରଶ୍ମିରଂଜନ ମୁଦୁଲି, ଜିଲ୍ଲା ବିଜେପି ମଣ୍ଡଳ ସଭାପତି ଜଗନ୍ନାଥ ବେହେରାଙ୍କ ସମେତ ସ୍ଥାନୀୟ କାର୍ଯ୍ୟକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

## ଏନ.ଟି.ପି.ସି. ତାଳଚେର ଥର୍ମାଲ ତାଲାବନ୍ଦକୁ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଦୃଢ଼ ବିରୋଧ

ଭୁବନେଶ୍ୱର,୨୦/୭ (ନି.ପ୍ର): ଏନ୍.ଟି.ପି.ସି ତାଳଚେର ଥର୍ମାଲ ତାଲାବନ୍ଦ ଦରଖାସ୍ତକୁ ଶ୍ରମିକ ୟୁନିଅନଙ୍କର ଦରଖାସ୍ତକୁ ବିଚାରକୁ ନ ନେଇ ଏନ୍.ଟି.ପି.ସି. ଏକ କେନ୍ଦ୍ରୀୟ ସରକାରୀ ଉଦ୍ୟୋଗ ହୋଇଥିବାରୁ ତାଲାବନ୍ଦ ଘୋଷଣାକୁ ଶ୍ରମ ବିଭାଗ ମଞ୍ଜୁରୀକୁ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ତରଫରୁ ଜାତୀୟ କମିଟି ଉପସଭାପତି ତଥା ଓଡ଼ିଶା ଶାଖା ରାଜ୍ୟ କମିଟି ସଭାପତି ତଥା ପୂର୍ବତନ ସାଂସଦ ଡକ୍ଟର ରାମଚନ୍ଦ୍ର ଖୁଂଟିଆ ଦୃଢ଼ ବିରୋଧ କରିଛନ୍ତି। ଗତ ତା.୧୭.୦୭.୨୦୨୧ ରିଖରେ ସମସ୍ତ ଶ୍ରମିକ ୟୁନିଅନ ଓ ଏକତା ମଂଚର ମିଳିତ ବୈଠକରେ ଏହାର ଦୃଢ଼ ବିରୋଧ କରାଯାଇ ତାଳଚେର ଠାରେ ଅନୁଷ୍ଠିତ ହୋଇ ସର୍ବସମ୍ମତିକ୍ରମେ ନିଷ୍ପତି ନିଆଯାଇଛି। ଏହାର ଦୃଢ଼ ବିରୋଧ କରି ଡକ୍ଟର ରାମଚନ୍ଦ୍ର ଖୁଂଟିଆ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ତରଫରୁ ଓ ତାଳଚେର ଥର୍ମାଲ ମେନସ୍ କଂଗ୍ରେସ ୟୁନିୟନ ତରଫରୁ ଶ୍ରମିକ ବିଭାଗର ଆଦେଶ ବିରୁଦ୍ଧରେ ଶ୍ରମ ସଚୀବଙ୍କୁ ଲେଖିଛନ୍ତି। ମୁଖ୍ୟମନ୍ତ୍ରୀ, ଶ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ର ସରକାରଙ୍କୁ ପତ୍ର ଲେଖିବା ପରେ ମଧ୍ୟ ୧୩୨୦ ମେଗାୱାଟ ଦୁଇଟି ନୂଆ ୟୁନିଟ ସଂପର୍କରେ ଏ ଅବଧି କୌଣସି ନିଷ୍ପତି ଘୋଷଣା କରାଯାଇ ନାହିଁ। ରାଜ୍ୟ ମୁଖ୍ୟ ସଚୀବ ଓ ଏନ୍.ଟି.ପି.ସ ଚେୟାରମ୍ୟାନଙ୍କ ସହ ଆଲୋଚନାବେଳେ ସେପ୍‌ଟି ଅଡ଼ିଟ୍ କଲାପରେ ପୁରୁଣା ପ୍ଲାଂଟ ଚଳାଇବା ସଂପର୍କରେ ଦେଇଥିବା ପ୍ରତିଶ୍ରୁତି କାର୍ଯ୍ୟକାରୀ ହୋଇନାହିଁ। କାରଖାନା ବନ୍ଦ କରିବା ପାଇଁ ଶ୍ରମିକ ଛଟେଇ କରିବା ପାଇଁ ଶ୍ରମ ବିଭାଗର କୌଣସି ଦରଖାସ୍ତ କରାଯାଇନାହିଁ।

# ଯୁବ କଂଗ୍ରେସ ଓ ଓପେଫାର ଟାଟା ପାୱାର ଅଫିସ ଘେରାଉ

ଭୁବନେଶ୍ୱର,୨୦/୭ (ନି.ପ୍ର): ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ଓ ଓପେଫା ତରଫରୁ ୭୫୦୦ ଫ୍ରାଂଚାଇଜ କର୍ମଚାରୀମାନଙ୍କ ସ୍ଥାୟୀ ନିଯୁକ୍ତି ଦାବି କରି ଭୁବନେଶ୍ୱର ସ୍ଥିତ ଇଡ୍‌କୋ ଟାୱାର ଠାରେ ଥିବା ଟାଟା ପାୱାର ଅଫିସ ଘେରାଉ କରାଯାଇଥିଲା। ବର୍ତ୍ତମାନ ସମଗ୍ର ଦେଶ, ରାଜ୍ୟର ଜନସାଧାରଣ କରୋନା ମହାମାରୀ ସହିତ ଲଢ଼େଇରେ ସଂଘର୍ଷ କରୁଥିବା ବେଳେ ୭୫୦୦ ବିଦ୍ୟୁତ କର୍ମଚାରୀଙ୍କ ଟାଟା ପାୱାରରୁ ଛଟେଇ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ପ୍ରଦେଶ ଯୁବ କଂଗ୍ରେସ ସଭାପତି ଡ. ସ୍ମୃତିଲେଙ୍କା କହିଛନ୍ତି। ଏଥିସହ ଆସନ୍ତା କାଲି ଠାରୁ ରାଜ୍ୟର ସମସ୍ତ ବିଦ୍ୟୁତ ଡିଭିଜନ ମାନଙ୍କରେ ବିଦ୍ୟୁତ କର୍ମଚାରୀମାନେ କାମରେ ଅସହଯୋଗ କରିବା ସହିତ ଡିଭଜନ ମାନଙ୍କରେ ତାଲା ପକାଇବା କାର୍ଯ୍ୟକ୍ରମ କରିବେ। ଯେ ପର୍ଯ୍ୟନ୍ତ ପୁନଃ ନିଯୁକ୍ତି ନମିଳିଛି ଯୁବ କଂଗ୍ରେସ ତାର ଲଢ଼େଇକୁ ଯୋରଦାର କରିବା ସହ ଜିଲ୍ଲାମାନଙ୍କରେ ବିକ୍ଷୋଭ କାର୍ଯ୍ୟକ୍ରମ ହାତକୁ ନେବେ ବୋଲି ସେ କହିଛନ୍ତି।
ବିଦ୍ୟୁତ ବିଭାଗ ଜୁନ-୨୦୨୦ ରେ ଘରୋଇକରଣ କରି ଟାଟା ପାୱାରକୁ ବିଦ୍ୟୁତ ବିତରଣର ଦାୟୀତ୍ୱ ଦେଇଥିଲେ। ପୂର୍ବରୁ ଦାୟୀତ୍ୱ ତୁଲାଉଥିବା ବିତରଣ କମ୍ପାନୀ ସେସୁ ଅଧିନସ୍ଥ ଫ୍ରାଂଚାଇଜ କର୍ମଚାରୀ ପାଖାପାଖି ୭୫୦୦ (ମିଟର ରିଡର, ବିଲ କଲେକ୍ଟର, ଲାଇନମ୍ୟାନ, ହେଲପର, ଜେଇ, ଏସଡିଓ) ପଦବୀରେ ଅବସ୍ଥାପିତ ଥିବା କର୍ମଚାରୀମାନଙ୍କୁ ଛଟେଇ କରିଥିଲା। ଆଜିର ଏହି କାର୍ଯ୍ୟକ୍ରମରେ ପ୍ରଦେଶ କଂଗ୍ରେସ କମିଟିର କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝୀ, ପୂର୍ବତନ ସାଂସଦ ତଥା ଆଇଏନଟିୟୁସି ରାଜ୍ୟ ସଭାପତି ରାମ ଚନ୍ଦ୍ର ଖୁଂଟିଆ, ଆଇଏନଟିୟୁସି ଯୁବ ସଭାପତି ସତ୍ୟବ୍ରତ ନାୟକ, ଯୁବକଂଗ୍ରେସ ମୁଖପାତ୍ର ନଳିନୀକାନ୍ତ ନାୟକ, ଆଦିତ୍ୟ ପରିଡ଼ା, ଆଶୁତୋଷ ଲେଙ୍କା, ବିଭୂତି ଭୂଷଣ ମହାପାତ୍ର ଏବଂ ଓପେଫାର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ଶିଳ୍ପ ପ୍ରତିଷ୍ଠାନ ସ୍ଥାପନ ପାଇଁ ଶିଳ୍ପବିହୀନ ଜିଲ୍ଲାକୁ ଦିଆଯିବ ପ୍ରାଥମିକତା : ଶିଳ୍ପ ମନ୍ତ୍ରୀ

ଭୁବନେଶ୍ୱର,୨୦/୭ (ନି.ପ୍ର): ଏଣିକି ରାଜ୍ୟରେ ଶିଳ୍ପପୁଞ୍ଜ ଓ ଶିଳ୍ପ ପ୍ରତିଷ୍ଠାନ ସ୍ଥାପନବେଳେ ଶିଳ୍ପବିହୀନ ଜିଲ୍ଲାଗୁଡ଼ିକୁ ପ୍ରାଥମିକତା ଦିଆଯିବ ବୋଲି ଶିଳ୍ପ ମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟଶଙ୍କର ମିଶ୍ର କହିଛନ୍ତି। ଆଂଚଳିକ ବୈଷମ୍ୟତା ଦୂରୀଭୂତ ପାଇଁ ଏହା ଉପଯୁକ୍ତ ପଦକ୍ଷେପ ହେବା ସହ ଅର୍ଥନୈତିକ ସନ୍ତୁଳନ ବଜାୟ ରହିବ ବୋଲି ସେ ପ୍ରକାଶ କରିଛନ୍ତି। ସଂପ୍ରତି କଳାହାଣ୍ଡି ଜିଲ୍ଲାରେ ନୂତନ ଭାବେ ନିର୍ମାଣ ହୋଇଥିବା ବିଜୁ ଏକ୍ସପ୍ରେସ୍ ୱେର ଉଭୟ ପାଶ୍ୱର୍ରେ ଶିଳ୍ପାୟନ ପାଇଁ ଆବଶ୍ୟକ ପରିମାଣର ସରକାରୀ ଜମି ଉପଲବ୍ଧ ରହିଛି। ଏଥି ସହିତ ବିଦ୍ୟୁତ, ଜଳ ଓ ସଡ଼କ ପ୍ରଭୃତି ଉପଲବ୍ଧ ଥିବା ଦୃଷ୍ଟିରୁ ନୂତନ ଶିଳ୍ପପୁଞ୍ଜ ପ୍ରତିଷ୍ଠା ସକାଶେ ଏକ ଅନୁକୂଳ ବାତାବରଣ ରହିଥିବା କ୍ୟାପ୍‌ଟେନ୍ ମିଶ୍ର ପ୍ରକାଶ କରିଛନ୍ତି। ପ୍ରତି ଜିଲ୍ଲାରେ ଗୋଟିଏ ଲେଖାଏଁ ଶିଳ୍ପପୁଞ୍ଜ ପ୍ରତିଷ୍ଠା ସକାଶେ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଥିଲା। ବିଶେଷ ଭାବେ ଶାନ୍ତିପୂର୍ଣ୍ଣ ଶିଳ୍ପ ପରିବେଶ ସୃଷ୍ଟି କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ ।
ଏହି ଭର୍ଚୁଆଲ ବୈଠକରେ ଝାରସୁଗୁଡ଼ାଠାରେ ବେଦାନ୍ତ ଦ୍ୱାରା କରାଯାଉଥିବା ଆଲୁମିନିୟମ୍ ପାର୍କ, ଅନୁଗୁଳର ଆଲୁମିନିୟମ୍ ପାର୍କ, ଭଦ୍ରକର ଟେକ୍ସଟାଇଲ୍ କ୍ଲଷ୍ଟର, ପାରାଦ୍ୱୀପର ପ୍ଲାଷ୍ଟିକ୍ ପାର୍କ, ଡେରାସଠାରେ ନିର୍ମାଣାଧୀନ ସି-ଫୁଡ୍ ପାର୍କ ଏବଂ ୧୬ ନଂ ଜାତୀୟ ରାଜପଥ ଉପରେ ଗଢ଼ିଉଠୁଥିବା ଓଡ଼ିଶା ଇକୋନୋମିକ କରିଡ଼ର ଉପରେ ଆଲୋଚନା କରାଯାଇଥିଲା । ଏଥି ସହିତ ଦୀପାର ଅଗ୍ରଗତି ସଂପର୍କରେ ଆଲୋଚନା କରାଯାଇଥିଲା । ତେବେ ମନ୍ତ୍ରୀ କ୍ୟାପ୍‌ଟେନ୍ ମିଶ୍ର ରାଜ୍ୟର ଶିଳ୍ପାୟନ ଓ ଶିଳ୍ପ ପ୍ରଗତି ଉପରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଆନନ୍ଦ ପ୍ରକାଶ କରିଥିବା ଦର୍ଶାଇ ବିଭାଗର କାର୍ଯ୍ୟଧାରାକୁ ଆହୁରି ଶାଣିତ କରିବାକୁ ସେ ପରାମର୍ଶ ଦେଇଥିଲେ। ଯେଉଁସବୁ ଶିଳ୍ପପୁଞ୍ଜ ଚିହ୍ନଟ ହୋଇଛି ସେଗୁଡ଼ିକରେ ବିଜୁଳି, ପାଣି, ସଡ଼କ ଭଳି ଅତ୍ୟାବଶ୍ୟକୀୟ ଭିତିଭୂମି ଉପଲବ୍ଧ କରିବା ଦିଗରେ ଇଡ୍‌କୋ ତୁରନ୍ତ ପଦକ୍ଷେପ ନେବାକୁ କୁହାଯାଇଛି। ଫଳରେ ଯେକୌଣସି ସମୟରେ ଆଗ୍ରହୀ ଶିଳ୍ପସଂସ୍ଥାକୁ ସେ ସବୁକୁ ପ୍ରଦର୍ଶିତ କରାଗଲେ ସେମାନେ ଶିଳ୍ପ ପ୍ରତିଷ୍ଠା ଦିଗରେ ଆଗଭର ହେବେ ବୋଲି ଶିଳ୍ପ ସଚିବ ହେମନ୍ତ ଶର୍ମା ମତ ରଖିଥିଲେ। ବାୟୋ-ଇଥେନଲ୍ ପ୍ରକଳ୍ପ ପାଇଁ କେନ୍ଦ୍ର ସରକାରଙ୍କୁ ଆବେଦନ କରିବାକୁ ହେବ ବୋଲି ସଚିବ ପ୍ରକାଶ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ୫-'ଟି' ଓ 'ମୋ ସରକାର' ଅଧୀନକୁ ଆଣି କାର୍ଯ୍ୟକ୍ରମ ସଂଚାଳନ ପାଇଁ କୁହାଯାଇଥିଲା। ବୈଠକରେ ଇପିକଲର ପରିଚାଳନା ନିର୍ଦ୍ଦେଶକ ଭୂପିନ୍ଦର ସିଂ ପୁନିଆ, ସିଜିଏମ୍, ପି ଆଣ୍ଡ ଏ, ଗଣେଶ୍ୱର ଜେନାଙ୍କ ସମେତ ବହୁ ପଦସ୍ଥ ଅଧିକାରୀ ଯୋଗଦେଇଥିଲେ।

# ରୋଟାରୀ ଆନ୍ଦୋଳନ ବ୍ୟାପକ ହେଲେ ସମାଜରୁ କୁସଂସ୍କାର ହଟିବ : ନିରଞ୍ଜନ ପଟ୍ଟନାୟକ



ଭୁବନେଶ୍ୱର,୨୦/୭ (ନି.ପ୍ର): ରୋଟାରୀ କ୍ଲବ ଭୁବନେଶ୍ୱର ସେଂଟ୍ରାଲର ଅଧିଷ୍ଠାନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂର୍ବତନ ରୋଟାରିଆନ ତଥା ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ କହିଲେ ଯେ, ସମାଜସେବା କ୍ଷେତ୍ରରେ ସାରା ବିଶ୍ୱରେ ରୋଟାରୀ ଅନୁଷ୍ଠାନ ଯଥେଷ୍ଟ ସୁନାମ ଅର୍ଜନ କରିଛି। ପୋଲିଓ ଭଳି ଏକ ରୋଗ ବିରୁଦ୍ଧରେ ରୋଟାରୀ ଯେଉଁ ସଂକଳ୍ପ ନେଇ କାର୍ଯ୍ୟ କଲା ତାହା ସାରା ବିଶ୍ୱ ଜାଣିଛି। ବର୍ତ୍ତମାନ ସମୟ ଆସିଛି, କୁସଂସ୍କାର ବିରୁଦ୍ଧରେ ରୋଟାରିଆନମାନେ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଥିଲେ।
ମୁଖ୍ୟବକ୍ତା, ଭାରତବର୍ଷର ଅନନ୍ୟ ସଂସ୍କୃତ ବିଦ୍ୱାନ ପ୍ରଫେସର ହରେକୃଷ୍ଣ ଶତପଥୀ କହିଲେ ଯେ, ସେବା ଏକ ଅନ୍ତର୍ନିହିତ ଇଚ୍ଛାଶକ୍ତିର ପରିପ୍ରକାଶ। ରୋଟାରୀରେ କାର୍ଯ୍ୟ କରୁଥିବା ସଦସ୍ୟ ସଦସ୍ୟା ମାନଙ୍କର ନିସ୍ୱାର୍ଥପର ସେବାର ସେ ବହୁ ଉଦାହରଣ ଦେଇଥିଲେ।
ଉତ୍ସବରେ ଶିକ୍ଷାବିତ୍ ଡଃ ବଦ୍ରୀନାଥ ପଟ୍ଟନାୟକ ସଭାପତି ଦାୟିତ୍ୱ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କୁ ୨୦୨୧-୨୨ ବର୍ଷ ପାଇଁ ଅର୍ପଣ କରିଥିଲେ। ରୋଟାରୀ ଏଡିଜି ସୁବ୍ରତ କୁମାର ମିଶ୍ର, ନୂତନ ସଦସ୍ୟା ଭାବେ, ଚଳଚ୍ଚିତ୍ର ତଥା ନାଟ୍ୟ ନିର୍ଦ୍ଦେଶିକା ଶ୍ରୀମତୀ ବିୟୋତପ୍ରଜ୍ଞା ତ୍ରିପାଠୀଙ୍କୁ ଗ୍ରହଣ କରାଗଲା ବୋଲି ଘୋଷଣା କରିବା ପରେ ଡଃ ନିବେଦିତା ପଟ୍ଟନାୟକ, ଶ୍ରୀମତୀ ତ୍ରିପାଠୀଙ୍କୁ ରୋଟାରୀ ପଦକ ପ୍ରଦାନ କରିଥିଲେ। ନିର୍ବାଚିତ ସଭାପତି ଡଃ ସୌରେନ୍ଦ୍ର କୁମାର ମହାପାତ୍ର ଅତିଥି ପରିଚୟ, ପୂର୍ବତନ ସମ୍ପାଦକ ଶେଖର ସାମନ୍ତରାୟ ବିବରଣୀ ପାଠ ଓ ସମ୍ପାଦକ ଜ୍ୟୋତିପ୍ରକାଶ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଶିକ୍ଷିତ ଯୁବଗୋଷ୍ଠୀ ପ୍ରଫେସନାଲ୍ କଂଗ୍ରେସରେ ସାମିଲ୍ ହୁଅନ୍ତୁ

ଭୁବନେଶ୍ୱର,୨୦/୭ (ନି.ପ୍ର): ନରେନ୍ଦ୍ର ମୋଦିଙ୍କ ଶାସନ ସମୟରେ ଭାରତବର୍ଷ ବର୍ତ୍ତମାନ ଯେଉଁ ଘଡ଼ିସନ୍ଧି ମୂହୂର୍ତ୍ତଦେଇ ଗତି କରୁଛି ଭାରତର ଅର୍ଥନୀତି, ବିଦେଶ ନୀତି ଓ ସାମାଜିକ ବ୍ୟବସ୍ଥା ଯେଭଳି ଭାବରେ ବିପର୍ଯ୍ୟସ୍ତ ହୋଇଯାଇଛି, ପେଟ୍ରୋଲ ଓ ଡିଜେଲର ମୂଲ୍ୟବୃଦ୍ଧି ଯେଭଳି ଘଟିଛି ତାହା ଗରୀବ ଓ ମଧ୍ୟବିତ ଲୋକଙ୍କର ଆର୍ଥିକ ମେରୁଦଣ୍ଡକୁ ଭାଙ୍ଗ ଦେଲାଣି। ଏହି ସମୟରେ ଶିକ୍ଷିତ ବୁଦ୍ଧିଜୀବୀ ତଥା ଯୁବଗୋଷ୍ଠିଙ୍କୁ କଂଗ୍ରେସ ଦଳରେ ସାମିଲ କରିବାକୁ ଓଡ଼ିଶା ପ୍ରଫେସନାଲ କଂଗ୍ରେସ ଦୃଢ଼ତାର ସହିତ କାର୍ଯ୍ୟ କରିବ ବୋଲି ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି। ସର୍ବଭାରତୀୟ ପ୍ରଫେସନାଲ କଂଗ୍ରେସ ଓଡ଼ିଶା ଶାଖା ପୁନଃର୍ଗଠିତ ହେବାପରେ କଂଗ୍ରେସ ଭବନଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସେ ଏହା କହିଛନ୍ତି। ଅଲ୍ ଇଣ୍ଡିଆ ପ୍ରଫେସନାଲ କଂଗ୍ରେସ ଓଡ଼ିଶା ଶାଖାର ନବ ନିଯୁକ୍ତ ସଭାପତି ଶ୍ରୀମତୀ ମମତା କୁଣ୍ଡୁ ଖୁବଶୀଘ୍ର ଓଡ଼ିଶାର ୨୧ଟି ସଂସଦୀୟ କ୍ଷେତ୍ରରେ ପ୍ରଫେସନାଲ ମାନଙ୍କୁ ନୂତନ ନିଯୁକ୍ତି ଦେବା ସହିତ ଶିକ୍ଷିତ ଯୁବଗୋଷ୍ଠୀ ଏବଂ ବୃଦ୍ଧିଜୀବୀ ମାନଙ୍କର ବୃହତର ସ୍ୱାର୍ଥ ପାଇଁ ପ୍ରଫେସନାଲ କଂଗ୍ରେସ ଲଢ଼େଇ କରିବ ବୋଲି ସୂଚନା ଦେଇଥିଲେ। ପ୍ରଫେସନାଲ କଂଗ୍ରେସ ଖୁବଶୀଘ୍ର ସାରା ଓଡ଼ିଶାର ଯୁବକ ଯୁବତୀମାନଙ୍କୁ କଗ୍ରେସ ଦଳରେ ସାମିଲ କରିବା ପାଇଁ ସକ୍ରିୟ ଭୂମିକା ନିର୍ବାହ କରିବ। ପ୍ରଫେସନାଲ କଂଗ୍ରେସର ଉପସଭାପତି ସଂଜୟ କୁମାର ମିଶ୍ର ଆଗାମୀ କାର୍ଯ୍ୟପନ୍ଥା ବିଷୟରେ ପୁଙ୍ଖାନୁପୁଙ୍ଖ ସୂଚନା ଦେଇଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ପ୍ରଫେସନାଲ କଂଗ୍ରେସର ରାଜ୍ୟ ସଂଯୋଜକ ରଞ୍ଜିତ ମହାନ୍ତି ମଧ୍ୟ ଉପସ୍ଥିତ ଥିଲେ।

# ଉଠା ଜଳ ସେଚନ ନିଗମ ଅଧ୍ୟକ୍ଷଙ୍କ ପାଣି ପଂଚାୟତ ସଦସ୍ୟମାନଙ୍କ ସହିତ ଆଲୋଚନା

ଭୁବନେଶ୍ୱର,୨୦/୭ (ନି.ପ୍ର): ଓଡିଶା ଉଠା ଜଳସେଚନ ନିଗମର ଅଧ୍ୟକ୍ଷ ଅମରେଶ ପତ୍ରୀ ସୋମବାର ବାଙ୍କୀ ବିଧାୟକ ଦେବୀ ରଂଜନ ତ୍ରିପାଠୀଙ୍କ ସହିତ କଟକ ଜିଲ୍ଲା ବାଙ୍କୀ ବିଧାନସଭା ମଣ୍ଡଳୀ ଗସ୍ତ କରି କ୍ଷେତ୍ର ପରିଦର୍ଶନ ପୂର୍ବକ କୃଷକ ଏବଂ ପାଣି ପଂଚାୟତ ସଦସ୍ୟମାନଙ୍କ ସହିତ ଆଲୋଚନା କରିଥିଲେ । ବାଙ୍କୀ ବ୍ଲକ ଓ ବାଙ୍କୀ-ଡମପଡା ବ୍ଲକର ବିଭିନ୍ନ ଅଂଚଳରେ କାର୍ଯ୍ୟକାରୀ ହେଉଥିବା ଉଠା ଜଳସେଚନ ପ୍ରକଳ୍ପରୁ କୃଷକମାନେ କିପରି ଉପକୃତ ହେଉଛନ୍ତି ସେ ସମ୍ପର୍କରେ ଜାଣିବା ପାଇଁ ନିଜେ ବିଭିନ୍ନ ପ୍ରକଳ୍ପ ସ୍ଥଳ ପରିଦର୍ଶନ କରିବା ସହିତ ଏହି ସବୁ ପ୍ରକଳ୍ପ ଦ୍ୱାରା ସେମାନେ କିପରି ଅଧିକରୁ ଅଧିକ ଉପକୃତ ହୋଇପାରିବେ, ସେ ସଂପର୍କରେ ଅନୁଧ୍ୟାନ କରିଥିଲେ । କୃଷକମାନଙ୍କୁ କୃଷି ପାଇଁ ଜଳ ଯୋଗାଣ ନିମନ୍ତେ ସୁବିଧା କରିବା ପାଇଁ ଯେଉଁ ସବୁ ସମସ୍ୟା ରହୁଛି,ବିଶେଷ କରି ଅଚଳ ରହିଥିବା ପ୍ରକଳ୍ପର ମରାମତି,ପ୍ରକଳ୍ପଗୁଡିକର ରକ୍ଷଣାବେକ୍ଷଣରେ ରହିଥିବା ସମସ୍ୟାର ସମାଧାନ କରିବା ପାଇଁ ଓଏଲଆଇ ସି ଅଧ୍ୟକ୍ଷ ଶ୍ରୀ ପତ୍ରୀ ସଂପୃକ୍ତ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।
ବାଙ୍କୀର କୃଷକମାନଙ୍କ ପାଇଁ ପାଣି ପଂଚାୟତ ଜରିଆରେ ତଥା ଉଠା ଜଳସେଚନ ସୁବିଧା ମାଧ୍ୟମରେ ଜଳଯୋଗାଣ ପାଇଁ ଆବଶ୍ୟକ ପଦକ୍ଷେପ ସଂପର୍କରେ ଶ୍ରୀ ପତ୍ରୀ ଗୁରୁତ୍ୱାରୋପ କରିଥିଲେ। ବାଙ୍କୀ ବିଧାୟକ ଶ୍ରୀ ତ୍ରିପାଠୀ ବାଙ୍କୀ ବିଧାନ ସଭା କ୍ଷେତ୍ରରେ ଯେଉଁ ଯେଉଁ ଅଂଚଳରେ କୃଷି କାର୍ଯ୍ୟ କରାଯାଉଛି ଓ ସମସ୍ୟା ରହିଛି ସେହି ଅଂଚଳକୁ କ୍ଷେତ୍ର ପରିଦର୍ଶନରେ ନେଇଥିଲେ। ଏହି ଗସ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଜୋନର ସଭ୍ୟ, ବାଙ୍କୀ ସମବାୟ ସମିତିର ପୂର୍ବତନ ଅଧ୍ୟକ୍ଷ ତଥା ପୂର୍ବତନ ନିର୍ଦ୍ଦେଶକ ଗତିକୃଷ୍ଣ ସ୍ୱାଇଁ, ବାଙ୍କୀର କେନ୍ଦ୍ର ସମବାୟ ବ୍ୟାଙ୍କର ପୂର୍ବତନ ସଭାପତି ସୁବସ ଚନ୍ଦ୍ର ପାଢୀ, କୁସୁପାଙ୍ଗୀ ଗ୍ରାମ ପଂଚାୟତର ସମିତି ସଭ୍ୟ ଅଜିତ୍ କୁମାର ଜେନା, ଉଠା ଜଳ ସେଚନ ସେକ୍ସନ ବାଙ୍କୀ, ବଂଶୀଧର ଦାଶ, ସହକାରୀ ଯନ୍ତ୍ରୀ(ସିଭିଲ), ଉଠା ଜଳ ସେଚନ ସେକ୍ସନ , ସୁବର୍ଣ୍ଣପୁର, ମନୋରଂଜନ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ ।

# କବି ଭରତ ଚନ୍ଦ୍ର ଦାଶଙ୍କ ପ୍ରୀତିକଳା ପାଠକାର୍ପିତ

## ପ୍ରେମ ନରକୁ ନାରାୟଣର ରୂପ ପ୍ରଦାନ କରେ



ରେମୁଣା,୨୦/୦୭ (ନି.ପ୍ର): ପ୍ରେଭ ନରକୁ ନାରାୟଣର ରୂପ ପ୍ରଦାନ କରେ। ମଣିଷର ବ୍ୟକ୍ତିତ୍ୱକୁ ଉତ୍ତରୀତ କରିଥାଏ। ବିଶ୍ୱମାନବିକତାରେ ପ୍ରେମ ହିଁ ସମଗ୍ର ମାନବ ସତ୍ତାକୁ ବାନ୍ଧି ରଖିଛି ବୋଲି ପ୍ରେମ ପ୍ରଣୟର ଅନନ୍ୟ ରୂପକାର ତଥା ଓଡିଶା ସାହିତ୍ୟ ଏକାଡେମୀର ସଦସ୍ୟ କବି ଭରତ ଚନ୍ଦ୍ର ଦାଶଙ୍କ ଦଶମ କବିତା ସଂକଳନ ପ୍ରୀତିକଳା ଲୋକାର୍ପଣ କରି ଅତିଥିମାନେ ସ୍ୱମତ ପୋଷଣ କରିଛନ୍ତି। ରେମୁଣା ସାହିତ୍ୟ ସଂସଦ ଆନୁକୂଲ୍ୟରେ ଆୟୋଜିତ ଗୌରୀ ଶଙ୍କର କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ପ୍ରୀତିକଳା ଲୋକାର୍ପଣ ସମାରୋହରେ ବିଶିଷ୍ଟ ପ୍ରାବନ୍ଧିକ ତଥା ଗବେଷକ ପ୍ରାଧ୍ୟାପକ ଡକ୍ଟର ଭାଗବତ ଦାସ ଅଧ୍ୟକ୍ଷତା କରିଥିଲେ। ପବିତ୍ର ବାହୁଡା ତିଥିରେ ଜଗତର ନାଥ ଶ୍ରୀ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତୀରେ ଧୂପ ଦୀପ ପୁଷ୍ପ ପ୍ରଦାନ କରି ମୁଖ୍ୟଅତିଥି ତଥା ରେବତୀର ସଂପାଦିକା ଶ୍ରୀମତୀ ସୁବାସିନୀ ଜେନା ଉତ୍ସବ ଉଦଘାଟନ କରିଥିଲେ। କବି ଭରତ ଚନ୍ଦ୍ର ଦାଶଙ୍କ ପ୍ରୀତିକଳାରେ ମଣିଷ ସମାଜକୁ ବାନ୍ଧି ରଖିବାର ଆପଣାପଣ ରହିଛି। ଯିଏ ସମସ୍ତଙ୍କୁ ଭଲପାଏ ସେ ହିଁ ପ୍ରେମ ଓ ପ୍ରଣୟର ସାର୍ଥକ କବିତା ଲେଖିପାରିବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଯୁଗଶ୍ରୀ ଯୁଗନାରୀର ସଂପାଦିକା ଶ୍ରୀମତୀ ମମତା ମହାପାତ୍ର କବି ମାୟାଧର ମାନସିଂହଙ୍କ ପରେ ଉତ୍ତର ଆଧୁନିକ ପଦ୍ୟ ସାହିତ୍ୟରେ କବି ଭରତ ଚନ୍ଦ୍ର ଏକ ସାର୍ଥକ ପଦ୍ୟ ଶିଳ୍ପୀ ବୋଲି ମତ ଦେଇଥିଲେ। ବିଶିଷ୍ଟ କବି ତଥା ଓଡିଶା ସାହିତ୍ୟ ଏକାଡେମୀର ସଦସ୍ୟ କାଳୀପଦ ପଣ୍ଡା ପ୍ରେମ ମଣିଷକୁ ମାନବିକତା ଶିଖାଏ, ତାର ଜୀବନକୁ ଉତ୍ତରୀତ କରେ, ଯାହା କି ପ୍ରୀତିକଳାର କବି ଭରତ ଚନ୍ଦ୍ରଙ୍କ କବିତାରେ ଆମେ ଦେଖିବାକୁ ପାଇବା ବୋଲି କହିଥିଲେ। ବିଶିଷ୍ଟ ସମାଲୋଚକ ତଥା ପ୍ରାବନ୍ଧିକ ପ୍ରାଧ୍ୟାପକ ଡକ୍ଟର ରାଧା ରଞ୍ଜନ ପଟ୍ଟନାୟକ ସମୀକ୍ଷକଭାବେ ଯୋଗ ଦେଇ ପ୍ରୀତିକଳା ସମୀକ୍ଷା କରିଥିଲେ। କବି ଭରତ ଚନ୍ଦ୍ରଙ୍କ ପ୍ରୀତିକଳା ମାନବ ଜୀବନ ଦର୍ଶନର କଳାକ୍ଷେତ୍ର ବୋଲି କହି ପ୍ରେମ ଓ ପ୍ରଣୟର କବି ଭରତ ଚନ୍ଦ୍ର ଦାଶଙ୍କୁ ବାଦ୍ ଦେଇ ଉତ୍ତର ଆଧୁନିକ ପଦ୍ୟ ସାହିତ୍ୟର ଇତିହାସ ଲେଖାଯାଇ ପାରିବ ନାହିଁ। ସମୟ ଆସିବ ବିଶ୍ୱ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏକପଦୀ କବିତାରେ ଗବେଷଣା କରିବେ। କବି ଶ୍ରୀ ଦାଶ ୧୪ ଶହ ଏକପଦୀ ରଚନା କରି ଇତିହାସ ସୃଷ୍ଟି କରିଛନ୍ତି ବୋଲି ମତ ଦେଇଥିଲେ। ରେମୁଣା ସାହିତ୍ୟ ସଂସଦର ସଭାପତି ବର୍ଷୀୟାନ କବି ସତ୍ୟରଞ୍ଜନ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କବି ଭରତ ଚନ୍ଦ୍ର ଦାଶ ସ୍ୱମତ ପୋଷଣ କରି ସମସ୍ତଙ୍କୁ ଆପଣାର କରିବା ମଧ୍ୟରେ ତାଙ୍କର କବିତା ରଚନା ସୃଷ୍ଟି ବୋଲି କହିଥିଲେ । ଉତ୍ସବ ଆରମ୍ଭରେ କବୀ ସତ୍ୟଭାମା ମୁଦୁଲି ମଞ୍ଚ ଆହ୍ୱାନ କରିଥିଲେ । କବି ପ୍ରଦୀପ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। କବି ବିକର୍ତ୍ତନ ନାୟକ ଶ୍ରୀଜଗନ୍ନାଥଙ୍କ ଭଜନ ଗାନ କରିଥିଲେ। ବ୍ୟଙ୍ଗ କବି ପଦ୍ମଲୋଚନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। କବି ରଞ୍ଜନ କୁମାର ନାୟକ, ନାଟ୍ୟକାର ନାରାୟଣ ପ୍ରଧାନ, କବି ଗୀତାଞ୍ଜଳି ସିଂହ, କବୀ ମିନତୀ ପାତ୍ର, ଭାଗିରଥି ମହାନ୍ତି, ଯୋଗେଶ ଚନ୍ଦ୍ର ବେହେରା, ପ୍ରଭାକର ସାହୁ ପ୍ରମୁଖ ସହଯୋଗ କରିଥିଲେ ।

## କୋରାପୁଟ ରେଳ ଷ୍ଟେସନରେ ଲାଗିଲା ରୁଫ୍ ଟପ୍ ସୋଲାର ପ୍ଲାଂଟ

ଭୁବନେଶ୍ୱର,୨୦/୦୭ (ନି.ପ୍ର): କୋରାପୁଟ ରେଳ ଷ୍ଟେସନର ପ୍ଲାଟଫର୍ମ ନମ୍ବର ୨ ଓ ୩ ଶେଡ ଉପରେ ୨୭.୫ କିଲୋୱାଟ ରୁଫ୍ ଟପ୍ ସୋଲାର ପ୍ଲାଂଟ ସ୍ଥାପନ କରାଯାଇ କାର୍ଯ୍ୟକ୍ଷମ କରାଯାଇଛି । ପୂର୍ବତଟ ରେଳପଥର ମୁଖ୍ୟ ବୈଦ୍ୟୁତିକ ଯନ୍ତ୍ରୀ ଚିତ ରଞ୍ଜନ ହାଇତି କୋରାପୁଟ ସ୍ଥିତ ଅନ୍ୟ ରେଳବାଇ ଅଧିକାରୀଙ୍କ ଉପସ୍ଥିତିରେ ଏହି ବିଦ୍ୟୁତ୍ ଉତ୍ପାଦନର ଉଦଘାଟନ କରିଛନ୍ତି। ଆଜୁର୍ ସୋଲାର୍ ପାୱାର୍ ପ୍ରାଇଭେଟ ଲିମିଟେଡ୍ ପ୍ଲାଟଫର୍ମ ନମ୍ବର ୨ ଏବଂ ୩ ର ଛାତ ଉପରି ଭାଗରେ ୯୦ଟି ସୋଲାର ପ୍ୟାନେଲ ସ୍ଥାପନ କରିଛି। ଏହା ଦ୍ୱାରା ଦୈନିକ ପ୍ରାୟ ୮୭ ୟୁନିଟ୍ ବିଦ୍ୟୁତ ସୃଷ୍ଟି କରାଯାଇ ପାରିବ। ସରକାରୀ ଘରୋଇ ସଂସ୍ଥା ସହଭାଗିତାରେ ୨୫ ବର୍ଷ ପାଇଁ ସୋଲାର ପ୍ଲାଂଟ ଯୋଗାଇ ଦିଆଯାଉଛି।

# ବିଜୁ ମହିଳା ଜନତା ଦଳ ପକ୍ଷରୁ ବୃକ୍ଷରୋପଣ-ଫଳଚାରା ବଣ୍ଟନ



ବାଲେଶ୍ୱର,୨୦/୦୭ (ନି.ପ୍ର): ବିଜୁ ମହିଳା ଜନତା ଦଳ ବାଲେଶ୍ୱର ଶାଖା ପକ୍ଷରୁ ବୃକ୍ଷରୋପଣ ଓ ଫଳଚାରା ବଣ୍ଟନ କାର୍ଯ୍ୟକ୍ରମ ସହରର ବାରବାଟୀ ପମ୍ପ ହାଉସ ନିକଟରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଜୁ ମହିଳା ଜନତା ଦଳର ରାଜ୍ୟ କାର୍ଯ୍ୟକାରୀ ସଭାନେତ୍ରୀ ସୁବାସିନୀ ଜେନା ଏଥିରେ ଯୋଗଦେଇ ପ୍ରଥମେ ବୃକ୍ଷରୋପଣ ସହ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। କରୋନା କାଳରେ ଅମ୍ଳଜାନର ଅଭାବକୁ ସମସ୍ତେ ଅନୁଭବ କରିଛନ୍ତି। ଏହାର ସ୍ଥାୟୀ ପ୍ରତିକାର ଭାବେ ବୃକ୍ଷରୋପଣକୁ ସରକାର ଏବେ ଗୁରୁତ୍ୱ ଦେଉଛନ୍ତି ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ବିଜୁ ମହିଳା ଜନତା ଦଳ ପକ୍ଷରୁ ସମଗ୍ର ଓଡ଼ିଶାରେଏବେ ବୃକ୍ଷରୋପଣ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲାରେ ୧ଲକ୍ଷ ଉନ୍ନତମାନର ଫଳଚାରା ଲଗାଇବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ଶ୍ରୀମତୀ ଜେନା ସୂଚନା ଦେଇଥିଲେ। ଏହା ଦ୍ୱାରା ଗରିବ ଲୋକଙ୍କ ଆୟ ବୃଦ୍ଧି ପାଇଁ ଲକ୍ଷ୍ୟ ରଖାଯାଇଥିବା ସେ କହିଛନ୍ତି। ପୂର୍ବତନ କାଉନସିଲର ତଥା ବିଜୁ ମହିଳା ଜନତା ଦଳର ରାଜ୍ୟ ସମ୍ପାଦିକା ମୀନା ମହାନ୍ତି ଏହି ଏଥିରେ ପୌରୋହିତ୍ୟ କରିବା ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନକୁ କ୍ରମେ ପରିବେଶ ସୁରକ୍ଷା ପାଇଁ ସବୁ ମହଲରୁ ବ୍ୟାପକ ବୃକ୍ଷରୋପଣ ନିମନ୍ତେ ସେ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପୌରପାଳ ଆଲୋକ ସାହୁ, ପୂର୍ବତନ ପୌର ଉପାଧ୍ୟକ୍ଷ ମନୋଜ ରାଉତ, ବିଜୁ ଯୁବ ଜନତା ଦଳର ରାଜ୍ୟ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ମଙ୍ଗରାଜ, ବିଜୁ ଜନତା ଦଳର ଟାଉନ ସଭାପତି ସନତ ଦାସ, ବିଜୁ ଛାତ୍ର ଜନତା ଦଳର ଜିଲା ସଭାପତି ସିମନ ଦାସମହାପାତ୍ର, ବ୍ରଜ କିଶୋର ପ୍ରଧାନ, ତାପସ ପରିଡ଼ା, ତାପସ ପାଣିଗ୍ରାହୀ, ସୁବୋଧ ମହାନ୍ତି, ଭାଗବତ ସାହୁ, ଅନୀଲ ମହାରଣା, ଶ୍ରଦ୍ଧାଞ୍ଜଳି ରାୟ, ରଞ୍ଜିତା ମହାପାତ୍ର, ରାଜଲକ୍ଷ୍ମୀ ଚାଟାର୍ଜୀ, ମୀନତି ସେଠୀ, ସବିତା ସାହୁଙ୍କ ସମେତ ବହୁ ମହିଳା ଓ ଯୁବ କର୍ମୀ ଏଥିରେ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ଥାନୀୟ ବାସିନ୍ଦାଙ୍କୁ ଉନ୍ନତ ମାନର ପିଜୁଳି ଚାରା ବଣ୍ଟନ କରାଯାଇଥିଲା।

# ବାଲ୍ୟ ବିବାହ ଉପରେ ଚାଇଲ୍ଡଲାଇନର ଚଢାଉ : ବର ଓ କନ୍ୟା ଚମ୍ପଟ ମାରିଲେ

ବାଲିଆପାଳ,୨୦/୦୭ (ନି.ପ୍ର): ବାଲିଆପାଳ ଥାନା ଅସ୍ତି ପଂଚାୟତ ସର୍ଦାରସାହି ଗ୍ରାମରେ ବାଲ୍ୟ ବିବାହ ଭଳି ଏକ ଘଟଣା ସଂଗଠିତ ହୋଇଛି । ବାଲ୍ୟ ବିବାହ ପାଇଁ କଠୋର ଆଇନର ବ୍ୟବସ୍ଥା ରହିଥିବା ବେଳେ ଅନେକ କ୍ଷେତ୍ରରେ ଲୋକଙ୍କ ଉପରେ ଏହାର ପ୍ରଭାବ ପଡୁନାହିଁ । ଚାଇଲ୍ଡଲାଇନ ଖବର ପାଇଁ ଅତର୍କିତ ଚଢାଉ କରିବା ପାଇଁ ବାଧ ହେଉଛନ୍ତି । ଘଟଣାକୁ କେନ୍ଦ୍ର କରି ଆଜି ବାଲିଆପାଳ ଚାଇଲ୍ଡ ଲାଇନ ସର୍ଦାରସାହି ଗ୍ରାମରେ ପହଂଚିଥିଲେ। ମାତ୍ର ଚାଇଲ୍ଡ ଲାଇନ ଟିମକୁ ଦେଖି ବେଦୀରେ ବସିଥିବା ବର କନ୍ୟା ଓ ବନ୍ଧୁବାନ୍ଧବ ମାନେ ସୁବର୍ଣ୍ଣରେଖା ନଦୀ ପଠାରେ ଥିବା ଝାଡି ବଣକୁ ଚମ୍ପଟ ମାରିଥିଲେ। ଟିମ ସେମାନଙ୍କୁ ପିଛା କରିଥିଲେ ମଧ୍ୟ ନିରାଶ ହେବାକୁ ପଡିଥିଲା । ବର ବୟସ ୧୯ ହୋଇଥିବା ବେଳେ ତାର ଘର ସିଂଲା ଅଂଚଳରେ । କନ୍ୟାର ବୟସ ୧୩ ହୋଇଥିବା ବେଳେ ତାର ଘର ଜାମୂଶୁଳୀ ଅଂଚଳରେ ଉଭୟ ପକ୍ଷ ଆଜି ତାଙ୍କର ବନ୍ଧୁ ସର୍ଦାରସାହି ଗ୍ରାମର ସନ୍ତୋଷ ଜେନାଙ୍କ ଘରେ ଲୁଚି କରି ବିବାହ କରୁଥିଲେ। ଏହି ଚଢାଉରେ ବାଲେଶ୍ୱରସ ଚାଇଲ୍ଡ ଲାଇନର ଜିଲା ମୁଖ୍ୟ ପ୍ରଶାନ୍ତ କୁମାର ରାଉତ, ବାଲିଆପାଳ ସମନ୍ୱିତ ଶିଶୁ ବିକାଶ ଯୋଜନାର ସୁପରଭାଇଜର ଶୀତଲସ୍ମିତା ମାଝୀ,ବାଲିଆପାଳ ସବ୍‌ସେଣ୍ଟର ମେମ୍ବର ସପ୍ନାରାଣୀ ଜେନା,ଉତ୍ତମ ନାୟକ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ ।

## ପ୍ଲାଟୋ ଷ୍ଟେଜରେ ସଂକ୍ରମଣ

ଭୁବନେଶ୍ୱର,୨୦/୦୭ (ନି.ପ୍ର): ଟେଷ୍ଟ ପିଜିଟିଭ ରେଟ ଅଧିକ ରହୁଥିବା ୪ ଜିଲ୍ଲାରେ ସଂକ୍ରମଣ କମିବା ପରେ ଏବେ ପ୍ଲାଟୋ ଷ୍ଟେଜରେ ରହିଛି ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର କହିଛନ୍ତି। ସେ କହିଛନ୍ତି ଏହି ୪ ଜିଲ୍ଲାରେ ଅଧିକ ଫୋକସ୍ ଦେବାକୁ ପଡ଼ିବ। କଟକଣା କୋହଳ ହେବା ପରେ ଲୋକମାନଙ୍କର ଗହଳି ତୃତୀୟ ଲହର ଆସିବାର ମୁଖ୍ୟ କାରଣ ହେବ। କିନ୍ତୁ ସ୍ଥିତିର ମୁକାବିଲା ପାଇଁ ରାଜ୍ୟ ସରକାର ସଂପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି। ମହାମାରୀର ମୁକାବିଲା ପାଇଁ ଟିକାକରଣ ଜାରି ରହିବ। ସେହିପରି ଫୋକସ୍ ସର୍ଭେଲାନ୍ସ ଚାଲୁ ରହିବ। ଯଦି ଦରକାର ପଡେ ଅଗଷ୍ଟ ପରେ ବି ଏହାକୁ ବଢ଼ାଇ ପାରନ୍ତି ସରକାର। ଟ୍ରିଟମେଂଟ ଫ୍ୟାସିଲିଟି ଯାହା ରଖାଯାଇଛି, ତାହା ଜାରି ରହିବ। ଛୋଟ ପିଲାଙ୍କୁ ଅଧିକ ପ୍ରଭାବିତ କରିବାର ଆଶଙ୍କାକୁ ଦୃଷ୍ଟିରେ ରଖି ଟ୍ରେନିଂ ମୋଡ଼ାଲିଟି ୫୦ ପ୍ରତିଶତ ଆଗକୁ ଗଲାଣି। ସବୁ ସାଇଟରେ ପେଡ଼ିଆଟ୍ରିକ୍ସ ଓ ଜେନେରାଲ ଏମବିବିଏସଙ୍କୁ ପ୍ରଶିକ୍ଷଣ ଦିଆଯାଉଛି ବୋଲି କହିଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର।

# ମୟୂରଭଞ୍ଜ କ୍ରିକେଟ ଏକାଡେମୀ ଉଦ୍ଘାଟିତ



ବାରିପଦା,୨୦/୦୭ (ନି.ପ୍ର): ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ ର ଭିଜନ ୨୦୨୪ ଅନୁଯାୟୀ ବାରିପଦା ଷ୍ଟାଡିୟମ୍ ପରିସରରେ ମୟୂରଭଞ୍ଜ କ୍ରିକେଟ୍ ଏକାଡ଼େମୀ ଉଦ୍ଘାଟିତ ହୋଇଛି। ଏହି ଅବସରରେ ଭର୍ଚୁଆଲ ମୋଡ ରେ ଆୟୋଜିତ ଏକ ଉତ୍ସବ ରେ କଟକ ବାରବାଟି ଷ୍ଟାଡିୟମ୍ ରୁ କ୍ରୀଡ଼ା ମନ୍ତ୍ରୀ ତୁଷାର କାନ୍ତି ବେହେରା, କ୍ରୀଡ଼ା ବିଭାଗ ର ପ୍ରମୁଖ ସଚିବ ବିଶାଲ କୁମାର ଦେବ୍, ସ୍ୱତନ୍ତ୍ର ସଚିବ ଆର୍ ଭିନୀଲ୍ କ୍ରୀଷ୍ଣା, ବର୍ଷୀୟାନ କ୍ରୀଡ଼ା ସଙ୍ଗଠକ ଆଶୀର୍ବାଦ ବେହେରା, ଓସିଏ ର ସଭାପତି ପଙ୍କଜ ଲୋଚନ ମହାନ୍ତି ଓ ସମ୍ପାଦକ ସଞ୍ଜୟ ବେହେରା ଙ୍କ ଉପସ୍ଥିତି ରେ ବାରିପଦା ଷ୍ଟାଡିୟମ୍ ପରିସରରେ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନ୍ ର ଉପ ସଭାପତି ଗିରିଶ ଚନ୍ଦ୍ର ଦାସ ଏହାର ଉଦ୍ଘାଟନ କରିଥିଲେ। ଏହି ଅବସରରେ ଆସୋସିଏସନ୍ ର ସାଧାରଣ ସମ୍ପାଦକ କିଶୋର କୁମାର୍ ବିଶ୍ୱାଳଙ୍କ ପୌରହିତ୍ୟ ରେ ଅନୁଷ୍ଠିତ ଏକ ଉତ୍ସବ ରେ ଆସୋସିଏସନ୍ ର କାଉନସିଲ୍ ସଦସ୍ୟ ସଞ୍ଜୀବ କୁମାର୍ ମହାନ୍ତି, କଲ୍ଲୋଳ ମୁଖାର୍ଜୀ, ଲାଲଟୁ ବିଶ୍ୱାସ, କ୍ରିକେଟ୍ କୋଚ୍ ଦେବିଦତ୍ତ ମହାନ୍ତି, ସୁଜନ ମହାନ୍ତି, ଅମିତ୍ ବିଶ୍ୱାସ, କ୍ରିକେଟ୍ ଅମ୍ପାୟାର ଦିଲ୍ଲିପ ଦାସ, ଦେବାଶିଷ ଗୁପ୍ତା, କେ. ଇନ୍ଦ୍ରଜିତ ପ୍ରସାଦ, ଫାଓ ର ଉପ ସଭାପତି ପ୍ରଦୀପ କିଶୋର ମହାନ୍ତି, ବର୍ଷୀୟାନ କ୍ରୀଡାବିତ୍ ତଥା କ୍ରୀଡ଼ା ସଙ୍ଗଠକ ଅମୂଲ୍ୟ ମିଶ୍ର, ନାରାୟଣ ଦାସ, ସୁନୀଲ ଜେନା, ସରୋଜ ବୋଷ, ଅମିତାଭ ପଟ୍ଟନାୟକ, ଅମରେନ୍ଦ୍ର ଦାସ, ଅଶୋକ ସାହୁ, କାର୍ତ୍ତିକ ବାରିକ୍, ଲୋକନାଥ ମହାରଣା, ଯୋଗେଶ୍ୱର ପାଲବାବୁ, ବିଭୂତି ଭୂଷଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ତେବେ ଏହି ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ଆସୋସିଏସନ୍ ର ସଭାପତି ତଥା ମୟୂରଭଞ୍ଜ ଜିଲ୍ଲାପାଳ ବିନୀତ କୁମାର୍ ଭରଦ୍ୱାଜ, ଯୋଗ ଦେବାକୁ ଥିବା ବେଳେ ମୁଖ୍ୟମନ୍ତ୍ରୀ ଙ୍କର ଏକ କାର ?ୟକ୍ରମ ରେ ଉପସ୍ଥିତ ରହିବାରୁ ଷ୍ଟାଡିୟମ୍ କୁ ଆସିପାରି ନଥିଲେ ବୋଲି ଆସୋସିଏସନ୍ ର ସାଧାରଣ ସମ୍ପାଦକ ଶ୍ରୀ ବିଶ୍ୱାଳ ସୂଚନା ଦେଇଥିଲେ। ସମସ୍ତ ବର୍ଗ ର କ୍ରିକେଟ୍ ଖେଳାଳୀ ଙ୍କୁ ତାଲିମ୍ ଦିଆ ଯିବାକୁ ଥିବା ଏହି ଏକାଡେମୀ ସକାଶେ ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ ପକ୍ଷରୁ ବାରିପଦା ଷ୍ଟାଡିୟମ୍ ଠାରେ ମ୍ୟାଚ୍ ଓ ପ୍ରାକ୍ଟିସ ପାଇଁ BCCI ଦ୍ୱାରା ଅନୁମୋଦିତ ୪ ଗୋଟି ଟର୍ଫ୍ ପିଚ୍, ୨ ଗୋଟି ସିନ୍ଥେଟିକ ପିଚ୍ ଏବଂ ଆଉଟଫିଲ୍ଡ ର ନିର୍ମାଣ କରାଯିବ। ଏହା ବ୍ୟତୀତ ବକ୍ସ ନେଟ୍, ସାଇଟ୍ ସ୍କ୍ରିନ, ବାଉଣ୍ଡରୀ ରୋପ, ପିଚ୍ କଭର୍ ଏବଂ କ୍ରିକେଟ୍ ବଲ୍ ଓସିଏ ଯୋଗାଇଦେବ। ତା ବ୍ୟତୀତ ଆବଶ୍ୟକୀୟ ଯନ୍ତ୍ରପାତି ଯଥା ଗ୍ରାସ କଟର, ପିଚ୍ ରୋଲର୍, ଆଉଟଫିଲ୍ଡ ମେସିନ୍ ରୋଲର, ସୁପର ସୋକର ଏବଂ ବୋଲିଂ ମେସିନ୍ ପ୍ରଭୃତି ବାରିପଦା ଷ୍ଟାଡିୟମ୍ କୁ ମିଳିବ। ଏହା ସାଙ୍ଗକୁ ବର୍ଷ ତମାମ୍ ପ୍ରାକ୍ଟିସ୍ ପାଇଁ କୋଚ୍, ଅମ୍ପାୟାର, ଫିଜିଓ ଏବଂ ସ୍କୋରର ଙ୍କୁ ନିଯୁକ୍ତ କରାଯିବ। ଓ ସି ଏ ପକ୍ଷରୁ ସ୍ଥାପିତ ଏହି ଏକାଡେମୀ ରେ ତାଲିମ୍ ନେବାକୁ ଥିବା ଖେଳାଳୀ ମାନଙ୍କୁ BCCI ପକ୍ଷରୁ ଆଧୁନିକ ବୈଷୟିକ ସହାୟତା ମିଳି ପାରିବ ବୋଲି ମୟୂରଭଞ୍ଜ ଆଥଲେଟିକ୍ ଆସୋସିଏସନ୍ ର ସାଧାରଣ ସମ୍ପାଦକ ଶ୍ରୀ ବିଶ୍ୱାଳ ସୂଚନା ଦେବା ସାଙ୍ଗକୁ ଜିଲ୍ଲା ର ସମସ୍ତ କ୍ରିକେଟ୍ ଖେଳାଳୀ ଙ୍କ ପକ୍ଷରୁ OCA ନିକଟରେ କୃତଜ୍ଞତା ପ୍ରକାଶ କରିଛନ୍ତି। ସେହିପରି ବାରିପଦା ଷ୍ଟାଡିୟମ୍ ପରିସରରେ ଏକ ୧୦୦ ଶଯ୍ୟା ବିଶିଷ୍ଟ ହଷ୍ଟେଲ ର ନିର୍ମାଣ କାର୍ଯ୍ୟ ଚାଲୁ ରହିଥିବା ବେଳେ ଏହା ସମ୍ପୂର୍ଣ୍ଣ ହେବା ପରେ ଜିଲ୍ଲା ର ଅନ୍ୟାନ୍ୟ ଅଞ୍ଚଳର ଖେଳାଳୀ ମାନେ ମଧ୍ୟ ଏଠାରେ ରହି କ୍ରିକେଟ୍ ସମେତ ଅନ୍ୟାନ୍ୟ କ୍ରୀଡା ଗୁଡ଼ିକର ମଧ ତାଲିମ୍ ନେଇ ପାରିବେ ବୋଲି ଶ୍ରୀ ବିଶ୍ୱାଳ କହିଛନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ରାଜ୍ୟରେ ଆସନ୍ତା ୪ ଦିନ....

ସୃଷ୍ଟି ହେବାର ସମ୍ଭାବନା ରହିଛି । ଫଳରେ ଓଡ଼ିଶାରେ ଏବେଠାରୁ ବର୍ଷାର ପରିମାଣ ଓ ବିସ୍ତୃତି ଧୀରେଧୀରେ ବଢ଼ିବ। ଆଜିଠାରୁ ୨୨ ତାରିଖ ପର୍ଯ୍ୟନ୍ତ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି । ୨୩ ତାରିଖ ଦିନ ମଧ ଆଭ୍ୟନ୍ତରୀଣ ଓଡ଼ିଶାର ଅଧିକାଂଶ ସ୍ଥା ?ନରେ ହାଲକାରୁ ମଧମଧରଣର ବର୍ଷାର ସମ୍ଭାବନା ରହିଛି । କେନ୍ଦ୍ରର ସୂଚନା ମୁତାବକ ଆଜି ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର ଓ ଯାଜପୁର ଜିଲ୍ଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ । ସେହିପରି ରାଜ୍ୟର ବାକି ଜିଲ୍ଲାରେ ମଧ ହାଲ୍ ?କାରୁ ମଧମ ଧରଣର ବର୍ଷା ହୋଇପାରେ। ୨୧ ତାରିଖ ଦିନ କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ଗଞ୍ଜାମ ଆଦି ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବ । ୨୨ ତାରିଖ ଦିନ କଳାହାଣ୍ଡି, ବଲାଙ୍ଗୀର, କନ୍ଧମାଳ, ସୋନପୁର ଓ ବୌଦ୍ଧ ଆଦି ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ସହ ରାଜ୍ୟର ଅଧିକାଂଶ ସ୍ଥାନରେ ହାଲ୍‌କାରୁ ମଧମ ଧରଣର ବର୍ଷା ହୋଇପାରେ । ୨୩ ତାରିଖ ଦିନ ମଧ ରାଜ୍ୟରେ ବର୍ଷା ଜାରି ରହିବ । ନୂଆପଡ଼ା, ବରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ ଆଦି ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏଣୁ ୨୦ରୁ ୨୩ ତାରିଖ ୪ ଦିନ ପର୍ଯ୍ୟନ୍ତ କେନ୍ଦ୍ର ପକ୍ଷରୁ ବିଭିନ୍ନ ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ପାଣିପାଗ ବିଶେଷଜ୍ଞ ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ଆସନ୍ତା ସପ୍ତାହେ ମଧ୍ୟରେ ଉତ୍ତର ବଙ୍ଗୋପସାଗରରେ ଦୁଇଟି ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ଅଛି । ଫଳରେ ରାଜ୍ୟରେ ପ୍ରବଳ ବର୍ଷା ହୋଇପାରେ। ଚାଷ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି ହେବ । ପ୍ରଥମ ଲଘୁଚାପ କ୍ଷେତ୍ର ଓଡ଼ିଶା ସଂଲଗ୍ନ ଉତ୍ତର ବଙ୍ଗୋପସାଗର ୨୧ରେ ସୃଷ୍ଟି ହେବ । ୨ଦିନ ସମୁଦ୍ରରେ ଅଧିକ ଘନୀଭୂତ ହେବା ପରେ ଅବପାତର ପରିଣତ ହୋଇପାରେ ।

## ସିଦ୍ଧୁଙ୍କ ପିସିସି ସଭାପତି ନିଯୁକ୍ତି ପରେ....

ସିଦ୍ଧୁ । ଏହାସହ କହିଛନ୍ତି ଏବେ ଠାରୁ ତାଙ୍କର ପ୍ରକୃତ ରାଜନୀତି ଜୀବନ ଆରମ୍ଭ ହୋଇଛି । ପ୍ରଦେଶ କଂଗ୍ରେସ ଅଧ୍ୟକ୍ଷ ହେବା ପରେ ଗାନ୍ଧୀ ପରିବାରକୁ ଧନ୍ୟବାଦ ଜଣାଇଛନ୍ତି ସିଦ୍ଧୁ । ହେଲେ ନିଜ ପ୍ରତିକ୍ରିୟାରେ ମୁଖ୍ୟମନ୍ତ୍ରୀ କ୍ୟାପଟ୍ଟେନ ଅମରିନ୍ଦର ସିଂହଙ୍କ ଆଲୋଚନା ଆଦୌ କରି ନାହାଁନ୍ତି । ଯାହା ଲାଗୁଛି ଏବେବି କ୍ୟାପଟ୍ଟେନଙ୍କ ଉପରେ ଖପ୍ପା ଅଛନ୍ତି ସିଦ୍ଧୁ । କଲି ଭିତରେ ଏବେ ନବଜୋତ ସିଦ୍ଧୁ ପଂଜାବ ପ୍ରଦେଶ କଂଗ୍ରେସର ନୂଆ ସଭାପତି ହୋଇଛନ୍ତି । ଏଥିସହ ୪ଜଣ ନୂଆ କାର୍ଯ୍ୟକାରୀ ସଭାପତିଙ୍କୁ ନିଯୁକ୍ତି ମଧ ମିଳିଛି । ଏହି ଘୋଷଣା କରିବା ପରେ ସିଦ୍ଧୁଙ୍କ ସମର୍ଥକଙ୍କ ମଧରେ ଖୁସିର ଲହରି ଖେଳିଯାଇଛି । ସୋମବାର ନିଜ ସରକାରୀ ବାସଭବନରେ ମଧାହ୍ନ ଭୋଜି ଆୟୋଜନ କରି ନିଜ ସମର୍ଥକଙ୍କ ସହ ଖୁସି ମନାଇଛନ୍ତି ସିଦ୍ଧୁ । ହେଲେ ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କୁ ଦେଖିବାକୁ ମିଳିନାହିଁ । ସେପଟେ କ୍ୟାପଟେନ ଅମରିନ୍ଦ୍ର ସିଂ ଜୁଲାଇ ୨୧ରେ ଆୟୋଜନ କରିଥିବା ମଧାହ୍ନ ଭୋଜନରେ ସମସ୍ତ କଂଗ୍ରେସ ନେତା ଓ ବିଧାୟକଙ୍କୁ ନିମନ୍ତ୍ରଣ କରିଛନ୍ତି । ମାତ୍ର ସିଦ୍ଧୁଙ୍କୁ ନିମନ୍ତ୍ରଣ କରିନାହାନ୍ତି । ଯାହାକି ସୁଚାଇ ଦେଉଛି ଏମାନଙ୍କ ଭିତରେ ବିବାଦର ଏବେ ବି ସମାଧାନ ହୋଇନାହିଁ । ଦୀର୍ଘ ଦିନ ହେବ କ୍ୟାପଟେନ ଓ ସିଦ୍ଧୁଙ୍କ ମଧରେ ବିବାଦ ଲାଗି ରହିଛି । ଆଉ ଆଗକୁ ଆସୁଛି ପଂଜାବ ବିଧାନସଭା ନିର୍ବାଚନ । ଶେଷରେ ବିବାଦର ସମାଧାନ ପାଇଁ ସିଦ୍ଧୁଙ୍କୁ ପଂଜାବ କଂଗ୍ରେସ ସଭାପତି ଭାବେ ଘୋଷଣା କରାଯାଇଛି ।

## ପେଗାସସ୍ ଗୁଇନ୍ଦାଗିରି ପ୍ରସଙ୍ଗରେ....

ଦେଖିବାକୁ ମିଳିଛି ତାତି । ରବିବାର ରାତିରେ 'ଦ ଓୟାର'ର ଏକ ରିପୋର୍ଟ ସାମ୍ନାକୁ ଆସିଥିଲା। ଯେଉଁ ଥିରେ ଦାବି କରାଯାଇଥିଲା, ଇସ୍ରାଏଲର ସଫ୍ଟୱେୟାର କମ୍ପାନୀ ପେଗାସସ ଜରିଆରେ ଭାରତରେ ପ୍ରାୟ ୩୦୦ ଲୋକଙ୍କ ଫୋନ୍ ହ୍ୟାକ୍ କରାଯାଇଛି । ଯେଉଁଥିରେ ସାଂବାଦିକ, ନେତା, ବୈଜ୍ଞାନିକ, ଆଇନଜୀବୀ, ବ୍ୟବସାୟୀ ଓ ଅନ୍ୟ ସାର୍ବଜନୀନ ଜୀବନ ସହିତ ଜଡିତ ବ୍ୟକ୍ତି ବି ଅଛନ୍ତି । ବିରୋଧୀ ଦଳର ୩ ନେତାଙ୍କ ଫୋନ୍ ହ୍ୟାକ୍ ହୋଇଥିବା ରିପୋର୍ଟରେ କୁହାଯାଇଛି । ଏହାକୁ ଏବେ ଦେଶର ସୁରକ୍ଷା ସହିତ ଜଡିତ କରି କେନ୍ଦ୍ର ସରକାରଙ୍କୁ ଘେରିଛନ୍ତି ବିରୋଧୀ । ଏକ ପାର୍ଲାମେଂଟାରୀ କମିଟି ଗଠନ କରି ଏହାର ତଦନ୍ତ ଦାବି ହୋଇଛି । ପେଗାସସ ଜରିଆରେ ଗୁଇନ୍ଦାଗିରି ଖବରକୁ ନେଇ ଗୃହରେ ଜବାବ ରଖିଥିଲେ କେନ୍ଦ୍ର ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ । ଏହା ଏକ ଭ୍ରମାତ୍ମକ ଖବର, ଆସିଥିବା ରିପାର୍ଟ ପୁରା ମିଥ୍ୟା । ଏହାକୁ ଖବର ପ୍ରକାଶ କରିଥିବା ସଂସ୍ଥା ନିଜ ଢଙ୍ଗରେ ପ୍ରକାଶିତ କରିଥିବା କହିଛନ୍ତି କେନ୍ଦ୍ରମନ୍ତ୍ରୀ । କାହାର ଫୋନ୍ ହ୍ୟାକିଂ ପରି ଘଟଣାରେ କେନ୍ଦ୍ର ସରକାର ଲିପ୍ତ ନାହାନ୍ତି ବୋଲି ସଫେଇ ରଖିଛନ୍ତି କେନ୍ଦ୍ରମନ୍ତ୍ରୀ । ସେପଟେ ସଂସଦ ବାହାରେ ପେଗାସସର ଗୁଇନ୍ଦାଗିରି ପ୍ରସଙ୍ଗକୁ ନେଇ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଛି କଂଗ୍ରେସ । ସାଂବିଧାନିକ ପଦରେ ବସିଥିବା ଲୋକଙ୍କ ଉପରେ ଗୁଇନ୍ଦାଗିରି ଏକ ସୁସ୍ଥ ଗଣତନ୍ତ୍ରର ପରିଚାୟକ ନୁହଁ ବୋଲି କହିଛି କଂଗ୍ରେସ । ଚିନ୍ତାର କଥା ହେଉଛି ଇସ୍ରାଏଲର ସଫ୍ଟୱେୟାର କମ୍ପାନୀ ପେଗାସସ୍ ନିକଟରେ ବିଶ୍ୱର ପ୍ରାୟ ୫ ହଜାର ଡାଟା ରହିଛି । ଏଥିରୁ ଭାରତରୁ ରହିଛି ୩୦୦ ଡାଟା । ଅଧିକ ଚିନ୍ତାର ବିଷୟ ବିଦେଶୀ ଗଣମାଧମକୁ ମିଶାଇ ପ୍ରାୟ ୨୦ଟି ସଂସ୍ଥା ନିକଟକୁ ପେଗାସସ୍ ଏହି ତଥ୍ୟ ପ୍ରଦାନ କରିଛି ।

## ସରିଲା ମହାପ୍ରଭୁଙ୍କ ନବଦିନ ଯାତ୍ରା....

ଉଚ୍ଚପ୍ରଂଶସା କରିଛନ୍ତି। ଏଥିସହ ମନ୍ଦିର ପ୍ରଶାସନ, ପୋଲିସ ପ୍ରଶାସନ, ଜିଲ୍ଲାପ୍ରଶାସନ, ଅଗ୍ନିଶମ ସେବା, ପୁରୀ ମ୍ୟୁନିସପାଲଟି ଆଦି ବିଭିନ୍ନ ସରକାରୀ ସଂସ୍ଥା ପରିସ୍ପର ମଧ୍ୟରେ ଉପଯୁକ୍ତ ସମନ୍ୱୟ ରକ୍ଷା କରି ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଉତମ ଭାବରେ ପରିଚାଳନା କରିଥିବାରୁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। କୋଭିଡ କଟକଣା ଯୋଗୁ, ଭକ୍ତମାନେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଯାତ୍ରା ରେ ଭାଗ ନେଇ ପାରିନଥିଲେ । ଲୋକମାନେ ଘରେ ରହି ଯେପରି ମହାପ୍ରଭୁଙ୍କ ଦିବ୍ୟ ଯାତ୍ରା ର ଆନନ୍ଦ ନେଇପାରିବେ ସେଥିପାଇଁ ସୂଚନା ଓ ଲୋକସମ୍ପର୍କ ବିଭାଗ ସୁନ୍ଦର ବ୍ୟବସ୍ଥା କରିଥିବାରୁ ମୁଖ୍ୟମନ୍ତ୍ରୀ ସନ୍ତୋଷ ପ୍ରକାଶ କରିଛନ୍ତି। ସର୍ବୋପରି ପୁରୀର ଜନସାଧାରଣ ନବଦିନ ଯାତ୍ରା ସମୟରେ କୋଭିଡ୍ କଟକଣା ମାନି ଯେଭଳି ସଂଯମତା ପ୍ରଦର୍ଶନ କରିଛନ୍ତି ତାହା ଅତୁଳନୀୟ ବୋଲି ମୁଖ୍ୟମନ୍ତ୍ରୀ ବର୍ଣ୍ଣନା କରି ସହରବାସୀଙ୍କ ସହଯୋଗ ପାଇଁ ଧନ୍ୟବାଦ ଜଣାଇଛନ୍ତି।

# ଦକ୍ଷତା ହିଁ ବିକାଶର ମାପକାଠି : ମନ୍ତ୍ରୀ

ଭୁବନେଶ୍ୱର,୨୦/୦୭ (ନି.ପ୍ର): ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରେମାନନ୍ଦ ନାୟକ ଆଜି ବିଭାଗୀୟ ଯୋଜନା ଓ କାର୍ଯ୍ୟକ୍ରମର ଅଗ୍ରଗତି ସଂପର୍କରେ ସମୀକ୍ଷା କରିଛନ୍ତି । ମୁଖ୍ୟତଃ କରୋନା ମହାମାରୀ ସମୟରେ ବୈଷୟିକ ଶିକ୍ଷା ଓ ତାଲିମ କାର୍ଯ୍ୟକ୍ରମ ବ୍ୟାହତ ହୋଇଥିବାବେଳେ ଏହାକୁ କିଭଳି ପୁଣିଥରେ କାର୍ଯ୍ୟକ୍ଷମ କରାଯାଇପାରିବ, ସେ ସଂପର୍କରେ ଗୁରୁତ୍ୱାରୋପ କରିଛନ୍ତି । ଏହି ଅବସରରେ ମନ୍ତ୍ରୀ ଶ୍ରୀ ନାୟକ କହିଲେ ଦକ୍ଷତା ହିଁ ବିକାଶର ମାପକାଠି । ଦକ୍ଷ ଓ କୁଶଳୀ ମାନବ ସମ୍ବଳ ହିଁ ପ୍ରଗତିର ଭାଗୀଦାର ଓ ହକ୍‌ଦାର । ଅର୍ଥନୀତିର ବିକାଶ କ୍ଷେତ୍ରରେ ଦକ୍ଷ ଓ କୁଶଳୀ ଶ୍ରମଶକ୍ତିର ଯୋଗଦାନ ରହିଛି । ଆଜିର ଯୁବକମାନଙ୍କୁ ଦକ୍ଷ ଓ କୁଶଳୀ କରି ସମାଜର ମୁଖ୍ୟସ୍ରୋତରେ ସାମିଲ କରାଯିବା ଉଚିତ । ଏହା ଦ୍ୱାରା ଏକ ବିକଶିତ ସମାଜ ଗଠନ ସମ୍ଭବ ହୋଇପାରିବ ବୋଲି ମନ୍ତ୍ରୀ ଶ୍ରୀ ନାୟକ ପ୍ରକାଶ କରିଛନ୍ତି ।

# ଦିବ୍ୟାଙ୍ଗଙ୍କ ଦ୍ୱାରା ନିର୍ମିତ ରଥ ଗଡ଼ିଲା ବଡ଼ଦାଣ୍ଡରେ

ନୀଳଗିରି,୨୦/୦୭ (ନି.ପ୍ର): ରାଜ୍ୟ ସରକାରଙ୍କ କୋଭିଡ କଟକଣା ଓ ଉଚ୍ଚତମ ନ୍ୟାୟାଳୟର ରାୟକୁ ସମ୍ମାନ ଜଣାଇ ଚଳିତ ବର୍ଷ ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିରେ ରଥଯାତ୍ରା କୁ ସଂପୂର୍ଣ୍ଣ ବନ୍ଦ କରାଯାଇଥିବା ବେଳେ ଜଗନ୍ନାଥ ପ୍ରେମୀଙ୍କ ମନରେ ଘୋର ଅସନ୍ତୋଷ ଲାଗିଥିବା ବେଳେ ଜଣେ ୧୯ବର୍ଷର ଦିବ୍ୟାଙ୍ଗ ଯୁବକ ଜଗନ୍ନାଥଙ୍କର ସ୍ୱପ୍ନାଦେଶ ପାଇ୪ଫୁଟ ଉଚ୍ଚର ସୁସଜ୍ଜିତ ରଥ ନିର୍ମାଣ କରିଥିବା ବେଳେ ରଥରେ ଜଗନ୍ନାଥ, ବଳଭଦ୍ର, ମା' ସୁଭଦ୍ରାଙ୍କ ବିଗ୍ରହ ସ୍ଥାପନ କରି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲା । ନୀଳଗିରି ବ୍ଲକର ନରଣପୁର ଗ୍ରା.ପ.ର ଅଁଳାପାଳ ଗ୍ରାମର ରତିକାନ୍ତ ପଡ଼ିଆରୀ ଭିନ୍ନକ୍ଷମ ପୁଅ ସାଗର ପଡ଼ିଆରୀ ଜନ୍ମରୁ ଭିନ୍ନକ୍ଷମ ଥିବା ବେଳେ ନୀଳଗିରି ଯାଇ ଜଗନ୍ନାଥଙ୍କ ରଥଯାତ୍ରା ଦେଖିବା ସହ ରଥଟଣା ପ୍ରତି ବିଶେଷ ଆଗ୍ରହ ରହିଥିବା ବେଳେ ଭିନ୍ନକ୍ଷମ ଯୋଗୁଁ ଯାଇ ପାରୁନ ଥିଲା । ହୃଦୟର ଜଗନ୍ନାଥଙ୍କୁ ସବୁଦିନେ ଦର୍ଶନ କରୁଥିବା ବେଳେ ଚଳିତ ବର୍ଷ ରଥ ନିର୍ମାଣ ପାଇଁ ସ୍ୱପ୍ନାଦେଶ ହୋଇଥିବାର ସାଗର ପଡ଼ିଆରି ପ୍ରକାଶ କରିଛନ୍ତି । କେଇ ଗୋଟି ସୋଲ, ପେପର, କେଇଖଣ୍ଡ ନିମ୍ବ କାଠରେ ଆରମ୍ଭ କରିଥିଲେ ରଥ । ମାତ୍ର ୪ଫୁଟ ଉଚ୍ଚତାର ରଥକୁ ଏପରି କାରୁକାର୍ଯ୍ୟରେ ଭରି ଦେଇଥିଲେ ଯେ ରଥଟି ବେଶ ସୁନ୍ଦର ଦେଖାଯାଉଥିଲା । ମଫସଲ ଗାଁରେ ଏହି ଦିବ୍ୟାଙ୍ଗ ଦ୍ୱାରା ନିର୍ମିତ ରଥକୁ କେହି କେହି ପ୍ରଶଂସା କରୁଥିବା ବେଳେ ବାହୁଡ଼ା ଯାତ୍ରାରେ ନୀଳଗିରି ବଡ଼ଦାଣ୍ଡରେ ତାର କୁନି ରଥକୁ ଗଡ଼େଇବା ପାଇଁ ପ୍ରବଳ ଆଗ୍ରହ ଥିବା ବେଳେ ଶେଷରେ କିଛି ଜଗନ୍ନାଥ ପ୍ରେମୀ ଯଥା ଶିଶିର କୁମାର ରାଉତ, ଦୀପ୍ତିକାନ୍ତ ପୃଷ୍ଟିଙ୍କ ପ୍ରେରଣାରେ ନିଜର ନିର୍ମିତ ରଥକୁ ନୀଳଗିରି ମାଉସୀମା ମନ୍ଦିରରୁ ପୂଜାଅର୍ଚ୍ଚନା କରି ଭଜନ କୀର୍ତ୍ତନ କରି ନିଜର କୁନି ରଥକୁ ନିଜେ ଟାଣି ଟାଣି ଜଗନ୍ନାଥ ମନ୍ଦିର ନିକଟକୁ ନେଇଥିଲା । ବହୁ କମ ଭକ୍ତ ଓ କୋଭିଡ୍ କଟକଣାକୁ ମାନି ଦିବ୍ୟାଙ୍ଗ ସାଗର ପଡ଼ିଆରି ଟାଣି ଟାଣି ନେବା ସମୟରେ ଜଗନ୍ନାଥ ପ୍ରେମୀଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳି ଯାଇଥିଲା । ଜଗନ୍ନାଥ ମନ୍ଦିର ନିକଟରେ କୁନି ରଥ ପହଞ୍ଚିବା ପରେ କିଛି ଭକ୍ତ ଭୋଗ ଲଗାଇ ଚତୁର୍ଦ୍ଧା ମୂର୍ତ୍ତିକୁ ଦର୍ଶନ କରିଥିଲେ । ଭିନ୍ନକ୍ଷମ ସାଗର ଜନ୍ମରୁ ଛୁଟା ହୋଇଥିବା ବେଳେ ଏପରି ଜଗନ୍ନାଥଙ୍କର କୁନି ରଥ କରିବେଶ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି । ତାଙ୍କୁ ଜଗନ୍ନାଥ ସୁଖରେ ରଖନ୍ତୁ ବୋଲି ଜଗନ୍ନାଥ ପ୍ରେମୀ ଆର୍ଶୀବାଦ କରିଛନ୍ତି ।

ଧ୍ୱନି ପ୍ରତିଧ୍ୱନି



# ୮୦ ଟଙ୍କାରେ ପେଟ୍ରୋଲ ବିକିଲା କଂଗ୍ରେସ

ଭୁବନେଶ୍ୱର,୨୦/୦୭ (ନି.ପ୍ର): ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସର ଅହେତୁକ ଦରବୃଦ୍ଧି ପ୍ରତିବାଦରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ଅଭିନବ ଉପାୟରେ ୮୦ ଟଙ୍କା ପ୍ରତି ଲିଟର ଦରରେ ଜନସାଧାରଣଙ୍କୁ ପେଟ୍ରୋଲ ବିକ୍ରି କରିଛି। ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାଶଙ୍କ ନେତୃତ୍ୱରେ ୟୁନିଟ-୨ ପେଟ୍ରୋଲ ପମ୍ପ ସାମନାରେ ଜିଲ୍ଲାର କର୍ମକର୍ତା ମାନେ ୧୦୦୦ ଲିଟର ପେଟ୍ରୋଲ, ୮୦ ଟଙ୍କା ପ୍ରତି ଲିଟର ହିସାବରେ ସାଧାରଣ ଜନତାଙ୍କୁ ଯୋଗାଇ ଦେଇଛନ୍ତି। ଶ୍ରୀ ଦାଶ କହିଥିଲେ କରୋନା ମହାମାରୀ ସମୟରେ ଆଜକୁ ପ୍ରାୟ ୨ ବର୍ଷ ହେବ ଲୋକଙ୍କ ରୋଜଗାର ଶୂନ ପ୍ରାୟ ହୋଇଯାଇଥିବା ବେଳେ ତୈଳଦର ଓ ରନ୍ଧନ ଗ୍ୟାସର ଅହେତକୁ ଦରବୃଦ୍ଧି ନୈରାଶ୍ୟଜନକ, ଆଗକୁ କେନ୍ଦ୍ର ଓ ରାଜ୍ୟ ସରକାର ନଚେତିଲେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ପୂନର୍ବାର ରାଜରାସ୍ତାକୁ ଓହ୍ଲାଇ ବିକ୍ଷୋଭ କରିବ। ସେହିପରି ଏହି କାର୍ଯ୍ୟକ୍ରମରେ କଟକ ଜିଲ୍ଲା ସଭାପତି ମାନସ ଚୌଧୁରୀ ଯୋଗଦେଇ କହିଥିଲେ ୟୁପିଏ ସରକାର ସମୟରେ ଅଶୋଧିତ ତୈଳଦର ବର୍ତମାନ ଅଶୋଧିତ ତୈଳଦରର ଦୁଇଗୁଣ ଥିବା ବେଳେ କଂଗ୍ରେସ ସରକାର ୬୦ଟଙ୍କାର ପେଟ୍ରୋଲ ଯୋଗାଇଦେଇଥିଲେ ଏବେ ଆର୍ନ୍ତଜାତିକ ବଜାରରେ ଅଶୋଧିତ ତୈଳଦର କମ ଥିବା ବେଳେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଟ୍ୟାକ୍ସ ଯୋଗୁଁ ଆଜି ତୈଳଦର ୧୦୦ ଟଙ୍କା ଟପିଲାଣି। ଯଦି ଉଭୟ ସରକାର ଏହି ଦରବୃଦ୍ଧି ଉପରେ ତୁରନ୍ତ ଅଙ୍କୁଶ ନଲାଗନ୍ତି ତେବେ ଜିଲ୍ଲା, ଛାତ୍ର, ଯୁବ ଓ ମହିଳା କଂଗ୍ରେସ ସାଧାରଣ ଜନତାଙ୍କ ପାଇଁ ବିକ୍ଷୋଭ ଜାରି ରଖିବ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଉପସଭାପତି ସୁବ୍ରତ ମହାପାତ୍ର ପରିଚାଳନା କରିଥିଲେ।

## ଗାଁମୁଣ୍ଡ ଅପନ୍ତିଆ ସ୍ଥାନରୁ ନର କଙ୍କାଳ ଉଦ୍ଧାର

ଜଳେଶ୍ୱର, ୨୦/୭(ନିପ୍ର) : ଜଳେଶ୍ୱର ବ୍ଲକ ଅଧିନ ବିରିଶପୁର ଗାଁର ଏକ ନିଛାଟିଆ ଜାଗାରେ ଏକ କଂକାଳ ପଡିଥିବା ଦେଖିବାକୁ ମିଳିଛି । ବିରିଶପୁର ଗ୍ରାମର ମାନଗୋବନ୍ଦ ଦଳାଇ ଗ୍ରାମର ହାଣ୍ଡିଆ ପଦାସାହି ଅଂଚଳରେ ଥିବା ବିଷ୍ଣୁପ୍ରିୟା ଭବନ ପଛରେ ଥିବା ଏକ ଜଂଗଲିଆ ସ୍ଥାନକୁ ନିଜର ହଜିଯାଇଥିବା ଛେଳି ଖୋଜିବାକୁ ଯାଇଥିଲା । ସେଠାରେ ଏକ ଖପୁରି, ଛିଡା ଶାଢି ଓ ଚୁଡି ପଡିଥିବା ଦେଖି ଲୋକମାନଙ୍କୁ କହିଥିଲା ।ଏହି ଖବର ପାଇବାପରେ ସ୍ଥାନୀୟ ଅଂଚଳଟି ରୋକାରଣ୍ୟ ହୋଇ ଯାଇଥିଲା । ସରପଂଚ ପ୍ରତିନିଧି ବ୍ରଜଗୋପାଳ ରାଉତ ଓ ସମିତି ସଭ୍ୟ ପ୍ରତିନିଧି ଭୋଳାନାଥ ଗିରିଙ୍କ ସୂଚନା ଅନୁଯାଇ ଏସ୍‌ଡିପିଓ ଅଂକିତା କୁମ୍ବାର, ଆଇଆଇସି ପର୍ଶୁରାମ ସାହୁ, ତହସିଲଦାର ଶଂକର ପଟ୍ଟନାୟକ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ଜଣାଯାଇଛି । ଗ୍ରାମବାସୀଙ୍କ କହିବା ଅନୁଯାୟୀ ପ୍ରାୟ ୧ମାସ ତଳେ ଗାଁର ଶାନ୍ତିଲତା କଟୁଆଳ (୭୦) ରୋଗରେ ପିଡିତ ହୋଇ ନିଖୋଜ ଥିଲା । ତାର ଏକମାତ୍ର ଭଉଣୀ ଖୋଜାଖୋଜି କରିଥିଲେ ମଧ୍ୟ ତାର ପତ୍ତା ପାଇନଥିଲା । ହେଲେ ଏହି କଂକାଳଟି ଶାନ୍ତିଲତାର କି ନୁହେଁ ତାହା ପରୀକ୍ଷାହେବା ପରେ ଜଣାପଡିବ ।

## କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୩୫ ଗିରଫ

ଭୁବନେଶ୍ୱର,୨୦/୦୭ (ନି.ପ୍ର): ରାଜ୍ୟରେ କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୩୫ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୬୯୪ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୫,୪୩,୯୫୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

## ବିଦ୍ୟୁତ ଶୁଳ୍କ ବୃଦ୍ଧି ପ୍ରତିବାଦରେ ବିଜେପି ଯୁବମୋର୍ଚ୍ଚାର କ୍ୟାଣ୍ଡେଲ ଶୋଭାଯାତ୍ରା



ଭଦ୍ରକ,୨୦/୦୭ (ନି.ପ୍ର): ରାଜ୍ୟରେ ଅହେତୁକ ବିଦ୍ୟୁତ ଶୁଳ୍କ ବୃଦ୍ଧି, ଅଘୋଷିତ ବିଦ୍ୟୁତ କାଟ ଓ ଲୋ ଭୋଲଟେଜ ସମସ୍ୟା ପ୍ରତିବାଦରେ ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଇରାଶିଷ ଆଚାର୍ଯ୍ୟଙ୍କ ଆହ୍ୱାନ କ୍ରମେ ବିଜେପି ଯୁବମୋର୍ଚ୍ଚା ସଭାପତି ବିକାଶ ଶ୍ରେଷ୍ଠାଙ୍କ ନେତୃତ୍ୱରେ ଏକ କ୍ୟାଣ୍ଡଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଭଣ୍ଡାରିପୋଖରୀ ବିଧାନସଭା ନେତା ବଦ୍ରିନାରାୟଣ ଧଳ, ରାଜ୍ୟ ସମ୍ପାଦକ ଅଭିମନ୍ୟୁ ସେଠୀ, ଜିଲ୍ଲା ଉପସଭାପତି ଶ୍ରୀହର୍ଷ ସ୍ୱାଇଁ ଏବଂ ଅଶୋକ ପରିଜା,ମହିଳା ମୋର୍ଚ୍ଚା ସଭାନେତ୍ରୀ ହରପ୍ରିୟା ସାହୁ, ଭଣ୍ଡାରିପୋଖରୀ ବ୍ଲକ ଉପାଧ୍ୟକ୍ଷ ସତ୍ୟବ୍ରତ ଦାସ, ମଣ୍ଡଳ ସଭାପତି ପ୍ରଭାକର ସାମଲ ଦଇପୁର ସରପଞ୍ଚ ରାଜୀବ ନାୟକ, ସଂଖ୍ୟାଲଘୁ ମୋର୍ଚ୍ଚା ସଭାପତି ମହମ୍ମଦ ସବର ଅଲ୍ଲୀ, ଆଇଟି ସେଲ ଜିଲ୍ଲା ସଂଯୋଜକ ଶଶାଙ୍କ ଶେଖର ମିଶ୍ର, ଯୁବନେତା ସ୍ୱୟଂଭୁ ପ୍ରସାଦ ଦାସ,ସରୋଜ କୁମାର ପରିଡା,ବୃଷଭାନୁ ସାହୁ,ଶଶାଙ୍କ ଶେଖର ଦାଶ, ସୁରଜ ସାହୁ,ପ୍ରତାପ ଦ୍ୱିବେଦୀ,ବିକାଶ ରାଉତରାୟ, ରଞ୍ଜିତ ସାହୁ,ରଜତ ଲେଙ୍କା,ରାକେଶ କୁମାର ସାହୁ, ଆଲୋକ ରଞ୍ଜନ ମହାନାୟକ,ଶିବ ଶଙ୍କର ଦାସ,ଭବାନୀ ଶଙ୍କର ଜେନା,ଅବଦୁଲ ଅହମ୍ମଦ ଖାନ,ବିକାଶ ପାଢ଼ୀ,ବିଜୟ ନାୟକ,ରବି ସିଂହ, ସଞ୍ଜୟ ରାଉତ, ମନୋଜ ରାଉତରାୟ, ଏଲକେ ବାରିକ, ଗଣେଶ ସାହୁ, ଉଷା ପାଢ଼ୀ, ସ୍ୱର୍ଣ୍ଣଲତା ମିଶ୍ର,ଲିପିକା ବାରିକ, ବିଷ୍ଣୁପ୍ରିୟା ଲେଙ୍କା, ନିବେଦିତା ନାୟକ,ଅନ୍ତର୍ଯ୍ୟାମୀ ସାହୁ, ନିହାର ରଞ୍ଜନ,ବିକ୍ରମ ପୋଇ, ଅଜିତ ବେହେରା, ମୁକ୍ତିକାନ୍ତ ନାୟକ ରଜନୀକାନ୍ତ ଦାସ ଏବଂ ଶତାଧିକ ଯୁବନେତୃତ୍ୱ ଯୋଗ ଦେଇଥିଲେ।

## ସାଇସାଧନା ଟ୍ରଷ୍ଟ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ଆଦିବାସୀ ଓ ହରିଜନ ଛାତ୍ରଛାତ୍ରୀଙ୍କ ଅଧ୍ୟୟନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା

ଉଦଳା,୨୦/୦୭ (ନି.ପ୍ର): ଉଦଳା ସାଇ ସାଧନା ଟ୍ରଷ୍ଟ ଆନୁକୁଲ୍ୟରେ ଏକ ଆଭାସି ଆଲୋଚନାଚକ୍ର ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥାକୁ ନେଇ ଅନୁଷ୍ଠିତ ହୋଇଯାଇଛି । ସାଇ ସାଧନା ଟ୍ରଷ୍ଟର ଚେୟାରମ୍ୟାନ୍ ପୂର୍ଣ୍ଣଚନ୍ଦ୍ର ବିନ୍ଧାଣୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ବିଭିନ୍ନ ଅଞ୍ଚଳରୁ ଶିକ୍ଷାବିତ୍ ଅଭିଭାବକ ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଆଲୋଚନାଚକ୍ରକୁ ଶ୍ରୀ ବିନ୍ଧାଣୀ ଉଦ୍‌ଘାଟନ କରି ଚଳିତ କରୋନା ମହାମାରୀ କାଳରେ +୨ ବିଜ୍ଞାନ ଶ୍ରେଣୀରେ ଅଧ୍ୟୟନ କରିବା ନିମନ୍ତେ ଯେଉଁ ଆଦିବାସୀ ଓ ଜରିଜନ ଛାତ୍ରଛାତ୍ରୀ ସାଇ ସାଧନା +୨ ବିଜ୍ଞାନ କଲେଜରେ ନାମ ଲେଖାଇବେ ସେମାନଙ୍କ ନାମ ଲେଖା ଫି ଛାଡ଼ କରାଯିବା ସହିତ ଅଧ୍ୟୟନ କାଳରେ ମାଗଣାରେ ଖାଦ୍ୟପେୟର ବ୍ୟବସ୍ଥା କରାଯିବାକୁ ଯୋଜନା କରାଯାଇଛି ବୋଲି କହିଥିଲେ । ପ୍ରକାଶଥାଉକି ଏହି ସଂସ୍ଥା ଦୀର୍ଘ ତିନି ବର୍ଷରୁ ଅଧିକ କାଳ ଧରି ଆଦିବାସୀ ଓ ହରିଜନ ପିଲାଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ଜୀବନ ଧାରଣର ଅଭିବୃଦ୍ଧି ନିମନ୍ତେ ନିରନ୍ତର କାର୍ଯ୍ୟ କରିଆସିଛି । ଆଲୋଚନାରେ ଅଂଶଗ୍ରହଣ କରି ଏକାଡେମିକ୍ ନିର୍ଦ୍ଦେଶକ ପ୍ରଫେସର ଅନାଦି ଚରଣ ଗାଁଣ ସାଇ ସାଧନା ଟ୍ରଷ୍ଟର ଏ ପ୍ରକାର ବ୍ୟବସ୍ଥାର ସୁଯୋଗ ନେଇ ଗରିବ ଓ ଅଭାବୀ ଆଦିବାସୀ ହରିଜନ ଛାତ୍ରଛାତ୍ରୀ ଏଠାରେ ଅଧ୍ୟୟନ କରିବାକୁ ପରାମର୍ଶ ଦେଇଥିଲେ । ଏହି ଆଲୋଚନାଚକ୍ରରେ ଟ୍ରଷ୍ଟର ସମ୍ପାଦକ ସୁକାନ୍ତ କୁମାର ବିନ୍ଧାଣୀ କୋଷାଧ୍ୟକ୍ଷ ସୁରେନ୍ଦ୍ର ନାଥ ପରିଚ୍ଛା, କଲେଜର ଅଧ୍ୟକ୍ଷ ପ୍ରିୟବ୍ରତ ବେହେରା, ଆନନ୍ଦପୁରରୁ ଗଦାଧର ମିଶ୍ର, ବାଲେଶ୍ୱରରୁ ଡ. ରାଖାଲ ଚନ୍ଦ୍ର ଘଡ଼େଇ, କଟକରୁ, ମନ୍ମଥ କୁମାର ପଟ୍ଟନାୟକ ଓ ବ୍ରହ୍ମପୁରରୁ ହରେକୃଷ୍ଣ ପାଣିଗ୍ରାହୀ ଯୋଗଦେଇ ଆଦିବାସୀ ଓ ହରିଜନ ଛାତ୍ରଛାତ୍ରୀ ଏହି ଯୋଜନା ଦ୍ୱାରା ବିଶେଷ ଭାବରେ ଉପକୃତ ହୋଇ ପାରିବେ ବୋଲି ମତବ୍ୟକ୍ତ କରିଥିଲେ ।

## ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ କରୋନା ସଚେତନତା

ବାଲେଶ୍ୱର,୨୦/୦୭ (ନି.ପ୍ର): ବାଲେଶ୍ୱର ସରକାରୀ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ କରୋନା ସଚେତନତା କାର୍ଯ୍ୟକ୍ରମ ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି। କମିଟିର କର୍ମକର୍ତ୍ତା ଓ ସଦସ୍ୟ, ସଦସ୍ୟାମାନେ ଏକ ଶୋଭାଯାତ୍ରାରେ ସହରର ପରିକ୍ରମା କରିବା ସହ କଚେରୀ ତଥା ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜନସାଧାରଣଙ୍କୁ ତୁଣ୍ଡି ବଣ୍ଟନ ସହ ସତର୍କତା ଅବଲମ୍ବନ ପାଇଁ ପରାମର୍ଶ ଦେଇଥିଲେ। କମିଟି ପକ୍ଷରୁ ପର୍ଯ୍ୟାୟ କ୍ରମେ ଜଳେଶ୍ୱର, ରେମୁଣା, ଭୋଗରାଇ, ବାଲିଆପାଳ,ବସ୍ତା ପ୍ରଭୃତି ଅଞ୍ଚଳରେ ଅନୁରୂପ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା କର୍ମକର୍ତ୍ତାମାନେ କହିଛନ୍ତି। ବାଲେଶ୍ୱର ସହରରେ ଏହି ସଚେତନତା କାର୍ଯ୍ୟକ୍ରମରେ କ୍ରିୟାନୁଷ୍ଠାନ କମିଟିର ଜିଲା ସଭାପତି ମମତା ମହାପାତ୍ର, ନଗର କମିଟିର ସଂପାଦକ ଚିତ୍ତରଞ୍ଜନ ପଣ୍ଡାଙ୍କ ସମେତ ନିରଞ୍ଜନ ପରିଡ଼ା, ପ୍ରଭାକର ସାହୁ, ଦୀନବନ୍ଧୁ ଲେଙ୍କା, ଗୌରାଙ୍ଗ ପାଣିଗ୍ରାହୀ, ଶ୍ୟାମସୁନ୍ଦର ଜେନା, ସୀତାରାମ ପ୍ରଧାନ, ସରସ୍ୱତୀ ପଣ୍ଡା, ଜ୍ୟୋସ୍ନା ପାଣି ପ୍ରମୁଖଙ୍କ ସମେତ ବହୁ ସଦସ୍ୟ ତଥଶ ଅନ୍ୟାନ୍ୟ ଗଣ ସଂଗଠନର କର୍ମକର୍ତ୍ତାମାନେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ କ୍ରିୟାନୁଷ୍ଠାନ କମିଟିର କର୍ମକର୍ତ୍ତାମାନେ ଜିଲାପାଳଙ୍କୁ ସାକ୍ଷାତ କରି ବରିଷ୍ଠ ନାଗରିକଙ୍କୁ ଅଗ୍ରାଧିକାର ଭିତ୍ତିରେ ଟିକା ପ୍ରଦାନ ବ୍ୟବସ୍ଥା ପାଇଁ ପ୍ରସ୍ତାବ ଦେଇଥିଲେ।

## ନଦୀରୁ ଚୋରା ବାଲି ଉତ୍ତୋଳନ ପ୍ରତିବାଦରେ ଜିଲ୍ଲାପାଳଙ୍କୁ ଗ୍ରାମବାସୀଙ୍କ ଦାବିପତ୍ର

ଜଳେଶ୍ୱର, ୨୦/୭(ନିପ୍ର) : ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅଧିନ ଦକ୍ଷିଣପ୍ରହରାଜପୁର ପଂଚାୟତର ଦକ୍ଷିଣ ପ୍ରହରାଜପୁର ଓ ଗୁଆଗଡିଆ ଠାକୁରାଣୀ ମନ୍ଦିର ନିକଟରୁ ପ୍ରତିଦିନ ବେଆଇନ୍‌ଭାବେ ଶହ ଶହ ଟ୍ରାକ୍ଟରର ଯୋଗେ ଚୋରାରେ ବାଲି ଉତ୍ତୋଳନ ହେଉଛି । ଗ୍ରାମ ନିକଟରେ ସ୍ଲୋର କିମ୍ୱା ପଥର ପେକଂ ନ ଥିବାରୁ ବନ୍ୟା ସମୟରେ ଗାଁ ପ୍ରତି ବିପଦ ସୃଷ୍ଟି ହେଉଛି । ବାଲିମାଫିଆମାନେ ବେଆଇନ୍‌ଭାବେ ମେସିନ୍ ସାହାଯ୍ୟରେ ବନ୍ଧ ନିକଟ ପଠାରୁ ବହୁ ଗଭୀର କରି ବାଲି ଉତ୍ତୋଳନ କରି ପଶ୍ଚିମବଂଗକୁ ଚାଲାଣ କରି ମାଲେମାଲ ହେଉଛନ୍ତି । ଫଳରେ ସରକାରଙ୍କ କୋଟି କୋଟି ଟଙ୍କାର ରାଜସ୍ୱହାନୀ ହେଉଛି । ଗ୍ରାମ୍ୟ ରାସ୍ତା ନଷ୍ଟ ହେବା ସହିତ ତାହା ମରଣଯନ୍ତାରେ ପରିଣତ ହୋଇଛି । ଏ ସମ୍ପର୍କରେ ଗ୍ରାମବାସୀ ତହସିଲଦାର ଥାନା ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଚୋରାବାଲିଚାଲାଣକାରୀଙ୍କ ସଂପର୍କରେ ଅବଗତ କରାଯାଇଥିଲେ ମଧ୍ୟ ସେପରି କୌଣସି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ହେଉନଥିବାରୁ ବାଲିମାଫିଆମାନେ ଦିନକୁ ଦିନ ଅଧିକ ସକ୍ରିୟ ହେଉଛନ୍ତି । ଏପରିକି କିଛି ତହସିଲ କର୍ମଚାରୀଙ୍କ ଇଙ୍ଗିତରେ ଏବଂ ସ୍ଥାନୀୟ ନେତାମାନଙ୍କ ସହାୟତାରେ ଏପରି କାର୍ଯ୍ୟ ଚାଲୁଥିବା ଗ୍ରାମବାସୀମାନେ କହିଛନ୍ତି । ଏ ସମ୍ପର୍କରେ ତହସିଲଦାରଙ୍କୁ ପଚାରିବାରୁ ସେ କହିଲେ ବାଲି ଉତ୍ତୋଳନ ହେଉଥିବା ସ୍ଥାନକୁ ଚଢାଉ ଲାଗି ଯିବାପୂର୍ବରୁ ମାଫିଆମାନେ ଖବର ପାଇ ସାବଧାନ ହୋଇ ଯାଉଛନ୍ତି । ଆଜି ମଂଗଳବାର ଗ୍ରାମବାସୀମାନେ ଏ ସମ୍ପର୍କରେ ଜିଲାପାଳଙ୍କୁ କାର୍ଯ୍ୟାଳୟରେ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଏହାର ପ୍ରତିକାର ନ ହେଲେ ଆସନ୍ତା ଦିନରେ ଗ୍ରାମବାସୀମାନେ ଧାରଣାରେ ବସିବେ ବୋଲି ସାମ୍ବାଦିକ ମାନଙ୍କୁ ସୂଚନା ଦେଇଛନ୍ତି ।

## ବିନା ଭକ୍ତରେ ବାଲିଆପାଳ ଶ୍ରଦ୍ଧା କ୍ଷେତ୍ରରେ ବାହୁଡାଯାତ୍ରା ସମ୍ପନ୍ନ



ବାଲିଆପାଳ,୨୦/୦୭ (ନି.ପ୍ର): ଉ ର ବାଲେଶ୍ୱର ର ପ୍ରସିଦ୍ଧ ବାଲିଆପାଳ ଶ୍ରଦ୍ଧାକ୍ଷେତ୍ରରେ ପବିତ୍ର ବାହୁଡାଯାତ୍ରା ଆଜି ବିନା ଭକ୍ତରେ ସମ୍ପନ୍ନ ହୋଇଛି । କରୋନା କଟକଣା ଯୋଗୁଁ ଚଳିତବର୍ଷ ଶ୍ରଦ୍ଧାକ୍ଷେତ୍ରରେ ରଥଟଣା ହୋଇନଥିବା ବେଳେ ବିଧି ମୂତାବକ ମନ୍ଦିର ପରିସରରେ ରିତିନିତି ଅନୁଯାୟୀ ଏହି ଯାତ୍ରା ସମ୍ପନ୍ନ ହୋଇଛି । ନବଦିନ ଧରି ମନ୍ଦିର ପରିସରରେ ଥିବା ଅସ୍ଥାୟୀ ମାଉସୀବାଡିରେ ଶ୍ରଦ୍ଧାପତି ଶ୍ରୀ ଜଗନ୍ନାଥ,ବଳଭଦ୍ର ଓ ମାତା ସୁଭଦ୍ରା ପୂଜାପାଇ ଶ୍ରଦ୍ଧାକ୍ଷେତ୍ରକୁ ବାହୁଡିଛନ୍ତି । ଆଜି ପ୍ରତ୍ୟୁଷରୁ ପାରମ୍ପରିକରିତିନିତୀରେ ପୂଜାପାଠ, ଆଳତୀ ସୂର୍ଯ୍ୟପୂଜା କରାଯାଇଥିଲା ।ତାପରେ ଶ୍ରୀଜିଓ ମାନଙ୍କର ସ୍ୱତନ୍ତ୍ର ବେଶ କରାଯାଇ ଖେଚୁଡିଭୋଗ ଓ ଧୁପଲାଗି ସଂପାଦିତ ହୋଇଥିଲା । ପରମ୍ପରା ଅନୁଯାଇ ବାଲିଆପାଳ ରଥଯାତ୍ରାର ଉଦ୍ୟୋକ୍ତା ତଥା ମନ୍ଦିରର ପ୍ରତିଷ୍ଠାତା ପୂର୍ବତନ ବିଧାୟକ ଜୟନାରାୟଣ ମହାନ୍ତି ଠାକୁରମାନଙ୍କ ସମ୍ମୁଖରେ ଛେରାପହଁରା କରିଥିଲେ । ଅପରାହ୍ନ ପା ଟାଡିରିଶ ମିନିଟରେ ଠାକୁର ମାନଙ୍କୁ ଗୋଟି ପହଣ୍ଡି କରାଯାଇ ମନ୍ଦିରଭିତରକୁ ନିଆଯାଇଥିଲା ପରେ ବିଧିମୂତାବକ ଠାକୁରଙ୍କ ସମ୍ମୁଖରେ ରସଗୋଲା ଭୋଗ ଲାଗିଥିଲା ଆସନ୍ତାକାଲି ସୁନାବେଶ ଅନୁଷ୍ଠିତ ହେବ । ବାଲିଆପାଳ ହସିଲଦାର ଦୀପକ କୁମାର ଦାସ ମାଜିଷ୍ଟ୍ରେଟ ଦାୟିତ୍ୱ ରେ ରହିଥିଲାବେଳେ ବାଲିଆପାଳ ଏଏସଆଇ ଫକୀର ଚରଣ ପ୍ରଧାନ, ସବଇନିଇପେକ ।ର ଶାରଦା ପ୍ରସନ୍ନ ମୁଦୁଲି ସମେତେ ୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନହୋଇଥିଲା । ମୁଖ୍ୟପୂଜକ ବିଷ୍ଣୁଦାସ ପାଠୀ, ରବିନାରାୟଣ ପାଠୀ, ବଳଦେବପଣ୍ଡା, ସୋମନାଥ ପାଣିଗ୍ରାହୀ, ଭୁବନ ପାଣିଗ୍ରାହୀ ପ୍ରମୁଖ ସେବା କାର୍ଯ୍ୟ କରିଥିଲାବେଳେ ପରିଚାଳନା କମିଟି ପକ୍ଷରୁ ମଧୁସୂଦନ ସାହୁ, ପୂର୍ବତନ ସରପ ମୁରଲୀମୋହନ ସାହୁ, ସରପ ମଧୁସୂଦନ ବାରିକ,ସମିତ ସଦସ୍ୟ ଗିରିଶ ଚନ୍ଦ୍ର ପାତ୍ର, ଜଗନ୍ନାଥ ମହାନ୍ତି, ଇଂସୁଶାନ୍ତ ଚକ୍ରବ ୀ, ପ୍ରଫୁଲ୍ଲସାହୁ, ଅବସରପ୍ରାପ୍ତ ପ୍ରାଧାପକ ହୃଦୟରଞ୍ଜନ ତ୍ରିପାଠୀ କାଳିଚରଣ ଦେ, ପ୍ରିୟନାଥ ସେଠୀ, ସୁଶାନ୍ତ ମହାପାତ୍ର ପ୍ରମୂଖ ପରିଚାଳନାରେ ସହ ଯୋଗ କରିଥିଲେ ।

## ୨୪ ଘଣ୍ଟାରେ ୧୧୩ ସଂକ୍ରମିତ : ଦିନକରେ ଟିକାକରଣ ୮,୪୭୫

ବାଲେଶ୍ୱର,୨୦/୦୭ (ନି.ପ୍ର): ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ସ୍ୱାସ୍ଥ୍ୟ ବିଭାଗର ରିପୋର୍ଟ ଅନୁସାରେ ଗତ ୨୪ ଘଣ୍ଟା ମଧ୍ୟରେ ଜିଲାର ବିଭିନ୍ନ ଅଞ୍ଚଳରୁ ୧୧୩ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଚିହ୍ନଟ ସଂକ୍ରମିତଙ୍କ ମଧ୍ୟରେ ସହରର ଦାମୋଦରପୁରର ୨ଜଣ, ନଳମଗଞ୍ଜରୁ ୨, ସହଦେବଖୁଣ୍ଟାରୁ ୨ଜଣଙ୍କ ସମେତ ବାରାବାଟୀ, ଗୋପାଳଗାଁ, ଷ୍ଟେସନରୋଡ଼୍, ସୁନହଟ ପ୍ରଭୃତି ଅଞ୍ଚଳରୁ ଜଣେ ଲେଖାଏଁ ସଂକ୍ରମିତ ରହିଛନ୍ତି। ଦିନକରେ ବାଲେଶ୍ୱର ପୌରାଞ୍ଚଳରେ୧୦ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାହାନଗା ବ୍ଲକରୁ ଜଣେ, ବାଲିଆପାଳରୁ ୧୯, ବସ୍ତା ବ୍ଲକରୁ ୧୩, ଭୋଗରାଇରୁ ୪, ଜଳେଶ୍ୱରରୁ ୪, ଖଇରାରୁ ଜଣେ, ନୀଳଗିରିରୁ ୧୨, ଔପଦାରୁ ୯, ରେମୁଣାରୁ ୧୦, ସଦରରୁ ୨୧ ଓ ସୋର ବ୍ଲକରୁ ୮ଜଣ ବ୍ୟକ୍ତି ନୂଆ ସଂକ୍ରମିତ ଭାବେ ଚିହ୍ନଟ ହୋଇଛନ୍ତି। ଅଦ୍ୟାବଧି ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୩୬,୯୪୪ରେ ପହଞ୍ଚିଥିବା ବେଳେ ଗତ ଏବେ ସୁଦ୍ଧା ଜିଲାରେ ମୋଟ ୩୫,୧୫୨ଜଣ ସଂକ୍ରମିତ ସୁସ୍ଥ ହୋଇଥିବା ସରକାରୀ ଭାବେ କୁହାଯାଇଛି। ଏବେ ସକ୍ରିୟ ଥିବା ୧୫୮୮ଜଣ କରୋନା ଆକ୍ରାନ୍ତଙ୍କ ମଧ୍ୟରୁ ୧୪୫୫ଜଣ ଗୃହ ସଙ୍ଗରୋଧରେ ଏବଂ ୧୦୩ଜଣ କୋଭିଡ ଡାକ୍ତରଖାନା ଓ କୋଭିଡ ଯତ୍ନ କେନ୍ଦ୍ର ରହି ଚିକିତ୍ସିତ ହେଉଛନ୍ତି। ଗତ ୨୪ଘଣ୍ଟା ମଧ୍ୟରେ କରୋନା ଆକ୍ରାନ୍ତ କୌଣସି ବ୍ୟକ୍ତିଙ୍କୁ ମୃତ୍ୟୁ ଘୋଷଣା ହୋଇନଥିବା ବେଳେ ଜିଲାରେ କରୋନା ଜନିତ ମୃତ୍ୟୁ ସଂଖ୍ୟା ଏବେ ୧୫୯ରେ ସ୍ଥିର ଥିବା ସରକାରୀ ୱେବସାଇଟରେ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଆରମ୍ଭ ହୋଇଥିବା ୩ଦିନିଆ ଟିକାକରଣରେ ଦ୍ୱିତୀୟ ଦିନରେ ଆଜି ୫୨ଟି କେନ୍ଦ୍ରରେ ମୋଟ ୮,୪୭୫ଜଣଙ୍କୁ ଟିକା ପ୍ରଦାନ କରାଯାଇଛି । ଏବେ ସୁଦ୍ଧା ବାଲେଶ୍ୱର ଜିଲ୍ଲାରେ ମୋଟ ୭,୩୮,୯୫୬ଜଣଙ୍କୁ ଟିକା ଦିଆଯାଇଥିବା ବେଳେ ୫,୪୧,୦୭୨ଜଣ ପ୍ରଥମ ପାନ ଓ ୧,୯୭,୮୮୪ଜଣ ଦ୍ୱିତୀୟ ପାନ ଟିକା ନେଇ ସାରିଥିବା ଜଣାପଡିଛି।

## ପଞ୍ଚାୟତ ଜମା ଖାତାରୁ ଟଙ୍କା ଆତ୍ମସାତ ଅଭିଯୋଗ

### ଭିଜିଲାନ୍ସ ତଦନ୍ତ ପାଇଁ କଂଗ୍ରେସର ଦାବିପତ୍ର





ବାଲେଶ୍ୱର,୨୦/୦୭ (ନି.ପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ କଳମା ଗ୍ରାମପଞ୍ଚାୟତରେ ବିଭିନ୍ନ ସରକାରୀ ଯୋଜନାର ଅର୍ଥ ଆତ୍ମସାତ ହୋଇଥିବା ନେଇ ଅଭିଯୋଗ ଆଣିଛି ଜିଲା କଂଗ୍ରେସ। ଆଦିବାସୀ ଅଧୁଷିତ କଳମା ପଞ୍ଚାୟତର ଏବେ ରୀତାଞ୍ଜଳି ବେହେରା ସରପଞ୍ଚ ଥିବା ବେଳେ ତାଙ୍କ ସ୍ୱାମୀଙ୍କୁ ହାତବାରିସ କରି ସ୍ଥାନୀୟ ବିଜେଡି ନେତା ୨୦୧୭ ମସିହାରୁ ଅଦ୍ୟାବଧି ୩୩ ଲକ୍ଷରୁ ଅଧିକ ଟଙ୍କା ହଡ଼ପ କରିଥିବା ନେଇ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପିସିସି ମୁଖପାତ୍ର ସୁଦର୍ଶନ ଦାସ ଆଜି ସୂଚନା ଦେଇଛନ୍ତି। ବିଭିନ୍ନ ଯୋଜନାର ପ୍ରକଳ୍ପ କାର୍ଯ୍ୟ ପାଇଁ ଦୁଇଗୋଟି ବ୍ୟାଙ୍କରେ ଥିବା ଜମା ଟଙ୍କାରୁ ଅଦ୍ୟାବଧି ୩୩ଲକ୍ଷ ୫ହଜାର ୭୩୧ ଟଙ୍କା ଉଠାଯାଇଥିବା ସେ ପ୍ରକାଶ କରିଛନ୍ତି। ସରପଞ୍ଚଙ୍କ ସ୍ୱାମୀ ଲକ୍ଷ୍ମୀନାରାୟଣ ବେହେରା ଓ ପଞ୍ଚାୟତ ଅଫିସ ପିଅନ ଗୌର ଚରଣ ହୁଙ୍କ ନାମରେ ଏହି ଅର୍ଥ ଉଠାଯାଇଛି। ଏହି ଦୁଇ ବ୍ୟକ୍ତିଙ୍କ ନାମରେ କୌଣସି ସରକାରୀ ପ୍ରକଳ୍ପ କାର୍ଯ୍ୟ ହୋଇନଥିବା ବେଳେ ଏତେ ଟଙ୍କା ଉଠାଣର ଉଦ୍ଦେଶ୍ୟ କ'ଣ ବୋଲି କଂଗ୍ରେସ ପକ୍ଷରୁ ଆରୋପ ହୋଇଛି। କେବଳ ଏହି ନଗଦ ଜମା ହରିଲୁଟ ନୁହେଁ ବରଂ ଏହି ପଞ୍ଚାୟତର ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ନ ହୋଇ କିମ୍ବା ସ୍ୱଳ୍ପ କାର୍ଯ୍ୟ କରି ସମସ୍ତ ବିଲ ଅର୍ଥ ଉଠାଯାଇଥିବା କଂଗ୍ରେସ ନେତା ଶ୍ରୀ ଦାସ ଅଭିଯୋଗ କରିଛନ୍ତି। ସରପଞ୍ଚ, ତାଙ୍କ ସ୍ୱାମୀ ଓ ପଞ୍ଚାୟତ ପିଅନଙ୍କ ନାମରେ ସମସ୍ତ ଦୁର୍ନୀତି ସ୍ଥାନୀୟ ବିଜେଡି ନେତା କରିଥିବା ସେ କହିଛନ୍ତି। ସ୍ୱଚ୍ଛତାର ପ୍ରତୀକ ଭାବେ ରାଜ୍ୟ ସରକାରଙ୍କ ପକ୍ଷରୁ ୫-ଟି ଓ ମୋ ସରକାର କାର୍ଯ୍ୟକ୍ରମ ଜାରି ରହିଥିବା ବେଳେ ଏଭଳି ଦୁର୍ନୀତିକୁ କିପରି ବରଦାସ୍ତ କରାଯାଉଛି, ତାହାକୁ ନେଇ କଂଗ୍ରେସ ପକ୍ଷରୁ ପ୍ରଶ୍ନ କରାଯାଇଛି। ତୁରନ୍ତ ଏହି ଦୁର୍ନୀତିର ଉଚ୍ଚସ୍ତରୀୟ ତଦନ୍ତ ସହ ଅଭିଯୁକ୍ତ ବିରୋଧରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ କଂଗ୍ରେସ ଦାବି କରିଛି। ଜିଲା କଂଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଦାସଙ୍କ ସମେତ ଜିଲା କଂଗ୍ରେସ ସଭାପତି ସଂଜୀବ ଗିରି, ଜଳେଶ୍ୱର ବ୍ଲକ ସଭାପତି ରାଜୀବ ପରିଡ଼ାଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ। ପରେ କଂଗ୍ରେସର କର୍ମକର୍ତ୍ତା ଓ ସଦସ୍ୟମାନେ ଦୁର୍ନୀତି ନିବାରଣ ବିଭାଗ ଏସପିଙ୍କୁ ସାକ୍ଷାତ ସହ ଏହି ଦୁର୍ନୀତିର ତଦନ୍ତ ପାଇଁ ଦାବି କରିଥିଲେ। ଏନେଇ ଦଳ ପକ୍ଷରୁ ଏକ ଦାବିପତ୍ର ଏସପିଙ୍କୁ ପ୍ରଦାନ କରାଯାଇଥିଲା। ତୁରନ୍ତ ଉଚିତ ପଦକ୍ଷେପ ଗ୍ରହଣ କରା ନଗଲେ ଆଗାମୀ ଦିନରେ କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇବ ବୋଲି କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି।

## ପୁଣି ୧୭୫ ଗ୍ରାମ ବ୍ରାଉନସୁଗାର ଜବତ, ଜଣେ ଗିରଫ

ଭଦ୍ରକ,୨୦/୦୭ (ନି.ପ୍ର): ଆଜି ପୁଣିଥରେ ଏହି ଜିଲାର ତିହିଡି ଅଂଚଳରୁ କଟକ କେନ୍ଦ୍ରା ଳ ଅବକାରୀ ଗୁଇନ୍ଦା ବିଭାଗ ପକ୍ଷରୁ ଚଢାଉ କରାଯାଇ ୧୭୫ ଗ୍ରାମ ବ୍ରାଉନସୁଗାର ଜବତ ସହ ଜଣେ ବାଇକ୍ ଚାଳକକୁ ଗିରଫ କରାଯାଇଛି। ଏ ସଂପର୍କରେ ମିଳିଥିବା ତଥ୍ୟ ଅନୁସାରେ କଟକ କେନ୍ଦ୍ରାଂଚଳ ଅବକାରୀ ଗୁଇନ୍ଦା ବିଭାଗର ଥାନାଧିକାରୀ ଜଗଦୀଶ ଚନ୍ଦ୍ର ସାମଲଙ୍କ ଏସ୍‌ଆଇ ସୌମ୍ୟରଂଜନ ସିଂ ଭୋଇ, କନେଷ୍ଟବଳ କିଶୋର ଚନ୍ଦ୍ର ରାଉତ, ପୂର୍ଣ୍ଣଜିତ୍ ମହାପାତ୍ର, ସଂଜିତ୍ କୁମାର ମୁଣ୍ଡା, ଜଗନ୍ନାଥ ନାୟକ ପ୍ରମୁଖ ଏକ ସ୍ୱତନ୍ତ୍ର ଟିମ୍ କୌଣସି ସୂତ୍ରରୁ ଖବର ପାଇ ତିହିଡି ଥାନା ଅଧୀନସ୍ଥ ଗୁଆମାଳ ଶିବ ମନ୍ଦିର ପାଖ ରାସ୍ତା ନିକଟରୁ ସ୍ଥାନୀୟ ଭୂୟାଁଉଆସ ନିବାସୀ ତପନ କୁମାର ବେହେରା ନାମକ ଜଣେ ବାଇକ୍ ଚାଳକ ଉପରେ ଚଢାଉ କରିଥିଲେ। ଏବଂ ତା ନିକଟରୁ ୧୭୫ ଗ୍ରାମ ବ୍ରାଉନସୁଗାର, ଯାହାର ଆନୁମାନିକ ମୂଲ୍ୟ ୧୭ ଲକ୍ଷ ଟଙ୍କା ହେବ ଜବତ ହୋଇଛି।

## ରାଜ୍ୟରେ ଆୟୁଷ୍ମାନ ଭାରତ ଯୋଜନା ଲାଗୁକରିବା ପାଇଁ ବଜରଙ୍ଗ ସେନାର ଦାବି





ବାରିପଦା,୨୦/୦୭ (ନି.ପ୍ର): ରାଜ୍ୟରେ ଆୟୂଷ୍ମାନ ଭାରତ ଯୋଜନା ଲାଗୁ କରିବା ଦାବି ଏବେ ଯୋର ଧରିଛି । ଏହି ପରିପ୍ରେକ୍ଷୀରେ ମୟୂରଭଞ୍ଜ ଜିଲ୍ଲାରେ ମଧ ବଜରଙ୍ଗ ଦଳ ପକ୍ଷରୁ ଶିଘ୍ର ଆୟୂଷ୍ମାନ ଯୋଜନା ଲାଗୁ କରିବା ପାଇଁ , ଆଜି ପୂର୍ବାହ୍ନରେ ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି । ସମ୍ପ୍ରତି କରୋନା ମହାମାରୀ ସମୟରେ ଜିଲ୍ଲାରେ ଗରୀବ ଜନସାଧାରଣ ରାଜ୍ୟରେ ସରକାର ଲାଗୁ କରିଥିବା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ବୀମାର ସୁଫଳ ପାଇବାରୁ ବଞ୍ଚିତ ହେଉଛନ୍ତି । ତେଣୁ କେନ୍ଦ୍ର ସରକାରଙ୍କ ପ୍ରଦତ୍ତ ବିଶ୍ୱର ସର୍ବ ବୃହତ୍ ସ୍ୱାସ୍ଥ୍ୟ ବୀମା ଆୟୂଷ୍ମାନ ଭାରତ ଯୋଜନା ଶିଘ୍ର ଲାଗୁ କରିବା ପାଇଁ ଦାବୀ କରିଛି ବଜରଙ୍ଗ ସେନା । ବଜରଙ୍ଗ ସେନାର ଅଧ୍ୟକ୍ଷ କୁମାର ମଙ୍ଗଳମ, ରାଜ୍ୟ ସଭାପତି କାର୍ତିକ ମହାନ୍ତ, ଜିଲ୍ଲା ସଭାପତି ସାଗର କୁମାର ପାତ୍ର, ଜିଲ୍ଲା ମହିଳା ସଭାନେତ୍ରୀ ପାୟେଲ ରାୟ ପ୍ରମୁଖଙ୍କ ନେତୃତ୍ୱରେ ବହୁ ବଜରଙ୍ଗ ସେନା ର କର୍ମୀ ଧାରଣାରେ ଅଂଶଗ୍ରହଣ କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା।
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo